

ନିଖିଲଙ୍କ ଫିଲ୍ମରେ କାର୍ତ୍ତିକ
▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-209 ◆SATURDAY ◆24 JANUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୦୯ ◆ଶନିବାର ◆୨୪ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ପ୍ରାଣଘାତୀ ପ୍ରଦୂଷଣ

# ବର୍ଷକୁ ଯାଉଛି ୧୭ ଲକ୍ଷ ଜୀବନ

## ଧୂଳି, ଧୂଆଁରେ ଦେଶ ବର୍ଷକୁ ହରାଉଛି ୩୦ ଲକ୍ଷ କୋଟି



■ ଡାଭୋସ୍, ୨୩।୧ (ଏଜେନ୍ସି): ପ୍ରଦୂଷଣ ଏବେ ମହାମାରୀର ରୂପ ନେଇଛି। ଏହା ଦିନକୁ ଦିନ ଭୟଙ୍କର ସ୍ଥିତି ସୃଷ୍ଟି କରୁଛି। ଅକାଳରେ ଲୋକଙ୍କ ଜୀବନ ନେଇଯାଉଛି। ଅନେକ ଶ୍ୱାସକ୍ରିୟା ଜନିତ ସମସ୍ୟାରେ ପଡୁଛନ୍ତି। ପ୍ରତିବର୍ଷ ପ୍ରଦୂଷଣ ଭାରତରେ ୧୭ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ପାଲଟୁଛି। ୨୦୨୨ରେ ୱାର୍ଲ୍ଡ ବ୍ୟାଙ୍କ୍ ଦେଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ଏହା ଦେଶର ହେଉଥିବା ସମସ୍ତ ମୃତ୍ୟୁର ୧୮ ପ୍ରତିଶତ। ବୁଧବାର ଡାଭୋସରେ ଭାରତୀୟ ଗଣମାଧ୍ୟମଗୁଡ଼ିକ ସହ କଥା ହେବା ବେଳେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୀତା ଗୋପୀନାଥ ଏହା କହିଛନ୍ତି। ଟାରିଫ୍ ଅପେକ୍ଷା ଭାରତ ପ୍ରଦୂଷଣ ଅଧିକ ବିପଜ୍ଜନକ ବୋଲି ସେ କହିଛନ୍ତି।

ଗୋପୀନାଥ ସ୍ୱିଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ରେ ଯୋଗ ଦେବାକୁ ଆସିଥିଲେ। ଏହି ଅବସରରେ ସେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଯେତେବେଳେ ନୂଆ ବ୍ୟବସାୟ ଓ ଅର୍ଥନୈତିକ ଅଭିବୃଦ୍ଧିର କଥା ଆସେ ସେତେବେଳେ ଆଲୋଚନା ପ୍ରାୟତଃ ବାଣିଜ୍ୟ, ଶୁଳ୍କ ଓ ନିୟମାବଳୀ ପର୍ଯ୍ୟନ୍ତ ସୀମିତ ଥାଏ। କିନ୍ତୁ ପ୍ରଦୂଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରାଯାଇଥାଏ। ଗତବର୍ଷ ଲାନସେଟ୍ କାଉଣ୍ଟଡାଉନ୍ ରିପୋର୍ଟ ଆକଳନ କରିଥିଲା ଯେ, ବାହ୍ୟ ପ୍ରଦୂଷଣ (ପିଏମ୍୨.୫, ଧୂଆଁ, ଯାନବାହାନ ପ୍ରଦୂଷଣ ଓ କାରଖାନା) ଯୋଗୁଁ ଭାରତରେ ୩୦ ଲକ୍ଷ କୋଟି ଟଙ୍କାର କ୍ଷତି ହେଉଛି। ଗୋପୀନାଥ କହିଛନ୍ତି ଯେ ପ୍ରଦୂଷଣ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଦେଶର ବିକାଶକୁ ଦୀର୍ଘକାଳୀନ ଭାବେ କ୍ଷତି ପହଞ୍ଚାଇଥାଏ। ବିଦେଶ ନିବେଶକମାନେ ଭାରତରେ ନିବେଶ କରିବା ପୂର୍ବରୁ ପ୍ରଦୂଷଣକୁ ନେଇ ଗୁରୁତର ଭାବେ ଚିନ୍ତା କରିଥାନ୍ତି। ତେଣୁ ପ୍ରଦୂଷଣ ଏବେ ନିବେଶକଙ୍କୁ ମଧ୍ୟ ପ୍ରଭାବିତ କରୁଛି। ଭାରତ ନିଜକୁ ଏକ ବିଶ୍ୱସ୍ତରୀୟ ଅର୍ଥନୈତିକ ଓ ଉତ୍ପାଦନ କେନ୍ଦ୍ର ଭାବେ ଉପସ୍ଥାପନ କରୁଥିବା ବେଳେ ▶ପୃଷ୍ଠା-୭

# ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଛାଡ଼ିଲା ଆମେରିକା

■ ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ପୁଣି ବିଚଳିତ କରିବା ଭଳି ନିଷ୍ପତ୍ତି ନେଇଛି। ଏବେ ଏହି ଦେଶ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ରୁ ବାହାରି ଯାଇଛି। ଏହି ସଂଗଠନରେ ପୁଣି ସାମିଲ ହେବାର କୌଣସି ଯୋଜନା ନାହିଁ ବୋଲି ଆମେରିକା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଏହି ସଂଗଠନ ରୋଗର ପ୍ରସାର ରୋକିବାରେ, ନିୟନ୍ତ୍ରଣ କରିବାରେ ଏବଂ ସୂଚନା ଦେବାରେ ବିଫଳ ହୋଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ମାତ୍ର ଅନେକ ଦେଶ ଉପରେ ଶୁଳ୍କ ଲଗାଇ କୋଟି କୋଟି ଟଙ୍କା ଆଦାୟ କରିଥିବା ଆମେରିକା 'ହୁ'ର ବକେୟା ଦେବାକୁ ମନା କରିଦେଇଛି। 'ହୁ'କୁ ଆମେରିକା ୨୩୮୦ କୋଟିରୁ ଅଧିକ ଟଙ୍କା ଦେବାର ଥିଲା। ଏହା ଦେବ ନାହିଁ ବୋଲି ଆମେରିକା ରୋକଠୋକ୍ କହିଦେଇଛି।



### ୨୩୮୦ କୋଟିର ବକେୟା ଦେଲାନି

ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ 'ହୁ'କୁ ଆବଶ୍ୟକତାଠାରୁ ଅଧିକ ଟଙ୍କା ଦିଆଯାଇଛି। ସଂଗଠନ ଛାଡ଼ିବା ପୂର୍ବରୁ ମଧ୍ୟ ଅର୍ଥ ଦେବା ଜରୁରୀ ନୁହେଁ। ମାତ୍ର ଆମେରିକା ନିୟମ ଅନୁଯାୟୀ, କୌଣସି ସଂଗଠନ ଛାଡ଼ିବାର ଏକ ବର୍ଷ ପୂର୍ବରୁ ▶ପୃଷ୍ଠା-୭

## ମହାନଦୀ ପ୍ରସଙ୍ଗରେ ସରକାରଙ୍କ ସାଂଘାତିକ ଖେଳ

# ସର୍ବଦଳୀୟ ବୈଠକ ବାତିଲ କଲେ ରାଜ୍ୟ ସରକାର

- ତେଜିଲା ଟ୍ରିବ୍ୟୁନାଲ୍ କାର୍ଯ୍ୟକାଳ ସଂକ୍ରାନ୍ତ ଚିଠି ବିବାଦ
- ଜଳସମ୍ପଦ ବିଭାଗର ଅପାରଗତା ଧରାଇଲେ ରାଜସ୍ୱ ମନ୍ତ୍ରୀ
- ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କଲା ବିଜେଡି
- ମହାନଦୀରେ ବାଲି ବନ୍ଧ ଭାଙ୍ଗିବ 'ମହାନଦୀ ବଞ୍ଚାଅ'

■ ଭୁବନେଶ୍ୱର, ୨୩।୧ (ସମିସ): ରାଜ୍ୟ ସରକାର ମହାନଦୀକୁ ନେଇ ଆରମ୍ଭ କରିଛନ୍ତି ଖେଳ। ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ହେବ ବୋଲି କହୁଥିବା ସରକାର ଓ ଶାସକ ଦଳର ନେତାମାନେ ଜାଣିଶୁଣି ମହାନଦୀ ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ସହ ଖେଳ ଖେଳି ଚାଲିଛନ୍ତି। ଏକପଟେ ମହାନଦୀ ବିବାଦ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ଚିଠି ନ ଲେଖି ଅଡୁଆରେ ପଡ଼ିଥିବା ସରକାର ରାଜ୍ୟରେ ସର୍ବଦଳୀୟ ବୈଠକକୁ ବାତିଲ କରିଛନ୍ତି। ଯାହା ସରକାରଙ୍କ ଆଭିମୁଖ୍ୟକୁ ନେଇ ଅଧିକ ସନ୍ଦେହ ସୃଷ୍ଟି କରିଛି। ରାଜ୍ୟ ସ୍ୱାର୍ଥ ସହ ତିଳେ ମାତ୍ର ସାଲିସ କରାଯିବ ନାହିଁ ବୋଲି ବାହାସ୍ଫୋଟ ମାରୁଥିବା ଶାସକ ଦଳର ନେତାମାନେ ଏହି ପ୍ରସଙ୍ଗରେ ରହସ୍ୟମୟ ଭାବରେ ନିରବ। ମହାନଦୀ ପ୍ରସଙ୍ଗରେ ସରକାର ଏବେ ତିନି ଆଡୁ ବିବାଦରେ ଫସିବା ପରେ କେଉଁ ରାସ୍ତା ଦେଇ ମୁକୁଳିବେ ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି।

ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ ସହ ପୂର୍ବ ବିଜେଡି ସରକାର ଆଇନଗତ ▶ପୃଷ୍ଠା-୭

## ରାଜ୍ୟସଭା ନିର୍ବାଚନ

# ୪ର୍ଥ ଆସନ ଗଣିତ ଅସ୍ପଷ୍ଟ

- ବିଜେପିକୁ ୨ ଓ ବିଜେଡିକୁ ଗୋଟିଏ ଆସନ ନିଶ୍ଚିତ
- କଂଗ୍ରେସ ସମର୍ଥନରେ ବିଜେଡି ଜିଣିପାରେ ୪ର୍ଥ ଆସନ
- ନିର୍ଦ୍ଦଳୀୟଙ୍କୁ ସମର୍ଥନ ଦେଇପାରନ୍ତି ବିଜେଡି-କଂଗ୍ରେସ
- ନିର୍ବିବାଦୀୟ ସ୍ୱାଧୀନଙ୍କୁ ସମର୍ଥନ ଦେଇପାରନ୍ତି ୩ ଦଳ

■ ଭୁବନେଶ୍ୱର, ୨୩।୧ (ସମିସ): ଆସନ୍ତା ଏପ୍ରିଲ ମାସରେ ହେବାକୁଥିବା ରାଜ୍ୟସଭା ନିର୍ବାଚନ ଅକସ୍ମାତ ରାଜ୍ୟ ରାଜନୀତିକୁ ସରଗରମ କରିଛି। ଖାଲି ହେବାକୁ ଥିବା ୪ଟି ଆସନ ମଧ୍ୟରୁ ସଂଖ୍ୟା ଦୃଷ୍ଟିରୁ ୨ଟି ଆସନରେ ବିଜେପି ଓ ଗୋଟିଏ ଆସନରେ ବିଜେଡିର ବିଜୟ ନିଶ୍ଚିତ। ତେବେ ୪ର୍ଥ ଆସନ ପାଇଁ ବିଜେପି ବା ବିଜେଡି ନିକଟରେ ଆବଶ୍ୟକ ସମର୍ଥନ ନାହିଁ। କଂଗ୍ରେସ ବା ବିଜେପି ସମର୍ଥନ କଲେ ୪ର୍ଥ ଆସନ ବିଜେଡି ଦଖଲ କରିପାରିବ କିମ୍ବା ବିଜେଡି ସମର୍ଥନ କଲେ କଂଗ୍ରେସ ବା ବିଜେପିର ପ୍ରାର୍ଥୀ ଏହି ଆସନରେ ବିଜୟୀ ହୋଇ ପାରିବେ। ଅନ୍ୟପକ୍ଷରେ ବିଜେଡି ସହଯୋଗରେ ▶ପୃଷ୍ଠା-୭

# କଲରାପତରିଆ ବାଘ ଛାଲ ଜବତ, ୩ ଗିରଫ



■ କୋଷାଗୁମୁଡା, ୨୩।୧ (ସମିସ): କୋଷାଗୁମୁଡା ବ୍ଲକର କୋଡିଙ୍ଗା ବନବିଭାଗ ଏକ କଲରାପତରିଆ ବାଘ ଛାଲ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଏହି ବାଘ ଛାଲକୁ ୫ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଡିଲ୍ ହେଉଥିବା ବେଳେ ବନ ବିଭାଗ ଚଢ଼ଉ କରିଥିଲା। ଏସିଏଫ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ବନବିଭାଗ ଏବଂ କୋଡିଙ୍ଗା ପୁଲିସକୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ▶ପୃଷ୍ଠା-୭

**୫ ଲକ୍ଷ ଟଙ୍କାରେ ଡିଲ୍ ବେଳେ ମାଡ଼ିବସିଲା ବନ ବିଭାଗ**

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଛାଡ଼ପତ୍ରପ୍ରାପ୍ତ ଝିଅଙ୍କୁ ମିଳିବ ପରିବାର ପେନ୍‌ସନ୍

■ କଟକ, ୨୩।୧ (ସମିସ): ପେନସନ ପାଉଥିବା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କର ନିର୍ଭରଶୀଳ ଛାଡ଼ପତ୍ରପ୍ରାପ୍ତ ବିବାହିତ ଝିଅ ପରିବାର ପେନସନ ପାଇବା ପାଇଁ ଯୋଗ୍ୟ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କେବଳ ଛାଡ଼ପତ୍ର ଡିଗ୍ରୀ ମିଳିବାରେ ବିଳମ୍ବ ହେବା କାରଣରୁ ଜଣେ ଅସହାୟ ଝିଅକୁ ପରିବାର ପେନସନରୁ ବଞ୍ଚିତ କରାଯାଇପାରିବ ନାହିଁ। ଯଦି ଜଣେ ଝିଅ ବିବାହ ବିଚ୍ଛେଦ ମାମଲା ଚାଲିଥିବା ବେଳେ ଶାଶୁ ଘରୁ ବାହାରି ଆସି ନିଜ ବାପା-ମା'ଙ୍କ ଉପରେ ନିର୍ଭରଶୀଳ ଥିଲେ, ତେବେ ତାଙ୍କୁ ପେନସନ ପାଇବାର ଅଧିକାରରୁ ବଞ୍ଚିତ କରିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ବିଶ୍ୱମିତ୍ରା ଧଳ ଏବଂ ଅନ୍ୟମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ରାୟ ଦେଇଛନ୍ତି। ଏଥିସହ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦ୍ୱାରା ଆବେଦନକାରୀଙ୍କ ଦାବିପତ୍ର ଉପରେ ଜାରି ପ୍ରତ୍ୟାଖ୍ୟାନ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କୁ ୮ ସପ୍ତାହ ମଧ୍ୟରେ ବକେୟା ସହ ପରିବାର ପେନସନ ପ୍ରଦାନ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଆବେଦନକାରୀଙ୍କ ପିତା କୃଷି ବିଭାଗରେ ଓଭରସିଅର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ତାଙ୍କର ମୃତ୍ୟ ତଥା ୨୦୧୧ଡିସେମ୍ବର୩୧ ପର୍ଯ୍ୟନ୍ତ ପେନସନ ପାଉଥିଲେ। ଏହାପରେ ଆବେଦନକାରୀଙ୍କ ମା ୨୦୧୯ ଜୁନ ୯ ପର୍ଯ୍ୟନ୍ତ ପରିବାର ପେନସନ ପାଇ ମୃତ୍ୟୁବରଣ କରିଥିଲେ। ଏହା ପରେ ଆବେଦନକାରୀ ତଥା ମୃତ କର୍ମଚାରୀଙ୍କ ଛାଡପତ୍ର ପାଇଥିବା ବିବାହିତ ଝିଅ ପରିବାର ପେନସନ ପାଇଁ ଆବେଦନ କରିଥିଲେ ସୁଦ୍ଧା ଏହାକୁ ଖାରଜ କରାଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ▶ପୃଷ୍ଠା-୭

## ମୟୂରଭଞ୍ଜ ଜିଲ୍ଲାରେ ମାତୃ ମୃତ୍ୟୁହାର ରାଜ୍ୟରେ ସର୍ବାଧିକ

# ୩ ମାସରେ ଗଲାଣି ୨୦ ମା'ଙ୍କ ଜୀବନ

■ ବାରିପଦା, ୨୩।୧ (ମନୋଜ ପଣ୍ଡା): ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲାର ମାତୃ ମୃତ୍ୟୁହାର ଅନ୍ୟ ଜିଲ୍ଲା ଅପେକ୍ଷା ସର୍ବାଧିକ ରହିଛି। ଯାହା ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ଗତ ୩ ମାସ ମଧ୍ୟରେ କେବଳ ୨୦ ଜଣ ମାଆ ପ୍ରସବ ପରେ ମୃତ୍ୟୁବରଣ କରିଛନ୍ତି। ଏପ୍ରିଲଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ମୋଟ ୫୧ ଜଣ ପ୍ରସୂତି ପ୍ରସବ ପରବର୍ତ୍ତୀ ଜଟିଳତା ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ଫଳରେ ସମାନ ସଂଖ୍ୟକ ନବଜାତ ଶିଶୁ ମାଆ ଛେଉଣ୍ଡ ହୋଇଛନ୍ତି। ଏହି ସଂଖ୍ୟା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ମାତୃ ସ୍ୱାସ୍ଥ୍ୟ ସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲାକୁ ଏ ନେଇ କୈଫିୟତ ମାଗିଥିବା ଜଣାପଡ଼ିଛି।

ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାରେ ଗ୍ରାମାଞ୍ଚଳରେ ଚିକିତ୍ସା ସୁବିଧାର ଅଭାବ, ସମୟାନୁକୂଳ ହସ୍ପିଟାଲ୍ ପହଞ୍ଚିବାରେ ବିଳମ୍ବ, ଅପର୍ଯ୍ୟାପ୍ତ ଗର୍ଭାବସ୍ଥା ଯତ୍ନ (ଆଣ୍ଟିନାଟାଲ୍ କେୟାର୍), ରକ୍ତହୀନତା, ଉଚ୍ଚ ରକ୍ତଚାପଜନିତ ଜଟିଳତା ଓ ଅନ୍ୟାନ୍ୟ କାରଣରୁ ଏଭଳି ମୃତ୍ୟୁହାର ବୃଦ୍ଧିର କାରଣ ବୋଲି ଜଣାପଡ଼ିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ହେଁ ମୟୂରଭଞ୍ଜରେ ଏହା ଆଖିଦୃଶିଆ ଫଳପ୍ରଦ ହେଉନାହିଁ।

**ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୫୧ ନବଜାତକ ମା' ଛେଉଣ୍ଡ**

ମିଳିଥିବା ରିପୋର୍ଟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଡିସେମ୍ବର ମାସ ମଧ୍ୟରେ ୩୯ ହଜାର ୯୩୬ ଜଣ ପଞ୍ଜିକୃତ ଗର୍ଭବତୀଙ୍କ ପାଖରୁ ଶିଶୁ ଜନ୍ମ ନେଇଛନ୍ତି। ତେବେ ୫୧ ଜଣ ମା'ଙ୍କ ଜନ୍ମ ଦେବା ପରେ ମୃତ୍ୟୁ ଘଟିଛି। ଏପ୍ରିଲ ମାସରେ ଜିଲ୍ଲାରେ ୫ ଜଣ ମା'ଙ୍କ ମୃତ୍ୟୁ ଘଟିଥିବାବେଳେ ମେ ଓ ଜୁନରେ ୭ ଜଣ ଲେଖାଏଁ, ଜୁଲାଇରେ ୨ ଜଣ, ଅଗଷ୍ଟରେ ୬ ଜଣ, ସେପ୍ଟେମ୍ବରରେ ୫ ଜଣ, ଅକ୍ଟୋବରରେ ସର୍ବାଧିକ ୮ ଜଣ ଥିବାବେଳେ ନଭେମ୍ବର ଓ ଡିସେମ୍ବର ମାସରେ ୬ ଜଣ ଲେଖାଏଁ ପ୍ରସୂତୀ ମା'ଙ୍କ ମୃତ୍ୟୁ ଘଟିଛି। ଏହି ସମୟରେ ବିଜାତଳା ବ୍ଲକରେ ସର୍ବାଧିକ ୬ ଜଣ, ସାରସକଣା ବ୍ଲକ୍‌ରେ ୫ ଜଣ, ବେତନଟୀ ଓ ▶ପୃଷ୍ଠା-୭




## ଶାନ୍ତି ପରେ ଯୁଦ୍ଧ ମୁଦ୍ରାରେ ଟ୍ରମ୍ପ

ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥା ଏବଂ କାମରେ ତାଳମେଳ ରହୁନି। ସେଥିପାଇଁ ତାଙ୍କୁ ଆଡ଼ବାୟା କୁହାଯାଉଛି। ଗୋଟିଏ ପଟେ ସେ ଶାନ୍ତିର କଥା କହୁଥିବାବେଳେ ଅନ୍ୟପଟେ ଯୁଦ୍ଧ ପ୍ରସ୍ତୁତି କରୁଛନ୍ତି। ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟକୁ ଦେଖି ବିଚଳିତ ହୋଇଯାଇଛି। ଡାଭୋସରେ ଆୟୋଜିତ ବିଶ୍ୱ ଆର୍ଥିକ ମଞ୍ଚରୁ ସେ ଶାନ୍ତି ବୋର୍ଡ ଗଠନ ଘୋଷଣା କରିଥିଲେ। ମାତ୍ର ୨୪ ଘଣ୍ଟା ଭିତରେ ତାଙ୍କ ଆଭିମୁଖ୍ୟ ବଦଳି ଯାଇଛି। ଏବେ ସେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସଙ୍କେତ ଦେଇଛନ୍ତି। ପଶ୍ଚିମ ଏସିଆରେ ଆମେରିକା ସେନା ଠୁଳ କରୁଛି। ଏହା ଚରମ ସଂଘର୍ଷର ରୂପ ନେଇପାରେ ବୋଲି କୁହାଯାଉଛି। ଉତ୍ତେଜନା ମଧ୍ୟରେ ଆମେରିକା ବିମାନବାହୀ ଯୁଦ୍ଧ ଜାହାଜ ଆବ୍ରାହାମ ଲିଙ୍କନ ଏବଂ ଅନ୍ୟ ସାମରିକ ଉପକରଣ ପଠାଇଛି। ଆବ୍ରାହାମ ଲିଙ୍କନରେ ପାଞ୍ଚ ହଜାର ସୈନିକ ରହିପାରିବେ। ଏଥିରେ ଅନେକ କ୍ଷେପଣାସ୍ତ୍ର, ଯୁଦ୍ଧ ଜାହାଜ ଏବଂ ହେଲିକପ୍ଟର ମଧ୍ୟ ମୁତୟନ ରହିଛି। ଏହା ବ୍ୟତୀତ ଜୋର୍ଡାନ ଏବଂ କାତାର ଭଳି ସହଯୋଗୀଙ୍କ ଠିକଣାରେ ଏଫ-୧୫ଇ ଷ୍ଟ୍ରାଇକ ଇଗଲ, ଏ-୧୦ ଥଣ୍ଡରବୋଲ୍ଟ ୨ ବିମାନ ମୁତୟନ କରିଛି। ମାତ୍ର ଆମେରିକା ଅଧିକାରୀ ଏହାକୁ ସତର୍କତାମୂଳକ ପଦକ୍ଷେପ କହୁଛନ୍ତି। କିନ୍ତୁ ଇରାନର ବାରମ୍ବାର ଧମକ ଏବଂ ବିକ୍ଷୋଭ ପ୍ରଦର୍ଶନକାରୀଙ୍କ ନିନ୍ଦା ଟ୍ରମ୍ପଙ୍କୁ ବିଚଳିତ କରୁଥିବା କୁହାଯାଉଛି।

## ଜନଗଣନାରେ ୩୩ଟି ପ୍ରଶ୍ନ ପଚାରିବେ ସରକାର

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): କେନ୍ଦ୍ର ସରକାର ଜାତୀୟ ଜନଗଣନା ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଲୋକଙ୍କୁ ୩୩ଟି ପ୍ରଶ୍ନ ପଚରାଯିବ ବୋଲି କୁହାଯାଇଛି। ଏହି ପ୍ରଶ୍ନଗୁଡ଼ିକରେ ବାସସ୍ଥାନ, ପରିବାର ଓ ଯାନବାହାନ ସମ୍ପର୍କିତ ପ୍ରଶ୍ନ ଅନ୍ତର୍ଭୁକ୍ତ। ଜନଗଣନା ସମୟରେ ପରିବାରର ମୁଖ୍ୟଙ୍କୁ ହିଁ ଏହି ପ୍ରଶ୍ନର ଉତ୍ତର ଓ ବିଭିନ୍ନ ସୂଚନା ଦେବାକୁ ହେବ। ଏହି ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ ବୋଲି ସରକାର ପୂର୍ବରୁ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ଘର ତାଲିକାଭୁକ୍ତ କରିବା ଓ ପରିବାରର ତଥ୍ୟ ସଂଗ୍ରହ ଅନ୍ତର୍ଭୁକ୍ତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଫେବୃଆରୀ ଜନସଂଖ୍ୟା ଗଣନା ସହ ଆରମ୍ଭ ହେବ।

## ପାକିସ୍ତାନରେ ମୃତ୍ୟୁ ବାଣ୍ଟୁଛନ୍ତି ୬ ଲକ୍ଷ ନକଲି ଡାକ୍ତର

ଇସଲାମାବାଦ, ୨୩।୧ (ଏଜେନ୍ସି): ପାକିସ୍ତାନରେ ଚିକିତ୍ସା ନାମରେ ଗାଁଠୁ ସହର ପର୍ଯ୍ୟନ୍ତ ବିପଜ୍ଜନକ ଖେଳ ଚାଲିଛି। ବିନା ଡିଗ୍ରୀ, ଲାଇସେନ୍ସ ଏବଂ ପର୍ଯ୍ୟବେକ୍ଷଣରେ ଲକ୍ଷାଧିକ ଲୋକ ନିଜକୁ ଡାକ୍ତର କହି ଚିକିତ୍ସା କରାଉଛନ୍ତି। ଏହି ଖେଳରେ ଗରିବ ଏବଂ ଅଶିକ୍ଷିତ ପରିବାର ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ସଠିକ୍ ଚିକିତ୍ସା ନ ମିଳିବାରୁ ମୃତ୍ୟୁ, ବିକଳାଙ୍ଗତା ଏବଂ ଡାକ୍ତରଖାନାର ବିପୁଳ ଖର୍ଚ୍ଚ ଲୋକଙ୍କ ଅଣ୍ଟା ଭାଙ୍ଗି ଦେଉଛି। ଦକ୍ଷିଣ ସିନ୍ଧ ପ୍ରଦେଶର ହାଇଦରାବାଦ ନିକଟସ୍ଥ ଅଞ୍ଚଳରେ ଅନେକ ନକଲି ଡାକ୍ତର କ୍ଲିନିକ କରି ବସି ଯାଇଛନ୍ତି। ଏଠାରେ ଦିନଯାକ ରୋଗୀଙ୍କ ଗହଳି ଲାଗି ରହିଛି। ପାକିସ୍ତାନ ମେଡିକାଲ ଆସୋସିଏସନ ଅନୁଯାୟୀ, ଏବେ ଦେଶରେ ୬ ଲକ୍ଷରୁ ଅଧିକ ନକଲି ଡାକ୍ତର ଅଛନ୍ତି। ଏଭଳି ଡାକ୍ତର ବିନା ଅଭିଜ୍ଞତା ଶିଶୁ, ମହିଳା ଏବଂ ବୟସ୍କଙ୍କ ଚିକିତ୍ସା କରାଉଛନ୍ତି। ପୂର୍ବରୁ ଡାକ୍ତରଖାନାରେ କାମ କରିଥିବା କିମ୍ବା ସହାୟକ ନର୍ସ, ୱାର୍ଡ ବୟ ଥିବା ଲୋକେ ଏହି କ୍ଲିନିକକୁ ଚଲାଉଛନ୍ତି।

## ଉଜ୍ଜୈନର ତରାନାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନାରୁ ହିଂସା


ଉଜ୍ଜୈନ, ୨୩।୧(ଏଜେନ୍ସି): ମଧ୍ୟପ୍ରଦେଶର ପୁରାତନ ସହର ତଥା ଜିଲ୍ଲା ଉଜ୍ଜୈନର ତରାନାରେ ଗୁରୁବାର ରାତିରେ ଆରମ୍ଭ ହୋଇଥିବା ବିମାନ ଶୁକ୍ରବାର ଅପରାହ୍ନରେ ପୋଡ଼ାଜଳାରେ ପରିଣତ ହୋଇଥିଲା। ଅଜ୍ଞାତ ବ୍ୟକ୍ତିମାନେ ଏକ ବସ୍ ପୋଡ଼ି ଦେଇଥିଲେ। ଏକ ଦୋକାନ ଘର ମଧ୍ୟ ଜାଳି ଦିଆଯାଇଥିଲା। ଲୋକମାନେ ପରସ୍ପର ଉପରେ ପଥର ଫିଙ୍ଗିବା ଆରମ୍ଭ କରିଥିଲେ। ଫଳରେ ସ୍ଥିତି ଆହୁରି ଖରାପ ହୋଇଥିଲା। ଗତକାଲି ରାତିରେ ଜଣେ ଯୁବକଙ୍କୁ ଆକ୍ରମଣ କରାଯିବା ପରେ ଦୁଇଟି ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ ଓ ୧୧ଟି ବସ୍‌ରେ ଭଙ୍ଗାରୁଜା କରାଯାଇଥିଲା। ହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତାମାନେ ସକାଳେ ତରାନା ଥାନା ଘେରାଉ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ଥାନା ପହଞ୍ଚି ସ୍ଲୋଗାନ ଦେବା ଆରମ୍ଭ କରିଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାର ବଜାରକୁ ବନ୍ଦ କରାଯାଇଥିଲା। ବହୁ ସଂଖ୍ୟାରେ ପୁଲିସ ମୁତୟନ କରାଯାଇଛି। ଏହି ଘଟଣାରେ ୫ ଜଣଙ୍କୁ ପୁଲିସ ଗିରଫ କରିଛି।

# ବେପାରୀ ଟ୍ରମ୍ପ; ନିଜ ସ୍ୱାର୍ଥ ପାଇଁ ଶୁଳ୍କ ପ୍ରହାର

- ପଦ ବଳରେ ସମ୍ପତ୍ତି ବଢ଼ାଉଛନ୍ତି; ବର୍ଷକରେ ବଢ଼ିଲା ୧୨,୮୦୦ କୋଟି
- ପ୍ରକୃତ ଆୟ ଏହାଠୁ ଢେର ଗୁଣ ଅଧିକ
- ବିଦେଶୀ ସରକାର ଓ କମ୍ପାନୀ ଦେଉଛନ୍ତି ଅର୍ଥ
- ଭାରତରେ ଚାଲିଛି ୮ଟି ମେଗା ପ୍ରକଳ୍ପ

ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକାକୁ ପୁଣିଥରେ ମହାନ ଏବଂ ଧନୀ କରିବାକୁ ଡାଭୋସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ନିଜ ନୀତି ଏବଂ ଚଢ଼ା ଶୁଳ୍କ ପାଇଁ ୧୬.୪୮ ଲକ୍ଷ କୋଟି ଟଙ୍କାର ନିବେଶ ଆସିଥିବା ଦାବି କରିଛନ୍ତି। ଟ୍ରମ୍ପଙ୍କ ଦାବି ଉପରେ କେତେ ସତ୍ୟତା ଅଛି ତାହା ଜଣାନାହିଁ। କାରଣ ପୂର୍ବରୁ ସେ କରିଥିବା ଅନେକ ଘୋଷଣା ମିଛ ସାବ୍ୟସ୍ତ ହୋଇଛି। ନିଜେ ଦେଇଥିବା ପ୍ରତିଶ୍ରୁତିକୁ ସେ ପ୍ରତ୍ୟାହାର ମଧ୍ୟ କରି ନେଇଛନ୍ତି। ଆମେରିକାର ସମ୍ପତ୍ତି ବଢୁ କି ନ ବଢୁ, କିନ୍ତୁ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପଙ୍କ ଧନ ହୁ ହୁ ହୋଇ ବଢ଼ି ବଢ଼ି ଚାଲିଛି। ଟ୍ରମ୍ପଙ୍କ ଟାରିଫ (ଶୁଳ୍କ)ର ପ୍ରଭାବରେ ଆମେରିକୀୟଙ୍କ ଜୀବନ ଦୁର୍ବିସହ ହୋଇଯାଇଛି। ଲୋକଙ୍କ ବ୍ୟୟ ପୂର୍ବାପେକ୍ଷା ଢେର ଅଧିକ ବୃଦ୍ଧି ପାଇଛି। ଲୋକେ ଚଢ଼ା ମୂଲ୍ୟରେ ସାମଗ୍ରୀ କ୍ରୟ କରୁଛନ୍ତି। ମାତ୍ର ଏଥିରେ ଟ୍ରମ୍ପଙ୍କ କିଛି ଯାଏ ଆସେ ନାହିଁ। କାରଣ ରାଷ୍ଟ୍ରପତି ହେବା ପରେ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ରକେଟ ଗତିରେ ବଢ଼ି ଚାଲିଛି। ସେ ଶୁଳ୍କକୁ ବ୍ୟବହାର କରି ଗୁଣ୍ଡାରାଜ ଚଳାଇଛନ୍ତି। ଟ୍ରମ୍ପ ନିଜ ପଦ ବ୍ୟବହାର କରି ସମ୍ପତ୍ତି ବଢ଼ାଇ ଚାଲିଛନ୍ତି ବୋଲି ନ୍ୟୁୟର୍କ ଟାଇମ୍ସ ରିପୋର୍ଟ (ଏନୱାଇଟି)ରେ କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଜାନୁଆରୀରେ ହ୍ୱାଇଟ ହାଉସକୁ ଫେରିବା ପରଠାରୁ ଟ୍ରମ୍ପଙ୍କ ସମ୍ପତ୍ତି ଅତିକମ୍‌ରେ ୧୨,୮୧୦ କୋଟି ଟଙ୍କା ବଢ଼ିଛି। ମାତ୍ର ପ୍ରକୃତ ଆୟ ଏହାଠାରୁ ଢେର ଗୁଣ ଅଧିକ ହୋଇପାରେ। କାରଣ ତାଙ୍କର ଲାଭକୁ ସାର୍ବଜନୀନ କରାଯାଇ ନାହିଁ। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ, ଭାରତରେ ୮ଟି ଟ୍ରମ୍ପ-ବ୍ରାଣ୍ଡେଡ ପ୍ରୋଜେକ୍ଟ ଚାଲିଛି କିମ୍ବା ଯୋଜନାରେ ଅଛି। ଏଥିରେ ରେସିଡେନସିଆଲ ଟାୱାର୍ସ, କମର୍ସିଆଲ ସ୍ପେସ ଏବଂ ଅନ୍ୟ ପ୍ରକଳ୍ପ ସାମିଲ ରହିଛି। ଟ୍ରମ୍ପ ନିଜ କ୍ଷମତା ଏବଂ ଶକ୍ତିର ବ୍ୟବହାର କରି ନିଜର ଏବଂ ପରିବାରକୁ ଲାଭ ଦେଇଛନ୍ତି। ବିଦେଶୀ ସରକାର ଏବଂ କମ୍ପାନୀ ସହ ଟ୍ରମ୍ପ ଏଭଳି ଚୁକ୍ତି କରୁଛନ୍ତି ଯାହା ଦ୍ୱାରା ତାଙ୍କ ପରିବାରକୁ ଟଙ୍କା ମିଳୁଛି। ବିଦେଶୀ ରିୟଲ ଇଷ୍ଟେଟ ପ୍ରକଳ୍ପରୁ ସିଂହ ଭାଗ ଅର୍ଥ ଆସୁଛି। ଟ୍ରମ୍ପଙ୍କ ସଂଗଠନ ୨୦ରୁ ଅଧିକ ବିଦେଶୀ ପ୍ରକଳ୍ପ ଚଳାଉଛି। ସେ ଟ୍ରମ୍ପ ନାମରେ ଲାଇସେନ୍ସ ଦେଇ ପ୍ରାୟ ୨୧୦ କୋଟି ଟଙ୍କା ଆୟ କରିଛନ୍ତି। ଏଥିରେ ଓମାନରେ ବିଳାଶପୂର୍ଣ୍ଣ ହୋଟେଲ ଏବଂ ସାଉଦି ଆରବରେ ଗଲ୍ଫ କୋର୍ସ ରହିଛି। ସେ ଭାରତରେ ପ୍ରଥମ ଟ୍ରମ୍ପ-ବ୍ରାଣ୍ଡେଡ କମର୍ସିଆଲ ପ୍ରକଳ୍ପ 'ଟ୍ରମ୍ପ ୱାର୍ଲ୍ଡ ସେଣ୍ଟର' ନିର୍ମାଣ କରୁଛନ୍ତି। ଏଥିରୁ ସେ ୨୮୯ ନିୟୁତ ଡଲାର ଆୟ କରିବେ ବୋଲି ଆଶା। ଗୁରୁଗ୍ରାମରେ ସେ ରେସିଡେନସିଆଲ ଏବଂ ହୋଟେଲ ପ୍ରକଳ୍ପ ମଧ୍ୟ ଚଳାଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କିଛି ମାସ ତଳେ ଟ୍ରମ୍ପ ଭାରତରୁ ମୃତ ଅର୍ଥନୀତି କହିଥିଲେ।



ଗତ ବର୍ଷ ଟ୍ରମ୍ପ ଭିଏତନାମ ଉପରେ ୪୬ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଶୁଳ୍କ ହ୍ରାସ ବଦଳରେ ଟ୍ରମ୍ପ ସଂଗଠନକୁ ହନୋଇରେ ୧.୫ ବିଲିୟନ ଡଲାରର ଗଲ୍ଫ ପ୍ରକଳ୍ପ ଆରମ୍ଭ କରିବାକୁ ଅନୁମତି ମିଳିଥିଲା। ଏହା ପରେ ସେ ଶୁଳ୍କକୁ ହ୍ରାସ କରି ୨୦ ପ୍ରତିଶତ କରିଥିଲେ। ଏହି ପ୍ରକଳ୍ପକୁ ଅନୁମତି ଦେବା ପାଇଁ ସରକାର ସ୍ଥାନୀୟ ଆଇନକୁ ଅଣଦେଖା କରିଦେଇଥିଲେ। ସେହିପରି ଗତ ବର୍ଷ ଅକ୍ଟୋବରରେ ଭାଇରାଲ ହୋଇଥିବା ଏକ ଭିଡିଓରେ ଟ୍ରମ୍ପଙ୍କ ପୁଅ ଏରିକଙ୍କ ସହ କଥା ହେବା ପାଇଁ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରୋବାଭୋ ସୁବିୟାନ୍ତୋ କହୁଥିବା ଶୁଣା ଯାଇଥିଲା। ଏବେ ଏରିକ ଟ୍ରମ୍ପଙ୍କ ପାରିବାରିକ ବ୍ୟବସାୟ ସମ୍ଭାଳୁଛନ୍ତି। ପରେ ଇଣ୍ଡୋନେସିଆରେ ଟ୍ରମ୍ପଙ୍କ ଏକ ଗଲ୍ଫ କ୍ଲବ ଖୋଲିଥିଲା।

ଅନ୍ୟପଟେ କ୍ରିପ୍ଟୋକରେନ୍ସିରୁ ଟ୍ରମ୍ପ ସର୍ବାଧିକ ଲାଭ ପାଇଛନ୍ତି। ଗତ ବର୍ଷ ଟ୍ରମ୍ପଙ୍କ ପରିବାର ସହ ଜଡ଼ିତ ୱାର୍ଲ୍ଡ ଲିବର୍ଟି ଫାଇନାନସିଆଲ କମ୍ପାନୀ ଏବଂ ଏକ ମିମ କଏନରୁ ଅତିକମରେ ୮୬୭ ନିୟୁତ ଡଲାର ଆସିଥିଲା। ୨୦୨୫ରେ ୟୁଏଇର ଏକ କମ୍ପାନୀ ଟ୍ରମ୍ପଙ୍କ ଫାର୍ମରେ ୨ ବିଲିୟନ ଡଲାର ନିବେଶ କରିଥିଲା। ଏହାକୁ ବିଶ୍ୱ ଲିବର୍ଟି ଫାଇନାନିସିଆଲ (ଡବ୍ଲ୍ୟୁଇଏଫ) ନାମରେ ପରିଚିତି। ମାତ୍ର ଏହାର କିଛି ମାସ ପରେ ୟୁଏଇକୁ ସେମିକଣ୍ଡକ୍ଟର ଚିପ୍‌ସ ବିକିବାକୁ ଟ୍ରମ୍ପ ମଞ୍ଜୁରି ଦେଇଥିଲେ। ଟ୍ରମ୍ପ ଏବଂ ତାଙ୍କ ପୁଅ ପାଖରେ ଡବ୍ଲ୍ୟୁଇଏଫର ୫ ବିଲିୟନ ଡଲାରରୁ ଅଧିକ ଅଂଶଧନ ରହିଛି। ଏହାକୁ ପରିବାରର ବଡ଼ ସମ୍ପତ୍ତି ଧରାଯାଏ। ପାକିସ୍ତାନ ସହ ମଧ୍ୟ ଟ୍ରମ୍ପ ଏକ ବଡ଼ ୧୭ ହଜାର କୋଟିର କ୍ରିପ୍ଟୋ ଚୁକ୍ତି କରିଥିଲେ।

## ରାହୁଲଙ୍କ ଉପରେ ଥରୁର ଅସନ୍ତୁଷ୍ଟ | କଂଗ୍ରେସ ବୈଠକରେ ଯୋଗ ଦେଲେନି

ତିରୁଅନନ୍ତପୁରମ, ୨୩।୧(ଏଜେନ୍ସି): ବରିଷ୍ଠ ନେତା ଶଶି ଥରୁର ଓ କଂଗ୍ରେସ ପାର୍ଟି ମଧ୍ୟରେ ଦୂରତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଥରୁର ଶୁକ୍ରବାର ଏଠାରେ ଆୟୋଜିତ ହୋଇଥିବା ପାର୍ଟି ବୈଠକରେ ଯୋଗ ଦେଇ ନାହାନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଥରୁରଙ୍କ ଅନୁପସ୍ଥିତି ନେଇ ନାନା ଆକଳନ କରାଯାଉଛି। କଂଗ୍ରେସର ଏହି ବୈଠକରେ କେରଳ ବିଧାନସଭା ନିର୍ବାଚନ ସମ୍ପର୍କିତ ବିଭିନ୍ନ ରଣନୀତି ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ଥିଲା। କିଛିଦିନ ତଳେ ଲୋକସଭା ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଥରୁରଙ୍କୁ ଅଣଦେଖା କରିଥିଲେ। ଜାନୁଆରୀ ୧୯ରେ କୋଚିରେ ଅନୁଷ୍ଠିତ ମହାପଞ୍ଚାୟତ କାର୍ଯ୍ୟକ୍ରମରେ ରାହୁଲ କିଛି ବରିଷ୍ଠ ନେତାଙ୍କ ନାମ ନେଇଥିଲେ ମଧ୍ୟ ଥରୁରଙ୍କ ନାମ ନ ନେଇ ତାଙ୍କୁ ଅଣଦେଖା କରିଥିଲେ। ଏଥିରେ ଥରୁର ଅସନ୍ତୁଷ୍ଟ ଥିଲେ। ଏ ନେଇ କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ ନିଜର ମତ ରଖିଛନ୍ତି। ସେ ଥରୁରଙ୍କ ନାମ ନ ନେଇ କହିଛନ୍ତି ଯେ ଯେଉଁ ନେତା କଂଗ୍ରେସର କାମକୁ ଆସୁନାହାନ୍ତି, ସେ ବଡ଼ ନେତା ନୁହଁନ୍ତି। ତେଣୁ ସେ ବୈଠକକୁ ଆସନ୍ତୁ କି ନ ଆସନ୍ତୁ କିଛି ଫରକ ପଡ଼ିବନି ବୋଲି ସେ କହିଛନ୍ତି। ସେପଟେ କେରଳ ଲିଟରେଚର ଫେଷ୍ଟିଭାଲ୍‌ରେ ସାମିଲ ହେବାର କାର୍ଯ୍ୟକ୍ରମ ଥିବାରୁ ଏହି ବୈଠକରେ ଥରୁର ଯୋଗ ଦେଇପାରିଲେ ନାହିଁ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।



## କାନାଡ଼ାଠାରୁ ଶାନ୍ତି ବୋର୍ଡ ଆମନ୍ତ୍ରଣ ପ୍ରତ୍ୟାହାର

ୱାଶିଂଟନ, ୨୩।୧ (ଏଜେନ୍ସି): ଡାଭୋସରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଦେଇଥିବା ଟିପ୍ପଣୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି। ଏଥିଯୋଗୁଁ ଟ୍ରମ୍ପ ଗାଜା ପାଇଁ ଗଠିତ 'ବୋର୍ଡ ଅଫ ପିସ ତଥା ଶାନ୍ତି ବୋର୍ଡ'ରେ ସାମିଲ ହେବାର ଆମନ୍ତ୍ରଣକୁ ପ୍ରତ୍ୟାହାର କରି ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଏହି ଚିଠି ଶାନ୍ତି ବୋର୍ଡରେ ସାମିଲ ହେବାର ନିମନ୍ତ୍ରଣକୁ ପ୍ରତ୍ୟାହାର ନେଇ ରହିଛି। ଏହା ସବୁଠାରୁ ପ୍ରତିଷ୍ଠିତ ବୋର୍ଡ ହେବାକୁ ଯାଉଛି। ସୂଚନା ଅନୁଯାୟୀ, କାର୍ଣ୍ଣି ଗତ ୨୦ ତାରିଖରେ ଡାଭୋସରେ କହିଥିଲେ ଯେ ଆମେରିକା କର୍ତ୍ତୃତ୍ୱ ବିଶିଷ୍ଟ ବିଶ୍ୱ ବ୍ୟବସ୍ଥା ଶେଷ ହେବାକୁ ବସିଛି।

## ସିମ୍‌ଲା-ମନାଲିରେ ପ୍ରଥମ ତୁଷାରପାତ



ଡେରାଡୁନ, ୨୩।୧(ଏଜେନ୍ସି): ଉତ୍ତର ଭାରତରେ ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ ଅର୍ଥାତ ପଶ୍ଚିମା ଝଡ଼ ସକ୍ରିୟ ହେବା କାରଣରୁ ପାଗ ପରିବର୍ତ୍ତନ ହୋଇଛି। ଗତକାଲି ବିଳମ୍ବିତ ରାତିରୁ ରାଜସ୍ଥାନ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ଦିଲ୍ଲୀରେ ବର୍ଷା ହୋଇଛି। ପ୍ରବଳ ପବନ ମଧ୍ୟ ବହୁଥିବାର ଲକ୍ଷ୍ୟ କରାଯାଇଛି। ଅନେକ ଜିଲ୍ଲାରେ ତାପମାତ୍ରା ହ୍ରାସ ପାଇଛି। ହିମାଳୟ କ୍ଷେତ୍ରରେ ରହିଥିବା ରାଜ୍ୟଗୁଡ଼ିକରେ ମଧ୍ୟ ବର୍ଷା ସାଙ୍ଗକୁ ତୁଷାରପାତ ଆରମ୍ଭ ହୋଇଛି। ହିମାଚଳ ପ୍ରଦେଶର ସିମଲା ଓ ମନାଲିରେ ଋତୁର ପ୍ରଥମ ତୁଷାରପାତ ହୋଇଛି। ଫଳରେ ଗତ ସାଢ଼େ ୩ ମାସର ଶୁଷ୍କତାର ଅନ୍ତ ଘଟିଛି।

## ୟୁନୁସ ସରକାର ଫାସୀବାଦୀ ହତ୍ୟାକାରୀ: ଶେଖ ହସିନା

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ବାଂଲାଦେଶର ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଭାରତରୁ ବାଂଲାଦେଶର କାମଚଳା ମହମ୍ମଦ ୟୁନୁସଙ୍କ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସେ ଦିଲ୍ଲୀରେ ଆୟୋଜିତ 'ବାଂଲାଦେଶରେ ଗଣତନ୍ତ୍ର ରକ୍ଷା' ସମ୍ମିଳନୀକୁ ଅଡିଓ କନଫରେନ୍ସ ମାଧ୍ୟମରେ ଅଭିଭାଷଣ ଦେଇ କହିଛନ୍ତି ଯେ ମହମ୍ମଦ ୟୁନୁସ ଜଣେ ଫାସୀବାଦୀ ହତ୍ୟାକାରୀ। ହିଂସା କରାଇ ସରକାର ଦେଶକୁ ଆତଙ୍କ ଏବଂ ଅପରାଧର ନିଆଁକୁ ଠେଲୁଛନ୍ତି। ସାମ୍ପ୍ରଦାୟିକ ଶକ୍ତି ପରିବେଶ ଖରାପ କରାଉଛନ୍ତି। ଉର୍ବର ଜମିକୁ ଟାଙ୍ଗରା କରିଦେଇଛନ୍ତି। ଏବେ ବାଂଲାଦେଶୀ ଜିଇଁବା ପାଇଁ ସଂଘର୍ଷ କରୁଛନ୍ତି। ଦେଶର ଶତ୍ରୁ ବଡ଼ ଷଡ଼ଯନ୍ତ୍ର କରି କ୍ଷମତା ବଳରେ ନିର୍ବାଚିତ ସରକାରକୁ ଭୁଶୁଡ଼ାଇ ଦେଇଛନ୍ତି। ବାଂଲାଦେଶରେ ଆଉ ଗଣତନ୍ତ୍ର ଏବଂ ମାନବାଧିକାର ନାହିଁ। ଯୁବତୀ, ସଂଖ୍ୟାଲଘୁ ବି ସୁରକ୍ଷିତ ନାହାନ୍ତି। ଏଭଳି ବିପଦ ସମୟରେ ଅନ୍ତର୍ଜାତୀୟ ସମୁଦାୟ ଏକାଠି ହୋଇ ସ୍ୱର ଉତ୍ତୋଳନ କରିବା ଦରକାର। ଏବେ ବିଦେଶୀଙ୍କ କାଠ କଣ୍ଢେଇ ସାଜିଥିବା ସରକାରକୁ ଭୁଶୁଡ଼ାଇବାର ସମୟ ଆସିଯାଇଛି। ହସିନା ଦାବି କରିଛନ୍ତି ଯେ ମହମ୍ମଦ ୟୁନୁସ ଏବଂ ଉଗ୍ରବାଦୀ ତାଙ୍କୁ ହଟାଇବା ପରେ କ୍ଷେତ୍ରୀୟ ଅଖଣ୍ଡତା ସହ ସାଲିସ କରାଯାଉଛି। ବାଂଲାଦେଶର ସାର୍ବଭୌମତ୍ୱ ଏବଂ ଏକତା ଏବେ ବିପଦରେ ରହିଛି। ଏବେ ବାଂଲାଦେଶ ବିଶାଳ ଜେଲ୍‌ରେ ପରିଣତ ହୋଇଯାଇଛି।

## ଅବକାରୀ ମାମଲାରୁ କେଜ୍ରିୱାଲଙ୍କୁ ମୁକ୍ତ

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): ବହୁ ଚର୍ଚ୍ଚିତ ମଦ ଦୁର୍ନୀତି ମାମଲାରେ ଆମ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଆଶ୍ୱସ୍ତି ମିଳିଛି। ମଦ ଦୁର୍ନୀତି ତଥା ଅବକାରୀ ମାମଲାରେ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛି। ମଦ ନୀତି ମାମଲାରେ ଏଜେନ୍ସିର ସମନ ଉଲ୍ଲଂଘନ କରିଥିବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଦାଏର କରାଯାଇଥିବା ଦୁଇଟି ମାମାଲରେ ତାଙ୍କୁ ଆଶ୍ୱସ୍ତି ମିଳିଛି। ପିଏମଏଲଏର ଧାରା ୫୦ ଅଧୀନରେ ଏଜେନ୍ସି ଦ୍ୱାରା ଜାରି ସମନ ପାଳନ କରିବାରେ ସେ ବିଫଳ ହୋଇଥିଲେ। ଏହି ଦୁର୍ନୀତି ମାମଲାରେ ତାଙ୍କୁ ୫ଥର ସମନ ଜାରି କରାଯାଇଥିଲା। କିନ୍ତୁ ସେ ଇଡିରେ ହାଜର ହୋଇ ନ ଥିଲେ।

## ଭୋଜଶାଳାରେ ଏକାସାଙ୍ଗରେ ପୂଜା ଓ ନମାଜ

ଧାର, ୨୩।୧(ଏଜେନ୍ସି): ମଧ୍ୟପ୍ରଦେଶର ଧାର ସହରର ଭୋଜଶାଳାରେ ବସନ୍ତ ପଞ୍ଚମୀରେ, ଦେବୀ ବାଗ୍ଦେବୀଙ୍କ ପୂଜା ଓ ଶୁକ୍ରବାର ନମାଜ ଏକାସାଙ୍ଗରେ କରାଯାଇଥିଲା। ହିନ୍ଦୁ ସମ୍ପ୍ରଦାୟ ଶୁକ୍ରବାର ସକାଳ ୬ଟାରେ ସୂର୍ଯ୍ୟୋଦୟ ସମୟରେ ସରସ୍ୱତୀ ପୂଜା ଆରମ୍ଭ କରିଥିଲେ ଓ ଏହା ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜାରି ରହିଥିଲା। ଏହି ସମୟରେ, ମୁସଲିମ ସମ୍ପ୍ରଦାୟର ଲୋକେ ଭୋଜଶାଳା ପରିସରରେ ଦିନ ୧ରୁ ୩ଟା ପର୍ଯ୍ୟନ୍ତ ନମାଜ ପାଠ କରିଥିଲେ। କୌଣସି ପ୍ରକାର ଅପ୍ରୀତକର ସ୍ଥିତି ଓ ଘଟଣାକୁ ଏଡାଇବା ପାଇଁ ପ୍ରଶାସନ କଡ଼ା ସତର୍କତା ଅବଲମ୍ବ କରିଥିଲା। ଭୋଜଶାଳା ପରିସରକୁ ୬ଟି ସେକ୍ଟରରେ ବିଭକ୍ତ କରାଯାଇଥିଲା। ସେତେବେଳେ ୭ଟି ଜୋନ୍‌ରେ ବିଭକ୍ତ କରାଯାଇଥିଲା। ସ୍ଥାନୀୟ ପୁଲିସ, ସିଆରପିଏଫ୍, ରାପିଡ ଆକ୍ସନ ଫୋର୍ସର ୮, ୦୦୦ରୁ ଅଧିକ କର୍ମଚାରୀଙ୍କୁ ସହର ସାରା ମୁତୟନ କରାଯାଇଥିଲା। ସହରର ପ୍ରତ୍ୟେକ କୋଣ ଉପରେ ନଜର ରଖିବା ପାଇଁ ଡ୍ରୋନ୍ ଓ ଏଆଇର ବ୍ୟବହାର କରାଯାଇଥିଲା। ତେବେ ନମାଜ ପାଠକୁ ନେଇ ଦୁଇ ପ୍ରକାର ବିରୋଧାଭାସୀ ଦାବି କରାଯାଇଛି। ମୁସଲମାନମାନେ ଶାନ୍ତିପୂର୍ଣ୍ଣ ଭାବେ ନମାଜ ପାଠ କରିପାରିଛନ୍ତି ବୋଲି ପ୍ରଶାସନ ତରଫରୁ କୁହାଯାଇଛି। ତେବେ ଗୁଲମୋହର କଲୋନୀର ବାସିନ୍ଦାମାନେ କହିଛନ୍ତି ଯେ, ଉପ-ଜିଲ୍ଲାପାଳ ରୋଶନି ପଟିଦାର ଓ ଡିଏସ୍‌ପି ଆନନ୍ଦ ତିୱାରୀ ସେମାନଙ୍କୁ କମଲ ମୌଲା ମସଜିଦ୍‌ରେ ୧୬ ଘଣ୍ଟା ଅଟକ ରଖିଥିଲେ।

## ■ ଓକିଲଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା
## ଆଖି ଦେଖାଅନି; ଆମେ ବି ଦେଖିନେବୁ

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତିଙ୍କ ସହ ଯୁକ୍ତି କରିବାକୁ ନେଇ ସୁପ୍ରିମକୋର୍ଟ ଜଣେ ଓକିଲଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଓକିଲଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଓକିଲ ଯଦି ଆଖି ଦେଖାଇବାକୁ ଚାହିଁବେ ତେବେ ଆମେ ମଧ୍ୟ ଦେଖି ନେବୁ ବୋଲି ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ସୂଚନା ଅନୁଯାୟୀ, ଅକ୍ଟୋବର ୧୬ରେ ଓକିଲ ମହେଶ ତିୱାରୀ ଏବଂ ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତି ରାଜେଶ କମାରଙ୍କ ମଧ୍ୟରେ ଜୋରଦାର ଯୁକ୍ତିତର୍କ ହୋଇଥିଲା। ବିଚାରପତିଙ୍କୁ ସୀମା ପାର୍ ନ କରିବାକୁ ଓକିଲ କହିଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ହାଇକୋର୍ଟରେ ଓକିଲଙ୍କ ବିରୋଧରେ ଆପରାଧିକ ଅବମାନନା ନୋଟିସ ଜାରି କରିଥିଲେ। ଏହା ପରେ ମହେଶ ତିୱାରୀ ସୁପ୍ରିମକୋର୍ଟ ଯାଇଥିଲେ। ସୋମବାର ମାମଲାର ଶୁଣାଣି କରି ସିଜେଆଇ ସୂର୍ଯ୍ୟକାନ୍ତ ଓକିଲଙ୍କୁ ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ ଯଦି ଓକିଲ ନିଜ ଭୁଲ ବୁଝିପାରୁଛନ୍ତି ତେବେ ସେ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ମାଗିବା ଉଚିତ। ଏହା ପରିବର୍ତ୍ତେ ବିଚାରପତିଙ୍କୁ ଆଖି ଦେଖାଇବା ଅନୁଚିତ।

## ଭାରତର 'ଆଣ୍ଟି ଡ୍ରୋନ୍ ସିଲ୍ଡ' ଯାଞ୍ଚ କରୁଛି ପାକିସ୍ତାନ

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): ଭାରତର ବାୟୁ ପ୍ରତିରକ୍ଷା ଓ ଆଣ୍ଟି ଡ୍ରୋନ୍ ପ୍ରଣାଳୀ ତଥା ସିଲ୍ଡକୁ ପାକିସ୍ତାନ ପରୀକ୍ଷା କରୁଛି। ଏଥିପାଇଁ ପାକିସ୍ତାନ ଭିନ୍ନ ପ୍ରକାର ରଣନୀତି ଅନୁସରଣ କରୁଛି। ଏଥିପାଇଁ ପାକିସ୍ତାନ ଅପରେସନ ସିନ୍ଦୂର ପରେ ଭାରତ ବିପକ୍ଷରେ ଏକ ବିପଜ୍ଜନକ ଓ ଶସ୍ତା ମଡେଲ ଗ୍ରହଣ କରିଛି। ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ପାକିସ୍ତାନ ଏହି ଛୋଟିଆ ଯୁଦ୍ଧ ପରେ ଭାରତୀୟ ବାୟୁ ସୀମାକୁ ୮୦୦ରୁ ଅଧିକ ଡ୍ରୋନ ପଠାଇଛି। ଏହାକୁ ନିମ୍ନସ୍ତରୀୟ ଡ୍ରୋନ ଯୁଦ୍ଧ ବୋଲି କୁହାଯାଇଥାଏ। ଏହି ଡ୍ରୋନଗୁଡ଼ିକ କମ୍ ଉଚ୍ଚତାରେ ଉଡ଼େ ଓ ରାଡ଼ାରର ନଜରରୁ ବଞ୍ଚି ରହିଥାଏ। ଏହା ଦ୍ୱାରା ପାକିସ୍ତାନ ଭାରତର ଆଣ୍ଟି ଡ୍ରୋନ ସିଲ୍ଡର ପରୀକ୍ଷା କରିବାକୁ ପ୍ରୟାସ କରୁଛି। ଅଧିକାଂଶ ଡ୍ରୋନକୁ ରାଜସ୍ଥାନ ଓ ପଞ୍ଜାବ ସୀମାରେ ଦେଖାଯାଇଥିଲା। ଭାରତୀୟ ସୁରକ୍ଷା ବାହିନୀ ୮୦୦ରୁ ୨୪୦ଟି ଡ୍ରୋନ୍‌କୁ ମାରି ଖସାଇଛି। ଏଥିମଧ୍ୟରୁ ୫ଟି ଡ୍ରୋନରେ ଅସ୍ତ୍ରଶସ୍ତ୍ର ମିଳିଥିଲା। ୧୬୦ରୁ ଅଧିକ ଡ୍ରୋନ ଅନ୍ୟାନ୍ୟ ଜିନିଷ ଖସାଇବା ପାଇଁ ବ୍ୟବହାର କରାଯାଇଥିଲା। ସେହିପରି ୭୨ଟି ଡ୍ରୋନ ନିଶାଦ୍ରବ୍ୟ ବହନ କରି ଭାରତ ସୀମା ଭିତରକୁ ଆସିଥିଲା। ଜାନୁଆରୀରେ ଏପର୍ଯ୍ୟନ୍ତ ଡ୍ରୋନ ଅନୁପ୍ରବେଶର ୧୨ଟି ଘଟଣା ସାମ୍ନାକୁ ଆସିଛି।

**ପଠାଇଲାଣି ୮୦୦ରୁ ଅଧିକ ଡ୍ରୋନ୍**



## ବିମାନରେ ଥିଲା ବୈଷୟିକ ତ୍ରୁଟି: ଆମେରିକା



ଅହମଦାବାଦ ବିମାନ ଦୁର୍ଘଟଣା

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): ୨୦୨୫ ଜୁନ୍ ୧୨ରେ ଅହମଦାବାଦ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବୋଇଂ ୭୮୭ ବିମାନରେ ଏକାଧିକ ଯାନ୍ତ୍ରିକ ସମସ୍ୟା ଥିଲା। ୪ ବର୍ଷ ତଳେ ବିମାନଟିରେ ନିଆଁ ମଧ୍ୟ ଲାଗିଥିଲା। ଆମେରିକାର ଫାଉଣ୍ଡେସନ ଫର୍ ଏଭିଏସନ ସେଫ୍ଟି (ଏଫ୍ଏଏସ୍) ଦାବି କରିଛି ଯେ, ବିମାନରେ ବୈଦ୍ୟୁତିକ ପ୍ରଣାଳୀର ବିଫଳତା କାରଣରୁ ଗୋଟିଏ ପରେ ଗୋଟିଏ ଅନେକ ସିଷ୍ଟମ ବନ୍ଦ ହୋଇଥିଲା। ଏହି କାରଣରୁ ଦୁର୍ଘଟଣା ହୋଇଥାଇପାରେ ବୋଲି ଏଫ୍ଏଏସ୍ କହିଛି। ଉଡ଼ାଣ ଭରିବାର ମାତ୍ର କିଛି ସେକେଣ୍ଡ ପରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ୨୬୦ ଜଣ ମୃତ୍ୟୁବରଣ କରିଥିଲେ ଓ ସୌଭାଗ୍ୟବଶତଃ ମାତ୍ର ଜଣେ ବ୍ୟକ୍ତି ବଞ୍ଚି ଯାଇଥିଲେ।

ଏଫ୍ଏଏସ୍ ଅନୁଯାୟୀ, ଏହି ବୋଇଂ ବିମାନ ୨୦୧୪ ମସିହାରୁ ବ୍ୟବହୃତ ହୋଇ ଆସୁଥିଲା। ହ୍ୱିସିଲବ୍ଲୋୟର ଡକୁମେଣ୍ଟ ଆଧାରରେ ସଂଗଠନ ଦାବି କରିଛି ଯେ, ବିମାନଟି ଆରମ୍ଭରୁ ବାରମ୍ବାର ଯାନ୍ତ୍ରିକ ଓ ସିଷ୍ଟମ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇଥିଲା। ୨୦୨୨ରେ ଏହି ବିମାନ ଉଡ଼ାଣ ସମୟରେ ଥରେ ନିଆଁ ଲାଗିଥିଲା। ଏଫ୍ଏଏସ୍ କହିଛି ଯେ ବିମାନର ବୈଷୟିକ ଅବସ୍ଥା ଓ କକ୍‌ପିଟ ଭଏସ ରେକର୍ଡିଂ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ। ବୋଇଂକୁ ନେଇ ଭାରତ ଛଡ଼ା ଅନ୍ୟ ଦେଶ ଯଥା ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆରେ ମଧ୍ୟ ପ୍ରାୟ ୨, ୦୦୦୦ ତ୍ରୁଟି ଓ ବିଫଳତାର ଅଭିଯୋଗ ହୋଇଛି।

# ଅନୁକୂଳ ହେଲା ରଥକାଠ



ପୁରୀ,୨୩।୧(ସମିସ): ଚଳିତ ବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ପ୍ରଥମ ପର୍ଯ୍ୟାୟ ରଥକାଠ ଆସି ପହଞ୍ଚିଯାଇଛି। ଆଗକୁ ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ତେଣୁ ପରମ୍ପରା ଅନୁଯାୟୀ, ଶୁକ୍ରବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି। ରଥଖଳାରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଶେଷରେ ମହାପ୍ରସାଦ ସମର୍ପଣ କରାଯାଇଥିଲା। ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବାୟତ ଓ ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ଆବଶ୍ୟକ ପଡିଥାଏ ମୋଟ ୮୬୫ ଖଣ୍ଡ କାଠ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ଥିବାରୁ ଚଳିତବର୍ଷ ୮୧୮ ଖଣ୍ଡ କାଠ ଆସିବ। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଯାଇଛି। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ହୋଇଥିବା ବେଳେ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି। ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ।

### ସୁଭାଷ ବୋଷଙ୍କ ଜନ୍ମପୀଠରେ ପରାକ୍ରମ ଦିବସ ସମାରୋହ

# ନେତାଜୀଙ୍କ ଜୀବନ କାହାଣୀ ମୋ ମନରେ ଦେଶପ୍ରେମ ଜଗାଇଥିଲା: ଉପରାଷ୍ଟ୍ରପତି

କଟକ, ୨୩।୧(ସମିସ): ଭାରତର ଉପ-ରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ଆଜି କଟକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗ ଦେଇଛନ୍ତି।

ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିବା ସହିତ ତାଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେତାଜୀଙ୍କ ଜନ୍ମସ୍ଥାନକୁ ତାଙ୍କର ଗସ୍ତକୁ ସେ ଗଭୀର ଭାବରେ ପ୍ରେରଣାଦାୟକ ବୋଲି କହିଥିଲେ। ସେ କହିଥିଲେ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ି ନଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା। ନେତାଜୀ ଭାରତକୁ ଏକ ମଜବୁତ, ଶକ୍ତିଶାଳୀ ଏବଂ ଦାରିଦ୍ର୍ୟମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ। ଆଜାଦ ହିନ୍ଦ୍ ଫୌଜର ପରିକ୍ରମା ସଙ୍ଗୀତ "କଦମ କଦମ୍ ବଢ଼ାଏ ଯା"ର ଉତ୍ସାହ ଉଦ୍ରେକକାରୀ ସ୍ୱରକୁ ସ୍ମୃତିଚାରଣ କରି ଉପରାଷ୍ଟ୍ରପତି କହିଥିଲେ, ମଜବୁତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ନେତାଜୀଙ୍କର ଦୂରଦୃଷ୍ଟି ଦେଶକୁ ଲଗାତାର ପ୍ରେରଣା ଦେଇ ଆସୁଛି। ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ



୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ପାଇଁ ସାମୂହିକ ଭାବରେ ପ୍ରତିଜ୍ଞା କରିବାକୁ ସେ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ।

ଉପରାଷ୍ଟ୍ରପତି କହିଥିଲେ, ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି। ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଏବଂ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ସ୍ମାରକୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ ଫୌଜ ଉପରେ ଡାକ ଟିକଟ ଗ୍ୟାଲେରୀ ଏବଂ ନେତାଜୀ ସଂସ୍କୃତି ଭବନର ଉଦଘାଟନ କରିଥିଲେ। ଏହି ଅବସରରେ ଉପରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକ ଏବଂ ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ବି.ଏସ୍. ସିଂହଦେଓ ଏବଂ ଆଜାଦ୍ ହିନ୍ଦ ଫୌଜର ଯବାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଫେବୃୟାରୀ ୨ରୁ ୬ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୩।୧(ସମିସ): ଫେବୃୟାରୀ ୨ରୁ ୭ ପର୍ଯ୍ୟନ୍ତ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥିପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ସମ୍ପୂର୍ଣ୍ଣ ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚଳନା କରିବା ପାଇଁ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।



ରାଷ୍ଟ୍ରପତିଙ୍କ ଗସ୍ତ ସୂଚୀ ଅନୁଯାୟୀ, ୨ ତାରିଖ ସଂଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଁଞ୍ଚିବା ପରେ ଲୋକ ଭବନରେ କିଛି ସାକ୍ଷାତ କାର୍ଯ୍ୟକ୍ରମ ପରେ ସେଠାରେ ରାତ୍ର ରହଣି କରିବେ। ୩ ତାରିଖ ସକାଳେ ଯାଜପୁର ଗସ୍ତ କରି ବିରଜା ମନ୍ଦିର ପରିଦର୍ଶନ କରି ନାଭି ଗୟା ଠାରେ ପୂଜାର୍ଚ୍ଚନା କରିବେ। ଅପରାହ୍ଣରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ସେଦିନ ସଂଧ୍ୟାରେ ପୁରୀ ଗସ୍ତ କରି ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୪ ତାରିଖରେ ମୟୂରଭଞ୍ଜ ଗସ୍ତ କରି ରାଇରଙ୍ଗପୁର ମହୁଲଡିହା ସ୍ଥିତ ଅବକାଶ ଗୃହ (ହୋଲି ଡେ ହୋମ୍) ଉଦ୍‌ଘାଟନ କରିବା ସହ ସେଠାରେ ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ବିଭାଗ ପରିଚାଳିତ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି।

### ଝିଅ ହେବା କ'ଣ ଅପରାଧ

# ବୋହୂ ଓ ନାତୁଣୀକୁ ଜୀବନ୍ତ ଜଳାଇଦେବାକୁ ଉଦ୍ୟମ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୨୩।୧(ସମିସ): ଆଧୁନିକତାର ଦାବି କରୁଥିବା ସମାଜରେ ଆଜି ବି ଅନ୍ଧ ବିଶ୍ୱାସ ଓ କୁସଂସ୍କାର କେତେ ଭୟଙ୍କର ରୂପ ନେଇପାରେ, ତାହାର ଜୀବନ୍ତ ଉଦାହରଣ ସାମ୍ନାକୁ ଆସିଛି କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅଞ୍ଚଳରୁ। ପୁଅଝିଅ ଭେଦଭାବ ଓ ଝିଅ ସନ୍ତାନ ଜନ୍ମ ନେବାରୁ ବୋହୂକୁ ମୃତ୍ୟୁମୁଖକୁ ଠେଲିଦେବା ଉଦ୍ୟମ ଏହି ଅମାନବୀୟ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଡାମରପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ଘରେ ଶୋଇଥିବାବେଳେ ଶଶୁର ଗାଁ ଛକରୁ ୧ ଲିଟର ପେଟ୍ରୋଲ କିଣି ଆଣି ବୋହୂର ବିଛଣା ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ। ଘର ଭିତରେ ଥିବା ଅନେକ ଆସବାବପତ୍ର ପୋଡ଼ିଯାଇଥିବାବେଳେ ସୌଭାଗ୍ୟବଶତଃ ବୋହୂ ଓ ତାଙ୍କ ନାତୁଣୀ ଅଳ୍ପକେ ରକ୍ଷାପାଇଥିଲେ। ବୋହୂ ଘରୁ ଖସିଆସି ରାତିସାରା ବାହାରେ ରହିଥିଲେ। ପରେ ପଡୋଶୀ ଆସି ନିଆଁକୁ ଆୟତ୍ତ କରିଥିଲେ।

ପ୍ରାୟ ୮ ବର୍ଷ ପୂର୍ବେ ନିଶ୍ଚିନ୍ତକୋଇଲି ବାଲିପଡ଼ା ଗ୍ରାମର ସସ୍ମିତା ଦାସ ଡାମରପୁର ଗ୍ରାମର ସୁଶାନ୍ତ ରାୟଙ୍କୁ ବିବାହ କରିଥିଲେ। ସୁଶାନ୍ତଙ୍କ ପ୍ରଥମ ପତ୍ନୀଙ୍କ ଦୁଇଟି ଝିଅ ଥିବାବେଳେ ଦ୍ୱିତୀୟ ପତ୍ନୀ ସସ୍ମିତାଙ୍କ ଗୋଟିଏ ଝିଅ ସନ୍ତାନ ହେବା ପରଠାରୁ ଶାଶୂ, ଶଶୁର ଓ ସ୍ୱାମୀଙ୍କ ଦ୍ୱାରା ସେ ନିରନ୍ତର ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହୋଇଆସୁଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପୁଲିସ ଅଭିଯୁକ୍ତ ଶଶୁର ପ୍ରଫୁଲ୍ଲ ରାୟଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ପୁଲିସ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ଏହି ଘଟଣା ପୁଣିଥରେ ସମାଜକୁ ପ୍ରଶ୍ନ କରୁଛି, ଝିଅ ସନ୍ତାନ କ'ଣ ଏଯାବତ୍ ବି ଭାର? ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ଶେଷ କେବେ? ନାରୀ ସୁରକ୍ଷା, ଝିଅ ସନ୍ତାନର ସମ୍ମାନ ଓ ସମାନ ଅଧିକାର ନେଇ ସଚେତନତା କେବଳ ନାରାରେ ସୀମିତ ନ ରହି, ବାସ୍ତବ ଜୀବନରେ ରୂପାୟନ ହେବା ଆଜିର ସର୍ବବୃହତ ଆବଶ୍ୟକତା ହୋଇପଡ଼ିଛି।

### ଅନ୍‌ଲାଇନ୍ ଗେମ୍‌ର କରୁଣ ପରିଣତି

# ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ଯୁବକ

ରାଜଘାଟ, ୨୩।୧ (ସମିସ): ରାସଗୋବିନ୍ଦପୁର ବ୍ଲକ ଗାଁ ଅମର୍ଦା ପଞ୍ଚାୟତ ଅନ୍ତର୍ଗତ ହମାର ପଡିଆ ଗ୍ରାମର ଭାଗିରଥି ପାତ୍ରଙ୍କ ପୁତ୍ର ସୁଦୀପ୍ତ (୨୨) ରାତା ରାତି କୋଟିପତି ହେବା ନିଶାରେ ଦୀର୍ଘ ଦିନ ହେବ ନିଜ ମୋବାଇଲରେ ଅନଲାଇନ ଗେମ ଖେଳି ସର୍ବସ୍ୱାନ୍ତ ହୋଇପଡ଼ିଥିଲେ। ପରିବାର ଲୋକ ଓ ସାଙ୍ଗ ସାଥିରୁ ଉଧାର ନେଇ ଉକ୍ତ ଗେମ୍‌ରେ ନିବେଶ କରି ସମସ୍ତ ଅର୍ଥ ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ଗୁରୁବାର ବିଳମ୍ବିତ ରାତିରେ ଘରୁ ବାହାରିଆସି ବସ୍ତା ବ୍ଲକ ରାଜଘାଟ ରେଳ ପୋଲ ନିକଟରେ ଆସି ଅପଲାଇନରେ ଟ୍ରେନ ଆଗକୁ ଡେଇଁ ଜୀବନ ହାରିଛନ୍ତି। ଖବର ପାଇ ରୁପ୍ସା ରେଳ ପୁଲିସ ଆସି ଶବକୁ ଜବତ ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ଅଧିକ ତଦନ୍ତ ଜାରିରଖିଛି। ଅପରାହ୍ନ ୩ଟାରେ ଶବ ଗ୍ରାମରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।



ସମ୍ବଲପୁରଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଶତାବ୍ଦୀ ବର୍ଷ ଅବସରରେ ଆୟୋଜିତ ଶତାବ୍ଦୀ ପଥ ସଞ୍ଚାଳନ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଭିଡ଼କୁ ନୁହେଁ ସରକାରୀ ୱେବ୍‌ସାଇଟ୍

### ବ୍ୟବହାର ସମୟରେ କୁଣ୍ଠାଉଛି

ଭୁବନେଶ୍ୱର, ୨୩।୧(ସମିସ): ଚାକିରି ଆଶାୟୀଙ୍କ ପାଇଁ ସରକାରୀ ୱେବ୍‌ସାଇଟ୍ ଦୁଃସ୍ୱପ୍ନ ପାଲଟିଛି। ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ୱେବସାଇଟ୍ ବିଭ୍ରାଟକୁ ପ୍ରାୟ ମାସେ ପୂରିଥିଲେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରୁ ନାହିଁ। ଏପରିକି ଚାକିରି ପାଇଁ ନାମ ପଞ୍ଜିକରଣ ବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ କରିବାକୁ ଉପଲବ୍ଧ ୱେବସାଇଟ୍ ପିଲାଙ୍କୁ କନ୍ଦାଇଲାଣି।

ଓଏସ୍‌ଏସ୍‌ସି ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଆବେଦନ ଜାରି ରହିଛି। ପୂର୍ବରୁ ଏହାର ୱେବସାଇଟ୍ ସମ୍ପୂର୍ଣ୍ଣ କ୍ରାସ୍ କରିଯିବାରୁ ଆବେଦନ ହୋଇପାରି ନ ଥିଲା। ଫଳରେ ଆବେଦନ ଅବଧିକୁ ଆଉ ୧୦ ଦିନ ଅର୍ଥାତ୍ ଚଳିତମାସ ଶେଷ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ମାତ୍ର ଓଏସ୍‌ଏସ୍‌ସି ୱେବସାଇଟ୍ ଏବେସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଆବେଦନ ସମୟରେ ଅଧାରୁ କଟି ଯାଉଥିବାବେଳେ ସମୟ ଅବଧି ମଧ୍ୟରେ ଆବେଦନ କରିପାରିବେ କି ନାହିଁ, ସେନେଇ ଆଶାୟୀମାନେ ସନ୍ଦିହାନ ଅବସ୍ଥାରେ କାଳାତିପାତ କରୁଛନ୍ତି। ଅନୁରୂପ ଭାବେ ଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ପରି ୩୨୫୦ ପଦରେ ନିଯୁକ୍ତି ପାଇଁ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଆବେଦନ ଗ୍ରହଣ କରାଯାଉଛି। ସେହିପରି ଫରେଷ୍ଟର, ଫରେଷ୍ଟଗାର୍ଡ ପାଇଁ ମଧ୍ୟ ଆବେଦନ ଜାରି ରହିଛି। ମାତ୍ର ପ୍ରଥମରୁ ଧିମା ଚାଲୁଥିବା ଓଏସ୍‌ଏସ୍‌ଏସ୍‌ସି ୱେବ୍‌ସାଇଟ୍ ଏବେ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି।

ଆଶାୟୀଙ୍କ ଦୁର୍ଦ୍ଦଶା ଏତିକିରେ ସରିନାହିଁ। ଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ପଦରେ ଆବେଦନ ପାଇଁ ନାମ ପଞ୍ଜିକରଣ ବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ କରିବା ବାଧ୍ୟତାମୂଳକ କରାଯାଇଥିବାବେଳେ ତାହାର ୱେବସାଇଟ୍ ମଧ୍ୟ ଖୋଲୁନାହିଁ। ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍ ଅଚଳ ହୋଇ ପଡ଼ିଥିବାରୁ ତୋଷାଳୀ ଭବନସ୍ଥିତ ରାଜ୍ୟ ନିଯୋଜନ କାର୍ଯ୍ୟାଳୟରେ ଆଶାୟୀମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ହେଲେ ସରକାର କୌଣସି ପଦକ୍ଷେପ ନ ନେବା ସହ କେବେସୁଦ୍ଧା ୱେବସାଇଟ୍ କାର୍ଯ୍ୟକ୍ଷମ ହେବ, ସେନେଇ ଆଶ୍ୱସ୍ତି କରୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଧିମେଇ ଧିମେଇ ଚାଲୁଥିବା ୱେବସାଇଟ୍‌ରେ ଆବେଦନ ବେଳେ ଅଧାରୁ କଟିଗଲେ ଆଉ ଆଗକୁ ବଢ଼ିପାରୁନାହାନ୍ତି। ପୁଣି ତାକୁ ଡିଲିଟ୍ କରି ମୂଳରୁ ଆବେଦନ କରିବାକୁ ପଡୁଛି। ଫଳରେ ଆଶାୟୀଙ୍କ ଅସନ୍ତୋଷ ଶିର୍ଷରେ ପହଞ୍ଚିଲାଣି। ଆସନ୍ତା ମଙ୍ଗଳବାର ସୁଦ୍ଧା ୱେବସାଇଟ୍ କାର୍ଯ୍ୟକ୍ଷମ ନ କଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସାମାଜିକ ଗଣମାଧ୍ୟମରେ ଲେଖୁଛନ୍ତି। ଏସବୁ ୱେବସାଇଟ୍ କ୍ରମାଗତ ଭାବେ ଅଚଳାବସ୍ଥା ଜାରି ରହିଥିବାରୁ ସରକାରୀ ୱେବସାଇଟ୍ କୌଣସି କାମକୁ ନୁହଁ ବୋଲି ଆଶାୟୀଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହେବାରେ ଲାଗିଛି।

# ପ୍ରତିଶ୍ରୁତି ପରେ ବସ୍ ଧର୍ମଘଟ ପ୍ରତ୍ୟାହୃତ

କଟକ,୨୩।୧(ସମିସ): ଗ୍ରାମାଞ୍ଚଳ ତଥା ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ବିରୋଧ କରି ଆସନ୍ତା ୨୪ତାରିଖରୁ ଦେଇଥିବା ଧର୍ମଘଟ ଡାକରାକୁ ଆଜି ପ୍ରତ୍ୟାହାର କରିଛି। କଟକସ୍ଥିତ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇ ପ୍ରସ୍ତାବିତ ଧର୍ମଘଟକୁ ପ୍ରତ୍ୟାହାର କରାଯାଇଛି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଘରୋଇ ବସ ମାଲିକ ସଂଘର ସାଧାରଣ ସଂପାଦକ ଦେବେନ୍ଦ୍ର ସାହୁ। କୌଣସି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବସ ସେବା ଚଳାଚଳ ପୂର୍ବରୁ ଗଠିତ କମିଟି ଓ ଆଞ୍ଚଳିକ ବସ ମାଲିକ ସଂଘ ସହମତିରେ ନିଷ୍ପତ୍ତି ନିଆଯିବ। ପରିବହନ ବିଭାଗ ପକ୍ଷରୁ ଆଜି ପରିବହନ ଆୟୁକ୍ତଙ୍କୁ ଏ ନେଇ ଚିଠି କରାଯାଇଛି। ଯେପରି ଆଞ୍ଚଳିକ ବସ ମାଲିକ ସଂଘ ସହ କୌଣସି ବିବାଦ ରହିବ ନାହିଁ ସେ ନେଇ ଓଏସଆରଟିସି ଓ ଜିଲ୍ଲା ସ୍ତରୀୟ କମିଟି ସହ ପରାମର୍ଶ କରିବାକୁ ଉକ୍ତ ଚିଠିରେ କୁହାଯାଇଛି। ନିଷ୍ପତ୍ତି ଅନୁସାରେ ଏହି କମିଟିରେ ଜିଲ୍ଲାପାଳ,ଆରଟିଓ, ଡିଟିଏମ ଓ ଆଞ୍ଚଳିକ ବସ ମାଲିକ ସଂଘର ପ୍ରତିନିଧି ମାନେ ରହିବେ। କେଉଁ ରୁଟରେ ଏହି ବସ ଚଳାଚଳ କରିବ ଏହି କମିଟି ନିଷ୍ପତ୍ତି ଗ୍ରହଣ କରିବ। ତଥାପି ଯଦି କିଛି ଆପତ୍ତି ଥାଏ ତାହାକୁ ପରିବହନ କମିସନରଙ୍କ ନିକଟରେ ସମୀକ୍ଷା କରାଯିବ। ଏହି ବୈଠକରେ ଘରୋଇ ବସ ମାଲିକ ସଂଘର ସଭାପତି ଲୋକନାଥ ପାଣି, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ , କଟକ ଜିଲ୍ଲା ଘରୋଇ ବସ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ଆଶିଷ କୁମାର ସାହୁ ପିନାକପାଣି ଷଡ଼ଙ୍ଗୀ, ବିବେକାନନ୍ଦ ଖଣ୍ଡାଇ ,କିଶୋର ଚନ୍ଦ୍ର ବିଶ୍ୱାଳ ପବିତ୍ର ମୋହନ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ କେବଳ ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ସୀମିତ ଥିଲା। ବର୍ତ୍ତମାନ ଏହି ବସ୍ ଜିଲ୍ଲା ମୁଖ୍ୟାଳୟକୁ ଗଡିବା ଦ୍ୱାରା ଘରୋଇ ବସ୍‌ଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରି ଧର୍ମଘଟ ଡାକରା ଦେଇଥିଲା।

### ଧାନ ସଂଗ୍ରହରେ ଅବ୍ୟବସ୍ଥା

# ପଛରେ ପଡ଼ିଛି ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା

ଭୁବନେଶ୍ୱର,୨୩।୧(ସମିସ): ଧାନ ସଂଗ୍ରହ କ୍ଷେତ୍ରରେ ଓଡ଼ିଶା ଇତିହାସରେ ପୂର୍ବରୁ କେବେ ଏମିତି ଅବ୍ୟବସ୍ଥା ଦେଖା ଦେଇ ନଥିଲା। ଓଡ଼ିଶା ଏକ କୃଷିପ୍ରଧାନ ଅର୍ଥନୀତି ହୋଇଥିବାରୁ ୬୦ ପ୍ରତିଶତରୁ ଅଧିକ ଲୋକ ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି। ହେଲେ ଡବଲ୍ ଇଞ୍ଜିନ୍ ସରକାର ଧାନ ସଂଗ୍ରହରେ ଓଡ଼ିଶାର ଚାଷୀମାନଙ୍କ ସହ ବିଶ୍ୱାସଘାତକତା କରଛନ୍ତି ବୋଲି ବିଜେଡି କହିଛି। ଶୁକ୍ରବାର ଦଳର ମୁଖପାତ୍ର ଡଃ ଲେନିନ ମହାନ୍ତି ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫-୨୬ର ଧାନ ସଂଗ୍ରହ ସ୍ଥିତିର ତୁଳନାତ୍ମକ ବିଶ୍ଳେଷଣ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ୨୨ ଜାନୁଆରୀ ୨୦୨୪ରେ ବିଜେଡି ସରକାର ସମୟରେ ମୋଟ ୩୯,୭୪,୬୮୭ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା ଏବଂ ୮,୪୦,୧୮୧ ଚାଷୀ ଓଡ଼ିଶାରେ ଧାନ ବିକ୍ରୟ କରିପାରିଥିଲେ। ହେଲେ ୨୨ ଜାନୁଆରୀ ୨୦୨୫ରେ ବିଜେପି ସରକାର ସମୟରେ ମୋଟ ଧାନ ସଂଗ୍ରହ ୩୫,୬୪,୨୬୭ ମେଟ୍ରିକ୍ ଟନ୍‌କୁ ହ୍ରାସ ପାଇଥିବା ବେଳେ ମାତ୍ର ୭,୧୨,୪୮୧ ଚାଷୀ ଧାନ ବିକ୍ରୟ କରିପାରିଥିଲେ। ମାତ୍ର ୨୨ ଜାନୁଆରୀ ୨୦୨୬ରେ ମୋଟ ଧାନ ସଂଗ୍ରହ ଆହୁରି ହ୍ରାସ ପାଇ ୩୦,୪୯,୫୫୦ ମେଟ୍ରିକ୍ ଟନ୍‌କୁ ଖସି ଆସିଛି। ଏପର୍ଯ୍ୟନ୍ତ ୩୦ ପ୍ରତିଶତ ଚାଷୀ ୩୫ ପ୍ରତିଶତ ଧାନ ବିକ୍ରି କରିଛନ୍ତି। ବିଜେପି ସରକାର ସମୟରେ ସଂଗ୍ରହ ହୋଇଥିବା ଧାନ ପରିମାଣ ଏବଂ ଚାଷୀଙ୍କ ସଂଖ୍ୟାରେ କାହିଁକି ହ୍ରାସ ଘଟିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ବଡ଼ କଥା ହେଉଛି ଯେ ମୁଖ୍ୟମନ୍ତ୍ରୀ (କେନ୍ଦୁଝର) ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ (ବଲାଙ୍ଗୀର ଏବଂ ପୁରୀ) ଜିଲ୍ଲା ଧାନ ସଂଗ୍ରହରେ ବହୁତ ପଛରେ ଅଛନ୍ତି। ବିଜେଡି ସରକାର ସମୟରେ ୨୨ ଜାନୁଆରୀ



**ଛତିଶଗଡ଼ରେ ହୋଇସାରିଲାଣି ଧାର୍ଯ୍ୟ ଲକ୍ଷ୍ୟ ହାସଲ**

**ଓଡ଼ିଶାରେ ଏଯାଏଁ ୩୦ ପ୍ରତିଶତରୁ ଧାନ କିଣାରୁ ବଢୁନି**

୨୦୨୪ରେ କେନ୍ଦୁଝର ଜିଲ୍ଲାରେ ୮୬,୬୪୧ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୫ରେ ଧାନ ସଂଗ୍ରହ ହ୍ରାସ ପାଇ ୮୦,୮୯୫ ମେଟ୍ରିକ୍ ଟନ୍ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ଆହୁରି ହ୍ରାସ ପାଇ ମାତ୍ର ୫୦,୭୦୮ ମେଟ୍ରିକ୍ ଟନ୍ ହୋଇଥିଲା। ଏହା ଧାନ ସଂଗ୍ରହରେ ତଥାକଥିତ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅପାରଗତାକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରୁଛି ବୋଲି ଡଃ ମହାନ୍ତି କହିଛନ୍ତି। ସେହିପରି ବିଜେଡି ସରକାର ସମୟରେ ୨୨ ଜାନୁଆରୀ ୨୦୨୪ରେ ବଲାଙ୍ଗୀର ଜିଲ୍ଲାରେ ୩,୨୦,୮୭୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ହ୍ରାସ ପାଇ ମାତ୍ର ୨,୭୮,୮୨୯ ମେଟ୍ରିକ୍ ଟନ୍ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେ ଭି ସିଂହଦେଓ କହୁଛନ୍ତି, ଚାଷୀମାନେ ନୌଟଙ୍କି କରୁଛନ୍ତି; କିନ୍ତୁ ତାଙ୍କ ନିଜ ଜିଲ୍ଲାରେ ଧାନ ସଂଗ୍ରହ ହେଉନାହିଁ। ସେହିପରି ବିଜେଡି ସରକାର ସମୟରେ ୨୨ ଜାନୁଆରୀ ୨୦୨୪ରେ ପୁରୀ ଜିଲ୍ଲାରେ ୨୧,୮୯୧ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୫ରେ ଧାନ ସଂଗ୍ରହ ହ୍ରାସ ପାଇ ୧୧,୭୯୨ ମେଟ୍ରିକ୍ ଟନ୍ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ହ୍ରାସ ପାଇ ମାତ୍ର ୭୯୭ ମେଟ୍ରିକ୍ ଟନ୍ ହୋଇଥିଲା।

ଅପରପକ୍ଷରେ ଛତିଶଗଡ଼ ସରକାର ୮୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଅବଧିର ବହୁ ପୂର୍ବରୁ ୧୨୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିସାରିଛନ୍ତି। ଛତିଶଗଡ଼ ସରକାର ୨୭୪୦ ଧାନ ମଣ୍ଡି ଖୋଲିଥିବା ବେଳେ ଓଡ଼ିଶା ସରକାର ୪୦୮୩ ବଦଳରେ ୨୭୭୨ଟି ମଣ୍ଡି ଖୋଲିଛନ୍ତି, ଯେଉଁଥିପାଇଁ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ ବୋଲି ଡଃ ମହାନ୍ତି ଦର୍ଶାଇଛନ୍ତି।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୩।୧(ସମିସ): ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଯାଜପୁର ଥାନା ଜେନାପୁର ବାଲିସାହି ଅଂଚଳର ବସନ୍ତ ମଲ୍ଲିକ(୨୧)।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରର ଜଣେ ୧୪ବର୍ଷିଆ ନାବାଳିକା ଗତ ଡିସେମ୍ବର ୨୮ ତାରିଖରେ ଗୋପାଳପୁର ପିଉସୀଙ୍କ ଘରକୁ ଆସିଥିଲା। ପରେ ପିଉସୀ ଓ ପିଉସା ବ୍ରହ୍ମପୁର ଯିବା ପାଇଁ ବସରେ ବସାଇଥିଲେ। କିନ୍ତୁ ନାବାଳିକା ଘରକୁ ଫେରି ନ ଥିବାରୁ ବହୁ ଖୋଜା ଖୋଜି ପରେ ଗୋପାଳପୁର ଥାନାରେ ୨୯ତାରିଖରେ ଗୋସାଇ ମା' ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ଯାଜପୁର ଥାନା ଜେନାପୁର ବାଲିସାହି ଅଂଚଳର ବସନ୍ତ ମଲ୍ଲିକ ନାବାଳିକାକୁ ଅପହରଣ କରି ନେଇଥିବା କୌଣସି ସୂତ୍ରରୁ ପୁଲିସ ଖବର ପାଇଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏସ.ଆଇ ଭବାନୀ ଶଙ୍କର ନାୟକ, ଏଏସଆଇ ମେଘନାଦ ସାହୁ, ମହିଳା ପୁଲିସ ପଦ୍ମିନୀ ପାତ୍ର ଢେଙ୍କାନାଳ ଜିଲ୍ଲା ବିଧାରପୁର ଗ୍ରାମରୁ ଉଭୟଙ୍କୁ କାବୁ କରିଥିଲେ। ଆଜି ନାବାଳିକା ଓ ଅଭିଯୁକ୍ତର ଡାକ୍ତର ପରୀକ୍ଷା ହୋଇଥିଲା। ଏହାସହ ପିଡିତାଙ୍କ ବୟାନ ରେକର୍ଡ ମଧ୍ୟ ହୋଇଥିବା ପୁଲିସ କହିଛି।

### କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି

# ବୁଢ଼ାରଜା ପୀଠରୁ ଆରମ୍ଭ ହେଲା ଆନ୍ଦୋଳନର ସ୍ୱର

**କୋକସରା, ୨୩।୧(ସମିସ)**

୧୨ ଥର ନିର୍ବାଚନକୁ ଆଖି ଆଗରେ ଦେଖିଥିବା କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ୨୦୦୯ ମସିହାରେ ସୀମା ପୁନଃଗଠନ ହେତୁ ହଠାତ୍ ଉଚ୍ଛେଦ କରି ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ କରିଦିଆ ଗଲା। ତେବେ ସର୍ବପୁରାତନ କୋକସରା ନିର୍ବାଚନ ମଣ୍ଡଳୀକୁ ପୁନଃ ଗଠନ ପାଇଁ ଦାବି ତେଜିବାରେ ଲାଗିଥିବା ବେଳେ କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣିର ବୁଢ଼ାରଜା ପୀଠରୁ ଆରମ୍ଭ ହେଲା ଆନ୍ଦୋଳନର ସ୍ୱର। ଆମପାଣି ବୁଢ଼ାରଜା ମନ୍ଦିର ପରିସରରେ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି ନେଇ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ ସଭାପତିତ୍ୱ କରିଥିଲେ। ବୈଠକରେ ପୁରୁଷୋତ୍ତମ ଦାସ ଗୁପ୍ତା, ଧବଳେଶ୍ୱର ନାଗ, ରୁଦ୍ରରାଜ ମାଝୀ, ଶ୍ରୀନିବାସ ପ୍ରଧାନୀ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ପ୍ରମୋଦ ପ୍ରଧାନୀ, ରାମଚନ୍ଦ୍ର ପାଣିଗ୍ରାହୀ, ଟିକିଚନ୍ଦ୍ର ଧଙ୍ଗଡ଼ାମାଝୀ, ବିଘ୍ନେଶ୍ୱର ନାଏକ, କେଶବ ଚନ୍ଦ୍ର ନାଏକ, ମାନସ ରଞ୍ଜନ ବାଗ, ଜିତେନ୍ଦ୍ର ପଣ୍ଡା, ହରିଶ୍ଚନ୍ଦ୍ର ନାଏକ, ସୁରେଶ ସାହୁ, ମନୋରଞ୍ଜନ ବାଣୁଆ, ଦୟାନିଧି ନାଏକ, ପ୍ରଧାନୀ ବାଗ, ମହେନ୍ଦ୍ର ନେଗୀ, ରଘୁନାଥ ଖମାରୀ, ଅନିଲ କୁମାର ପ୍ରଧାନୀ, ନବୀନ କୁମାର ନାଏକ, ରମେଶ ଚନ୍ଦ୍ର ଦୁର୍ଗା, ଖଗେଶ୍ୱର ପାଣିଗ୍ରାହୀ, ବିଜୟ କୁମାର ପଣ୍ଡା, ଆଶୁତୋଷ ପୁରୋହିତ, ପ୍ରଶାନ୍ତ ମୁନି, ସଞ୍ଜୟ ସିଙ୍ଗଲ, ରବିନାରାୟଣ ଦାସ, ମଣିରାମ ବାଣୁଆ, କେଶବ ବେଣୁପାଣି, ଦୁଷ୍ମନ୍ତ ଗହିର, ବିନୋଦ କୁମାର ସିଂ, ଆଶିଷ ପୁଝାରୀ, ଦୈତାରୀ ମାଝୀ, ଅଜୟ ଦିପ ସମେତ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ଆଗାମୀ ଦିନରେ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ନିମନ୍ତେ ପ୍ରତି ପଞ୍ଚାୟତରେ ବୈଠକ ଅନୁଷ୍ଠିତ ହେବା ସହିତ ଆନ୍ଦୋଳନର ସ୍ୱର ଉଠିବା ନେଇ ଆଲୋଚନା ହୋଇଥିଲା। ଏଥି ସହିତ ଆନ୍ଦୋଳନକୁ ତିବ୍ର ଓ ବ୍ୟାପକ କରିବା ନେଇ ଭୁବନେଶ୍ୱର ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା ବାହାରିବା ପାଇ ମଧ ଆଲୋଚନା କରାଯାଇଥିଲା।



# ସାମ୍ପ୍ରଦାୟିକ ବିଦ୍ୱେଷ, ହିଂସା ରୋକିବାକୁ ରାଜ୍ୟପାଳଙ୍କୁ ପତ୍ର

**କଲମପୁର, ୨୩।୧(ସମିସ):** ସମ୍ପ୍ରତି ଦେଶ ଓ ରାଜ୍ୟମାନଙ୍କରେ ବିଦ୍ୱେଷ ଓ ହିଂସା ଭାବ ବହୁଳ ମାତ୍ରାରେ ବୃଦ୍ଧି ଘଟିବାରେ ଲାଗିଛି। ଜାତୀ ଧର୍ମ ନାମରେ ନୀରିହ ଜୀବନ ଅକାଳରେ ଚାଲି ଯାଉଛି।ଶାନ୍ତିପ୍ରିୟ ଓଡ଼ିଶା ରାଜ୍ୟ ମଧ ଏହାଠାରୁ ବାଦ ପଡ଼ିନାହିଁ।ଏହାକୁ ଆଧାର କରି ଭାରତ ମୁକ୍ତି ମୋର୍ଚ୍ଚା ଓଡ଼ିଶା ରାଜ୍ୟ ପ୍ରଭାରୀ ମାଧବ ସୁନାନୀ ଓଡ଼ିଶା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପତ୍ର ପ୍ରେରଣ କରିଛନ୍ତି। କଳାହାଣ୍ଡି ଜିଲ୍ଲା କଲମପୁର ଉପ ଡାକଘରରେ ସୁନାନୀ ସ୍ପିଡ୍ ପୋଷ୍ଟ ମାଧମରେ ପତ୍ର ପ୍ରେରଣ କରିଛନ୍ତି। ପତ୍ରରେ ଶ୍ରୀ ସୁନାନୀ ଉଲ୍ଲେଖ କରିଛନ୍ତି ଯେ ଏକଦା ଓଡ଼ିଶା ରାଜ୍ୟ ଶାନ୍ତି ଓ ସଂହତିର ପ୍ରତୀକ ଥିଲା। କିନ୍ତୁ ଏହି ରାଜ୍ୟରେ ଏବେ ବିଭିନ୍ନ ପ୍ରକାର ବର୍ଗରେ ଭାଗ ଭାଗ ହୋଇ ବିଦ୍ୱେଷ ବଢ଼ି ଚାଲିଥିବା ବେଳେ ଏହା ହିଂସା ପଥକୁ ଅଗ୍ରସର ହେବାରେ ଲାଗିଛି, ଏହା ସମ୍ବିଧାନର ଅନୁଚ୍ଛେଦ ୧୪, ୧୫, ୧୭, ୧୯, ୨୧ ଓ ୨୫ର ଉଲଂଘନ କରୁଛି ବୋଲି ଦର୍ଶାଇବା ସହିତ ସମସ୍ତ ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କୁ କଠୋର ଦଣ୍ଡ, ରାଜ୍ୟ ସରକାରଙ୍କ ସାଂବିଧାନିକ ଦାୟିତ୍ୱ ପାଳନ, ଶାନ୍ତି ପ୍ରତିଷ୍ଠା ପାଇଁ ଉଚ୍ଚ ସ୍ତରୀୟ କମିଟି ଗଠନ, ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀ ସୁନାନୀ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କି ପ୍ରତିକ୍ରିୟା ଆସିବ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ।




### ■ ଗୁଟଖା ବନ୍ଦ ହେଲା ମଦ କେବେ ବନ୍ଦ ହେବ

# ଗଞ୍ଜେଇ ଭଳି ବଢ଼ିବ ଗୁଟଖା ଚୋରା କାରବାର

**କେସିଙ୍ଗା, ୨୩।୧(ସମିସ):** ଜିଏସଟିରେ ନିଶା ଜାତୀୟ ଦ୍ରବ୍ୟ ଗୁଟଖା, ସିଗାରେଟ୍, କଡା ଜିନିଷ ଉପରେ ୪୦ ପ୍ରତିଶତ ଅଧିକ ଲଗାଇବା ପରେ ରାଜ୍ୟ ସରକାର ଦୁଇ ଦିନ ତଳେ ରାଜ୍ୟରେ ସମ୍ପୂର୍ଣ୍ଣ ଗୁଟଖା ବନ୍ଦ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏମିତି ଦେଶରେ ଅନେକ ରାଜ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁଟଖା ବନ୍ଦ ଆଗରୁ ହୋଇ ଯାଇଥିଲେ ମଧ୍ୟ ଗୁଟଖା ବନ୍ଦ ରାଜ୍ୟରେ ଏବେ ମଧ ପ୍ରବଳ ମାତ୍ରାରେ ଗୁଟଖା ବିକ୍ରି ହେଉଛି ଏକଥା ସମସ୍ତେ ଜାଣିଛନ୍ତି। ପଶ୍ଚିମଓଡ଼ିଶାରେ ମୁଖ୍ୟ ତ ସଫଳ, ସିନେ ତାରକା ଙ୍କ ଦ୍ୱାରା ବିଜ୍ଞାପିତ ବିମଲ୍ ଓ ଆଉ କିଛି ଅନ୍ୟ ଗୁଟଖା ପ୍ରବଳ ପରିମାଣରେ ବିକ୍ରି ହୋଇଥାଏ। ଯଦି ଗୁଟଖା ବନ୍ଦ ପାଇଁ ବାସ୍ତବରେ ସରକାର ଚାହୁଛନ୍ତି ତାହା ହେଲେ ଗୁଟଖା ଉତ୍ପାଦନ ଫ୍ୟାକ୍ଟ୍ରି ଓ କମ୍ପାନୀକୁ ବନ୍ଦ କରିଦେଲେ ପ୍ରାୟ ସମସ୍ୟାର ସମାଧାନ ହୋଇଯିବ ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ଗୁଟଖା ବ୍ୟାନ କରିବାର କାରଣ ସରକାର କହୁଛନ୍ତି କ୍ୟାନସର ରୋଗ କମିବ ଯଦି ଗୁଟଖା ବନ୍ଦ ହେଲେ କେନସର ଭଳି ରୋଗ କମିବ ତାହାହେଲେ ମଦ ବନ୍ଦ ହେଲେ ତ ଓଡ଼ିଶା ଦୁର୍ଘଟଣା ଶୂନ୍ୟ ରାଜ୍ୟରେ ପରିଣତ ହେବ। ତେଣୁ ଗୁଟଖା ବନ୍ଦ ପାଇଁ ଯେମିତି ରାଜ୍ୟ ସରକାର ଅଣ୍ଟା ଭିଡ଼ି ରାଜ୍ୟରେ ଗୁଟଖା ବନ୍ଦ କଲେ ରାଜ୍ୟରୁ ମଦ କେବେ ବନ୍ଦ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଥିବା କିଛି ବଡ଼ବଡ଼ ବେପାରୀଙ୍କ ପାଖରେ ଟ୍ରକ୍ ଟ୍ରକ୍ ସଫଳ, ବିମଳ ପରି ଗୁଟଖା ଷ୍ଟକ ରହିଥିବା ଚର୍ଚ୍ଚା ହେଉଥିବା ବେଳେ ବେପାରୀ ମାନେ ୧୨୫ ଟଙ୍କାରେ ବିକ୍ରି ହେଉଥିବା ସଫଳ ଓ ବିମଳବର୍ତ୍ତମାନ ଦୁଇରୁ ତିନି ଗୁଣା ବିକ୍ରି ହେଉଥିବା ଚର୍ଚ୍ଚା ହେଉଛି।

### ■ ହାତୀ ମୃତ୍ୟୁ ଲୁଚାଇବା ଘଟଣା

# ନିଲମ୍ବିତ ରେଞ୍ଜରଙ୍କୁ ଖୋଜୁଛି ବନ ବିଭାଗ

**କେସିଙ୍ଗା, ୨୩।୧(ସମିସ):** ଗତ ୫ ତାରିଖ ଦିନ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ମୁଣ୍ଡୁଟିଜଙ୍ଗଲରେ ମୃତହାତୀକୁ ଲୁଚାଇବା ଘଟଣା ଇତି ମଧ୍ୟରେ ପ୍ରାୟ ୨୦ ଦିନ ବିତିଯାଇ ଥିଲେ ମଧ ନିଲମ୍ବିତ ରେଞ୍ଜର ବିନୟ ବିଶିଙ୍କୁ ଖୋଜି ପାରୁନାହିଁ ବନ ବିଭାଗ କିମ୍ବା ପୁଲିସ। ଶୁଣିବାକୁ ମିଳୁଛି କୁଆଡେ ରେଞ୍ଜର ବାବୁ ହାତୀର ମୃତଦେହକୁ ଲୁଚାଇବା ପାଇଁ ଲୋକ ଲଗାଇ ହାତୀର ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟି ପ୍ରାୟ ୩୦ଟି ବସ୍ତାରେ ଭର୍ତ୍ତିକରି ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ କିଲୋମିଟର ଦୂର ରେଞ୍ଜରଙ୍କ ପୈତ୍ରିକ ଗ୍ରାମ କଳାହାଣ୍ଡି ଜିଲ୍ଲା ତହିଁଶିର ଗ୍ରାମରେ ପୋତା ଯାଇଥିଲା ପୁଣି ଶୁଣିବାକୁ ମିଳୁଛି ଯେ ଯେଉଁ ସ୍ଥାନରେ ହାତୀର ମୃତଦେହ ପୋତା ଯାଇଥିଲା ସେଇଟା କୁଆଡେ ଏକ ରାଜସ୍ୱ ଜମି। ପ୍ରଶ୍ନ ଉଠୁଛି ବାଲିଗୁଡ଼ାରୁ କେସିଙ୍ଗା ଆସିବା ବେଳେ କୋଉ ଗାଡ଼ି ବ୍ୟବହାର ହୋଇଥିଲା କେତୋଟି ଟୋଲ ଗେଟ ଦେଇ ଗାଡ଼ି ଆସିଛି ରାତି କେତେ ବେଳେ ଆସିଛି, ପୁଣି କେସିଙ୍ଗା ଆସିବା ପରେ ରେଞ୍ଜରଙ୍କୁ କିଏ କିଏ ସାହାଯ୍ୟ କରିଛନ୍ତି କାହାର ଜେସିବି ଲାଗିଥିଲା ଏମିତି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରିଥିଲେ ମଧ ପ୍ରକୃତରେ ଘଟଣାର ସତ୍ୟା ସତ୍ୟ ଫେରାର ରେଞ୍ଜରଙ୍କ ଧରାପଡ଼ିଲେ ହିଁ ଜଣାପଡ଼ିବ।

# ଯୁବ ରେଡ୍‌କ୍ରସ୍ ଶିବିରରେ କଳାହାଣ୍ଡି ଜିଲ୍ଲାର ସଫଳତା

**ଭବାନୀପାଟଣା, ୨୩।୧ (ସମିସ):** ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ ରାଜ୍ୟ ସ୍ତରୀୟ ଯୁବ ରେଡକ୍ରସ୍ ଶିବିରରେ କଳାହାଣ୍ଡି ଜିଲ୍ଲାର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ଜାନୁଆରୀ ୧୯ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଶିବିରରେ କଳାହାଣ୍ଡି ଜିଲ୍ଲାର ଯୁବ ରେଡକ୍ରସ୍ ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁଙ୍କ ନେତୃତ୍ୱରେ ପରାମର୍ଶଦାତା ଡ. ନୃସିଂହାନନ୍ଦ ସାସମଲ, ସଞ୍ଜୀବ କୁମାର ସଗରିଆ, ସେତୁରାମ ନାଏକ ଏବଂ ଦୁଇଟି ଜିଲ୍ଲାସ୍ତରୀୟ ଶିବିରରୁ ମନୋନୀତ ହୋଇଥିବା ବିଭିନ୍ନ ମହାବିଦ୍ୟାଳୟର୧୨ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ମ. ରାମପୁର ମହାବିଦ୍ୟାଳୟ ଛାତ୍ର ମୁକେଶ ହରିଜନ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ, ସ୍ନାତକ ମହାବିଦ୍ୟାଳୟ, ମହାଲିଙ୍ଗର ଛାତ୍ର ଶରତ କୁମାର ତାଣ୍ଡି ପାରମ୍ପରିକ ପୋଷାକ ପରିଧାନ ପ୍ରତିଯୋଗିତାରେ ଦ୍ୱିତୀୟ ଓ ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟ, ଜୟପାଟଣାର ଛାତ୍ରୀ ତନୁଜା ହରିଜନ ତର୍କ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଶିବିରର ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲା ଯୁବ ରେଡକ୍ରସର ଏହି ସଫଳତା ପାଇଁ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ ନିବେଦିତା ନାଥ, କୁଳସଚିବ ଡ.ଗୁଣନିଧି ନାଏକ, ଉପ କୁଳସଚିବ ଡ. ଜୟଦେବ ସାହୁ, ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ଏବଂ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ତଥା ଯୁବ ରେଡକ୍ରସ ପରାମର୍ଶଦାତା ମାନେ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।




# ଜିଲ୍ଲାସ୍ତରୀୟ 'ସୁଭଦ୍ରା' ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ

**ଭବାନୀପାଟଣା, ୨୩।୧(ସମିସ):** ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମେଳା'ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷ, ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଦୟାମୟ ପାଢ଼ୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ, ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ମୁଜିବୁନ ନିଶା, ଜିଲ୍ଲା ମିଶନ ଶକ୍ତି ସଂଯୋଜିକା, ସୁମନ ଦ୍ୱିବେଦୀ, ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓରମାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମେଳା ସପ୍ତାହ ବ୍ୟାପି ୨୮ ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ। ମେଳାରେ କଳାହାଣ୍ଡି ଜିଲ୍ଲା ଏବଂ ଓଡ଼ିଶାର ଅନ୍ୟ ଜିଲ୍ଲା ମାନଙ୍କରୁ ଆସିଥିବା ୭୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନିଜର ପ୍ରସ୍ତୁତ ସାମଗ୍ରୀ ବିକ୍ରୀ କରିବା ସହ ମେଳା ରେ ବିବିଧ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଓ କାଷ୍ଠ ଜଙ୍ଗଲ ଉତ୍ପାଦ ସହିତ ଓଡ଼ିଆ ଅସ୍ମିତାର ପ୍ରତିଫଳନ ମଧ ଦର୍ଶଉଛନ୍ତି। ମେଳାର ମୁଖ୍ୟ ଆକର୍ଷଣ ସେଲ୍‌ଫି ପଏଣ୍ଟ ଏବଂ ମାସ କୋର୍ଟ ଧାରି ସୁଭଦ୍ରା ଦିଦି ଓ କଳାହାଣ୍ଡି ଜିଲ୍ଲାର ଲୋକ ନୃତ୍ୟ ସଙ୍ଗେ ବିଭିନ୍ନ ସଂକ୍ଷ ସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ମନୋରଞ୍ଜନ ଯୋଗାଇଛି।

# ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ସରସ୍ୱତୀ ପୂଜା

**ଗୋଲାମୁଣ୍ଡା, ୨୩।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ସମସ୍ତ ସ୍କୁଲ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ରେ ସରସ୍ୱତୀଙ୍କ ପୂଜନୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡ଼ି କର୍ମୀ ଶ୍ରଦ୍ଧା ମନରେ ସକାଳୁ ନିତ୍ୟକର୍ମ ସାରି ସ୍ନାନ କରି ନୂତନ ପୋଷାକ ପରିଧାନ କରି ନିଜ ନିଜର କାର୍ଯ୍ୟ ସ୍ଥଳରେ ପହଞ୍ଚି ଥିଲେ। ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନ କରି ନାନାଦି ପୁଷ୍ପ, ଧୂପ, ଦୀପ ନୈବେଦ୍ୟ ଅର୍ପଣ କରିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ପୁଷ୍ପାଞ୍ଜଳି ଅର୍ପଣ କରି ସମସ୍ତ ଶ୍ରଦ୍ଧାଳୁ ଭକ୍ତି ଚିତରେ ବିଦ୍ୟାଦାତ୍ରୀଙ୍କ ଚରଣରେ ଆଶିର୍ବାଦ କାମନା କରିଥିଲେ।



# ଶ୍ରୀସାଇ କଲେଜରେ ସଡ଼କ ସୁରକ୍ଷା ସଚେତନତା




**ନୂଆପଡ଼ା, ୨୩।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୁରୁମପୁରୀସ୍ଥିତ ଶ୍ରୀସାଇ କଲେଜରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ପ୍ରାଧିକାରୀଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଡ଼. ଅଶୋକ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିବହନ ଅଧିକାରୀ ସର୍ମିଳା ମହାରଣା ଯୋଗ ଦେଇଥିଲେ। ସଡକ ସୁରକ୍ଷା ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ଅନ୍ୟଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ସଡକ ସୁରକ୍ଷା ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଓ କଲେଜ ଛାତ୍ରଛାତ୍ରୀ ଜାତୀୟ ରାଜପଥ ୩୫୩ରେ ପଥଚାରୀଙ୍କୁ ସଚେତନ କରିବା ସହ ପୁଷ୍ପ ଦେଇ ଧନ୍ୟବାଦ ଜଣାଇଥିଲେ।ଅନ୍ୟମାନଙ୍କ ମଧ୍ୟରେ କଲେଜ ନିର୍ଦ୍ଦେଶକ ମୁକେଶ ଭସାଣି, କଦମ ଅନୁଷ୍ଠାନର ସମ୍ପାଦକ ଯାଜ୍ଞସେନୀ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥ ଠଭାବେ ଯୋଗ ଦେଇଥିଲେ।

### ନୂଆପଡ଼ାରେ ପାଟ ଯାତ୍ରା ମହୋତ୍ସବ

# ଏକାଠି ହେଲେ ୨ ଜିଲ୍ଲାର ଦିଶାରୀ ପରିବାର ବଂଶୀୟ

**କୋକସରା, ୨୩।୧(ସମିସ) :** ଦିର୍ଘ ୭୦ ବର୍ଷ ପରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ବସବାସ କରୁଥିବା ଦିଶାରୀ ପରିବାରର ପାଟ ଯାତ୍ରା ମହୋତ୍ସବ କୋକସରା ବ୍ଲକ ଟେମରା ପଞ୍ଚାୟତର ନୂଆପଡ଼ା ଠାରେ ଅନୁଷ୍ଠିତ ହୋଇଛି। ଗତ ୨ ଦିନ ଧରି ଚାଲିଥିବା ପଦଯାତ୍ରା ମହୋତ୍ସବରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଦିଶାରୀ ପରିବାର ବଂଶୀୟ ଓ ବନ୍ଧୁବାନ୍ଧବ ଯୋଗଦେଇ ଥିଲେ। ପ୍ରଥମ ଦିବସରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଦିତୀୟ ଦିନରେ ମୁଖ୍ୟ ପୂଜା ଅନୁଷ୍ଠିତ ହୋଇଥିଲା।ଉକ୍ତ ପାଟ ଯାତ୍ରାରେ କୂଳଦେବତା ଭୈରବ ଦେବ, ମା' ଠାକୁରାଣୀ, ପେଣ୍ଡ୍ରାଣୀ, କାଳୀ ସୁନ୍ଦରୀ, ଝିଟକୁଡୁମା, ଗୁରୁଡୁମା, ଚାରିଗୈରାସି, ଜେନାବୁଡା, କାଡେନ, ଲେଙ୍ଗାଚେଙ୍ଗା, ତେଟ ସହିତ ଗ୍ରାମ୍ୟ ଦେବାଦେବୀ, ମାଟି ମାତା ଓ ଗ୍ରାମ୍ୟ ପୁଝାରୀଙ୍କ ଘରୁ ଲାଠି କୂର୍ଷି ଆସି ପୂଜାର୍ଚ୍ଚନା କରାଯାଇଥିଲା। ଜତିନ୍ଦ୍ର ଦିଶାରୀ, ଲାଲ ଦିଶାରୀ, ଜୟଲାଲ ଦିଶାରୀ, ଇଶ୍ୱରାମ ଦିଶାରୀ, ଦିଗାମ ଦିଶାରୀ, ହର ଦିଶାରୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପାଟଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ସାମାଜିକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ପାରେଶ୍ୱର ପୁଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଆଦିବାସୀ ସମାଜର ସମ୍ପାଦକ ରୁଦ୍ରରାଜ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଳକଣ୍ଠ ମାଝୀ ମୁଖ୍ୟବକ୍ତା, ରଣସାଏ ପାତ୍ର, କ୍ଷିତିରାମ ପାତ୍ର, ଲୋକନାଥ ପାତ୍ର, ତୋଫାନ ମାଝୀ, ବୃନ୍ଦାବନ ପୁଝାରୀ, ଶୁଶାନ୍ତ ମାଝୀ, କ୍ଷେରୋଦ ମାଝୀ, ଚକାଡୋଳା ପାତ୍ର, ଜଗଦୀଶ ମାଝୀ, ଚନ୍ଦ୍ରକାନ୍ତ ପାତ୍ର, ହିମାଞ୍ଚଳ ପୁଝାରୀ, ପାରେଶ୍ୱର ଧ.ମାଝୀ, ହଳଧର ସୋରୀ, ଗଣେଶ ପୁଝାରୀ, କାର୍ତ୍ତିକ ଭତ୍ରା, ମଧୁବନ ପାତ୍ର, ବିବେକ ସାମରଥ, ଲକ୍ଷିଧର ମାଝୀ, ଭଦ୍ର ମାଝୀ, ଗୋପାଳ ପୁଝାରୀ, ବନସିଧର ଚଳାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସମାଜରେ ଶିକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଦିଶାରୀ ସଂଯୋଜନା କରିଥିବା ବେଳେ ଦିଶାରୀ ପରିବାରର କର୍ମକର୍ତ୍ତା ଚନ୍ଦ୍ର ଶେଖର ଦିଶାରୀ, ଅକ୍ଷ ଦିଶାରୀ, ଧନିରାମ ଦିଶାରୀ, ଭୁଙ୍ଗରାଜ ଦିଶାରୀ, ବିଶ୍ୱନାଥ ଦିଶାରୀ, ରଥ ଦିଶାରୀ, ରୁପେଶ ଦିଶାରୀ, କମଳୁ ଦିଶାରୀ ପ୍ରମୁଖ ରହିଥିବାବେଳେ ଦୁଷ୍ମନ୍ତ ପାତ୍ର, ସଦନ ପୁଝାରୀ, ଭଜ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପରିବେଷଣ ହୋଇଥିଲା।




# କ୍ରୀଡ଼ାବିତ୍‌ଙ୍କ ଅକାଳ ବିୟୋଗ

**ସିନାପାଲି, ୨୩।୧ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ଗ୍ରାମର ବରିଷ୍ଠ କ୍ରୀଡ଼ାବିତ ଧର୍ମେନ୍ଦ୍ର ବୈଠରୁ (ଧନୁ) ୩୫ ବର୍ଷ ବୟସରେ ଇହଧାମ ତ୍ୟାଗ କରିଛନ୍ତି। ସେ ସିଙ୍ଗଝର ଅଞ୍ଚଳର ଜଣେ କ୍ରୀଡ଼ାବିତ ଭାବରେ ଜଣାଶୁଣା ଥିଲେ। ବୁଢାରଜା କ୍ରିକେଟ କପ ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ଓ ଜୟଶ୍ରୀ ବୀଣାପାଣି ଯୁବକ ସଂଘର ବରିଷ୍ଠ କର୍ମକର୍ତ୍ତା ଭାବରେ ରହିଥିଲେ। ବହୁ ଦିନରୁ କ୍ୟାନସର ଜନିତ ରୋଗରେ ପଡ଼ି ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସାଙ୍ଗ ସାଥି ତଥା ସହପାଠୀ, ସିଙ୍ଗଝର ଉଚ୍ଚବିଦ୍ୟାଳୟ ୨୦୨୫ ମାଟ୍ରିକ ବ୍ୟାଚ, ଜୟଶ୍ରୀ ବୀଣାପାଣି ଯୁବକ ସଂଘ ତଥା ବୁଢାରଜା କ୍ରିକେଟ କପର ଆୟୋଜକ ସଦସ୍ୟ, ସିଙ୍ଗଝର ସମସ୍ତ କର୍ମକର୍ତ୍ତା ତାଙ୍କର ଆତ୍ମାର ସଦଗତି ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।



# ଯୁବାମନ୍ଥନ କ୍ୟାମ୍ପସ କଲିଂ କର୍ମଶାଳା




**ଭବାନୀପାଟଣା, ୨୩।୧ (ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆଇସିସି, ଏନଏସ୍‌ଏସ ଓ ନ୍ୟାସନାଲ କମିଶନ ଫର୍ ୱିମେନର ମିଳିତ ଆନୁକୂଲ୍ୟରେ ଏନସି ଡବ୍ଲ୍ୟୁ ଯୁବାମନ୍ଥନ 'କ୍ୟାମ୍ପସ କଲିଂ ପୋସ୍ ଆୱାରନେସ୍ ୱାର୍କସପ୍ ଆଣ୍ଡ ଜେଣ୍ଡର ସେନ୍ସିଟାଇଜେସନ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି।କୁଳପତି ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରି ନାରୀ ସଚେତନତା ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଉପକୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଲିଙ୍ଗଗତ ସମାନତା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏନ ଏସ୍‌ଏସ୍ ପ୍ରୋଗ୍ରାମ କୋଡିନେଟର ଡ.ଚିତ୍ତରଞ୍ଜନ ଖୁଣ୍ଟିଆ ପୋସ୍ ଆୱାରନେସ୍ ୱାର୍କସପର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଆଇସିସିର ପ୍ରିଜାଇଡିଂ ଅଫିସର ଡ.ସୁମନା ରାୟ ପୋସ୍ ଆୱାରନେସ୍ ଓ ଜେଣ୍ଡର ସେନ୍ସିଟାଇଜେସନ ସମ୍ପର୍କରେ ଆଲୋଚନା କରିଥିଲେ। ଆଇସିସି ସଦସ୍ୟ ରୋଜମେରୀ ଏକ୍କା ସେକ୍ସୁଆଲ ହାରାସମେଣ୍ଟ ଉପରେ ଦୀର୍ଘ ଆଲୋଚନା କରିଥିଲେ। ଆଇସିସି ସଦସ୍ୟା ଡକ୍ଟର ମଧୁଲିକା ସାହୁ ସାଇବର ସିକ୍ୟୁରିଟି ଆଣ୍ଡ ଡିଜିଟାଲ ହାରାସମେଣ୍ଟ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।ଏନଏସ୍‌ଏସ ପ୍ରୋଗ୍ରାମ ଅଫିସର ଜୟନ୍ତ ଦଣ୍ଡସେନା ତିନି ଜଣ ଛାତ୍ରୀ ଓ ଦୁଇ ଜଣ ଛାତ୍ରଙ୍କୁ କ୍ୟାମ୍ପସ ଆମ୍ବାସାଡର ଭାବରେ ଘୋଷଣା କଲେ। ଡ.ଝରଣାରାଣୀ ଧଙ୍ଗଡ଼ାମାଝୀ ଉକ୍ତ କର୍ମଶାଳାରେ ସେକ୍ସୁଆଲ ହାରାସମେଣ୍ଟ ବିପକ୍ଷରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ତଥା କର୍ମଚାରୀଙ୍କୁ ଏନସିଡବ୍ଲ୍ୟୁର ଶପଥ ପାଠ କରାଇ ଆୟୋଜନ କ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଆଇସିସି ସଦସ୍ୟା ସୁହାନୀ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ପ୍ରିୟରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ଗୁହାରି

# ମୃତ୍ୟୁ ସହ ସଂଗ୍ରାମ କରୁଛି କୀର୍ତ୍ତନ

**ସିନାପାଲି, ୨୩।୧(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଚଟିଆଗୁଡ଼ାନିବାସୀ କୀର୍ତ୍ତନ ବାଗ କ୍ୟାନ୍ସର ପୀଡ଼ିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାପଡ଼ିଛି। ଆଜକୁ ପ୍ରାୟ ଛଅ ମାସ ହେଲା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଅର୍ଥାଭାବରୁ ବର୍ତ୍ତମାନ ସେ ଅସହାୟ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛି। ଅନ୍ୟପକ୍ଷରେ ସ୍ୱାମୀ ଓ ଦୁଇ ନାବାଳିକା ଶିଶୁ କନ୍ୟାର ଭବିଷ୍ୟତକୁ ନେଇ ସ୍ତ୍ରୀ ସଙ୍ଗୀତା ଉପାୟ ଶୂନ୍ୟ ହୋଇ ଭାଙ୍ଗିପଡ଼ିଛି। ଖବର ଅନୁସାରେ ପ୍ରାୟ ଛଅ ମାସ ତଳେ କୀର୍ତ୍ତନର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିଲା। ତାର ଗଳାରେ ଦରଜ ହେବା ସହ ଉଭୟ ପାର୍ଶ୍ୱରେ ଗୁଳମି ବଢ଼ି ଉଠିଥିଲା। ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲ ବୁଲିବା ପରେ ତାଙ୍କୁ କ୍ୟାନ୍ସର ହୋଇଥିବା ଜଣାପଡ଼ିଥିଲା। କ୍ୟାନ୍ସର ହୋଇଥିବା ଜାଣି ସେ ଅସହାୟ ହୋଇପଡ଼ିଥିଲା। ଅର୍ଥାଭାବରୁ ଚିକିତ୍ସା ହୋଇନପାରି ମୁଣ୍ଡରେ ହାତ ଦେଇ ବସିଥିଲା। ପରେ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ମଧ୍ୟରେ ଛତିଶଗଡ଼ ରାୟପୁର ସ୍ଥିତ ବାଲାଜୀ ଏବଂ ପରେ ସଞ୍ଜୀବନୀ ହସ୍ପିଟାଲରେ ଅପରେସନ ହୋଇ ଚିକିତ୍ସା ହୋଇଥିଲା। ସେଠାରେ ସଫଳ ଅସ୍ତ୍ରୋପଚାର ଯୋଗୁଁ ସେ ସୁସ୍ଥ ହୋଇ ନିରାପଦ ମନେ କରିଥିଲା ସତ ହେଲେ ବର୍ତ୍ତମାନ ପୁଣି ମୃତ୍ୟୁ ସହ ସଂଗ୍ରାମ କରୁଛି କୀର୍ତ୍ତନ। ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡରୁ ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ସହାୟତା ଥିବା ବେଳେ ପ୍ରାୟ ସବୁତକ ସରିଯାଇଥିବା ସେ ପ୍ରକାଶ କରିଛି। ଇତି ପୂର୍ବରୁ ସିନାପାଲି ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଜଣାଇବା ପରେ ରେଡକ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।ବର୍ତ୍ତମାନ ସେ ଟଙ୍କା ଯୋଗାଡ କରି ଚିକିତ୍ସା ହେବା ତାପକ୍ଷେ ସମ୍ଭବ ନୁହେଁ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଲେ ଚିକିତ୍ସା ହୋଇ ଆରୋଗ୍ୟ ହୋଇପାରିବ ବୋଲି ପ୍ରକାଶ କରିଛି। ପ୍ରକାଶ ଯୋଗ୍ୟ ଯେ କୀର୍ତ୍ତନ ଜଣେ ବିପିଏଲ ପରିବାର ଅନ୍ତର୍ଭୁକ୍ତ ହୋଇଥିବା ବେଳେ କୁଲି ମଜୁରୀ କରି ଚଳନ୍ତି। ପରିବାର କହିଲେ ସ୍ତ୍ରୀ ସଙ୍ଗୀତା (୪୦) ଏବଂ ଦୁଇ ନାବାଳିକା ଝିଅ ମେହେକ୍ ବାଗ(୯) ଓ ବୈଷ୍ଣବୀ(୬)। ଜମିବାଡ଼ି କହିଲେ କିଛି ନାହିଁ। ସମ୍ପତ୍ତି କହିଲେ ରାସନ୍ କାର୍ଡ ଖଣ୍ଡିକ। ଏପରି ପରିସ୍ଥିତିରେ ସ୍ତ୍ରୀ ସଙ୍ଗୀତା ମୁଣ୍ଡରେ ହାତ ଦେଇ ଆଖିରେ ଲୁହ ଝରାଇ ବସିଛି। ସରକାର ସହାୟ ନହେଲେ ସ୍ୱାମୀ ଓ ଦୁଇ କୁନି ଝିଅଙ୍କୁ କେମିତି ବଞ୍ଚାଇବ ସେନେଇ କୋହ ଭରା କଣ୍ଠରେ ଗୁହାରି କରୁଛି। ପ୍ରଶାସନ ଏଦିଗରେ ତୁରନ୍ତ ଦୃଷ୍ଟି ଦେଇ କୀର୍ତ୍ତନ ବାଗକୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ପ୍ରଶାସନ ତଥା ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।



## ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଶୁଭ ଖୁଣ୍ଟ ସ୍ଥାପନ



**ସଇଁତଲା, ୨୩।୧(ସମିସ):** ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ସଇନ୍ତଲା ଶାଖା ତରଫରୁ ସ୍ଥାନୀୟ ହାଟପଦା ଠାରେ ନଅକୁଣ୍ଡୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଶୁଭଖୁଣ୍ଟ ସ୍ଥାପନ କରାଯାଇଥିଲା। ଲିଙ୍ଗରାଜ ବୈଠାରୁ ଓ ତାଙ୍କର ଧର୍ମ ପତ୍ନୀ ସୁନିତା ବୈଠାରୁ ମୁଖ୍ୟ କର୍ତ୍ତା ଭାବରେ ଯୋଗଦାନ କରିଥିଲା ବେଳେ ପୂଜକ ଶୁଶାନ୍ତ ମାଝୀ ପରିଚାଳନା କରିଥିଲେ। ମହାଯଜ୍ଞ ଆସନ୍ତା ୨୯ ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ହେବାକୁ ସ୍ଥିରକୃତ ହୋଇଛି।ଉତ୍ସବରେ ହରି ପ୍ରସାଦ ଅଗ୍ରୱାଲା, ଅଖିଳ ସାହୁ, ଭୀମସେନ ସ୍ୱାଇଁ, ବଜରଙ୍ଗଲାଲ ଅଗ୍ରୱାଲ, ମଦନଲାଲ୍ ଅଗ୍ରୱାଲ, ପ୍ରମୋଦ ବୈଠାରୁ, ନାରାୟଣ ଜାଲ୍, ପ୍ରଦୀପ ଜାଲ୍, ହାରିବନ୍ଧୁ ସାହୁ, ଓମ ପ୍ରକାସ ଅଗ୍ରୱାଲ, ସରୋଜ ବୈଠାରୁ, ଦିଲୀପ ବଗର୍ତ୍ତୀ, ବିନୟ ଭୋଇ, ସୁରେଶ ରଣା, ବିକାଶ ବହିଦାର, ବିଶ୍ୱଜିତ ମିଶ୍ର, ମଧୁସୂଦନ ଦାସ, ପ୍ରଭାତ ମିଶ୍ର, ଗୋପୀ ପୁଟେଲ ଓ ସଇଁତଲା ଗାୟତ୍ରୀ ପରିବାରର ସମସ୍ତ ପରିଜନ ଉପସ୍ଥିତ ଥିଲେ।

## ୨୮ ରେ ବଲାଙ୍ଗିର ବନ୍ଦ

# ମିଳିତ କୃଷକ ମଞ୍ଚର ସମର୍ଥନ

**ବଲାଙ୍ଗିର, ୨୩।୧(ସମିସ)**

ଚାଷୀମାନଙ୍କ ସମସ୍ୟାକୁ ନେଇ ରାଜ୍ୟରେ ଲଢେଇ କରୁଛି ନବନିର୍ମାଣ କୃଷକ ସଙ୍ଗଠନ। ଚାଷୀଙ୍କ ସମସ୍ୟା ସମାଧାନ ଦାବିରେ ଆସନ୍ତା ୨୮ ତାରିଖରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସମର୍ଥନ ଜଣାଇଛି ବଲାଙ୍ଗିର ମିଳିତ କୃଷକ ମଞ୍ଚ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମିଳିତ କୃଷକ ମଞ୍ଚଅଆବାହକ ଆକାଶ ମିଶ୍ର।

ବଲାଙ୍ଗିର ମିଳିତ କୃଷକ ମଞ୍ଚ ପକ୍ଷରୁ ସ୍ଥାନୀୟ ସାମ୍ବାଦିକଭବନଠାରେ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ୨୮ ତାରିଖରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ମଞ୍ଚ ସମର୍ଥନ କରିଥିବା ସୂଚନା ଦେଇଥିଲେ। ତେବେ



ରାଜ୍ୟରେ ଚାଷୀମାନଙ୍କୁ ଶୋଷଣ କରାଯାଉଥିବା ଚାଷୀ ନେତାମାନେ ଅଭିଯୋଗ କରିଥିଲେ। ଚାଷୀ ମାନଙ୍କ ଧାନ ଠିକ ଭାବେ କିଣାଯାଉ ନ ଥିବାବେଳେ ଆବଶ୍ୟକ ମୁତାବକ ଟୋକନ ମଧ ଆସୁନାହିଁ। ଯେଉଁ ଟୋକନ ଆସୁଛି ଧାନକିଣାରେ ହେଉଥିବା ବିଳମ୍ବ ଯୋଗୁଁ ତାହା ଲେପ୍ସ ହୋଇଯାଇଥିବା ବେଳେ ମଣ୍ଡି ମାନଙ୍କରେ ମିଲର ଓ ସମ୍ପାଦକ ମିଶି ମନଇଚ୍ଛ କଟ୍‌ନୀ କରୁଥିବା ଅଭିଯୋଗ ହୋଇଛି। ଏହା ସହିତ ରାଜ୍ୟବାସୀଙ୍କୁ ସ୍ମାଟ ମିଟର ବହୁତ ଦୁଃଖ ଦେଇଛି।ଏହାଦ୍ୱାରା ରାଜ୍ୟବାସୀ ଶୋଷଣ ହେବା ସ୍ୱାଭାବିକ। ସେହିପରି ପଲ୍ୟୁସନ ପ୍ରମାଣପତ୍ର ନାମରେ ଲୋକଙ୍କୁ ଅଯଥା ହଇରାଣ କରାଯିବା ସହ ଶୋଷଣ କରାଯାଉଛି। ଯାହାକୁ ନେଇ ମଧ ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ କରୁଥିବା ବେଳେ ଏହାକୁ ମଧ ମିଳିତ କୃଷକ ମଞ୍ଚ ସମର୍ଥନ ଜଣାଇଛି। ଏଣୁ ଆସନ୍ତା ୨୮ ରେ ବନ୍ଦ କୁ ସଫଳ କରିବା ପାଇଁ ଜିଲ୍ଲାର ସମସ୍ତ ସାମାଜିକ, ରାଜନୈତିକ ସଙ୍ଗଠନକୁ

### ବନ୍ଦରେ ସମସ୍ତଙ୍କୁ ସାମିଲ ହେବାକୁ ଆହ୍ୱାନ

ମିଳିତ କୃଷକ ମଞ୍ଚଅଆବାହକ ଆକାଶ ମିଶ୍ର ଆହ୍ୱାନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀଙ୍କ ସହ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲ୍ଲା ସଭାପତି ହିମାଁଶୁ ସାହୁ, ଚଗଲା ପରିଚ୍ଛା, କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ବହୁ ଚାଷୀ ନେତା ଉପସ୍ଥିତ ରହିଥିଲେ।

## ଶାନ୍ତିପଡ଼ା ବରିଷ୍ଠ ନାଗରିକ ମଞ୍ଚ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ

**ବଲାଙ୍ଗିର, ୨୩।୧(ସମିସ):** ଶାନ୍ତିପଡ଼ାର ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ଦୁର୍ଗା ମଣ୍ଡପ ପରିସରରେ ହୋଇ ଗନ୍ଧରେଲସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି। ବିଶ୍ୱନାଥ ମିଶ୍ର ସଭାପତି, ଗଜରାଜ ମେହେର ଉପସଭାପତି, ରବୀନ୍ଦ୍ର କୁମାର ପ୍ରଧାନ ସମ୍ପାଦକ, ନୃପରାଜ ରଣା ଯୁଗ୍ମ ସମ୍ପଦକ, ବଂଶ ଭୋଇ କୋଷାଧକ୍ଷ ତଥା ସୋମନାଥ ସାହୁ, ବିଜୟ କୁମାର ଖୁଣ୍ଟିଆ, ଘନଶ୍ୟାମ ମାହାର, ସୁଷ୍ମନ୍ତ ମେହେର, ଜଗନ୍ନାଥ ଷଡଙ୍ଗୀ, ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ରମାକାନ୍ତ ପଧାନ, ଦିଲିପ କୁମାର ପାତ୍ର, କେଶବ ଚନ୍ଦ୍ର ମିଶ୍ର କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହା ବ୍ୟତିତ ଧର୍ମସିଂହ ମିଶ୍ର, ସନ୍ତୋଷ କୁମାର ଦାଶ, ହରେକୃଷ୍ଣ ମେହେର, ରାଧାକୃଷ୍ଣ ମେହେର ଉପଦେଷ୍ଟା ଭାବେ ମନୋନିତ ହୋଇଥିଲେ। ଉକ୍ତ ସମାରୋହରେ ସମାଜସେବୀ ସତ୍ୟବନ୍ତ ବେଦବାକ ଅଧକ୍ଷତା କରି ସମସ୍ତ ନବ ନିର୍ବାଚିତ କର୍ମକର୍ତ୍ତା, କାର୍ଯ୍ୟନିର୍ବାହୀ ସଦସ୍ୟ, ସାଧାରଣ ସମିତି ସଦସ୍ୟମାନଙ୍କୁ ଏକ ମଞ୍ଚରେ ଶପଥ ଗ୍ରହଣ ପରେ ସଭାରେ ସମସ୍ତେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ମାନବ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ସେହି ଭଳି ଅନେକ କାର୍ଯ୍ୟକ୍ରମ ଆଗାମୀ ଦିନରେ ଆୟୋଜନ କରିବାକୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ କେଶବ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ। ଦିଲିପ କୁମାର ପାତ୍ର ସ୍ୱାଗତ ଭାଷଣ ଉଦ୍ଦେଶ୍ୟ ଜ୍ଞାପନ ତଥା ଉପସଭାପତି ଗଜରାଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




# ମାଟି ତାଡ଼ିନେଲେ ମାଫିଆ

**କଣ୍ଟାବାଞ୍ଜି, ୨୩।୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଧୀନ ଧାମନଡଙ୍ଗା ଗାଁ ମାଟି ମାଫିଆଙ୍କ ଚୋରା ଚାଲାଣର ମୁଖ୍ୟ ସ୍ଥଳ ପାଲଟିଛି। ବର୍ଷ ବର୍ଷ ହେଲା ଏହି ଗାଁର ନିର୍ଦ୍ଦିଷ୍ଟ ଏକ ସ୍ଥାନରୁ ମାଟି ଖୋଳା ଯାଉଛି। ପଞ୍ଚାୟତ ସମ୍ମୁଖରେ ନିର୍ମାଣାଧୀନ ପାଚେରୀ ଭିତରକୁ ଏହି ମାଟି ଆଣି ୩ ଏକରର ଜମି ସମତଳ କରାଯାଉଛି। ରାଜସ୍ୱ ବିଭାଗ ଓ ଖଣି ବିଭାଗର ବିନା ଅନୁମତିରେ ମାଫିଆ ସେମିନ ଲଗାଇ ମାଟି ଖନନ କରୁଛନ୍ତି। ହାଇୱାରେ ଚାଲାଣ କରାଯାଉଛି। ତେବେ ଏହି ମାଟି ପରିହବନ ଯୋଗୁଁ ଧାମନଡଙ୍ଗା-ମୁଗରିପଡ଼ା ରାସ୍ତା ନଷ୍ଟ ହୋଇଛି। ଏହି ରାସ୍ତା ଦେଇ ମାଟିଭର୍ତ୍ତି ହାଇୱା ଚଚଚଳ କରୁଥିବା ଯୋଗୁଁ କଂକ୍ରିଟ ରାସ୍ତା ଭାଙ୍ଗିରୁଜି ଯାଇଛି। ଏ ନେଇ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଲୋକେ ବାରମ୍ବାର ଅବଗତ କରୁଛନ୍ତି; ହେଲେ ଫଳ ଶୂନ। ମାଫିଆ ବର୍ଷ ବର୍ଷ ହେଲା ବେଆଇନ ଭାବେ ମାଟି ଖନନ କରୁଛନ୍ତି। ପ୍ରଶାସନ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହିଁ ତାହା ଲୋକଭ୍‌କ ଭିତରେ ସନ୍ଦେହ ସୃଷ୍ଟି କରିଛି। ମାଫିଆ ସରକାରୀ ନିୟମ ଉଲ୍ଲଂଘନ କରି ମାଟି ଚୋରା ଚାଲାଣ କରୁଛନ୍ତି। ମାଟି ପରିହନ ଲାଗି ରାସ୍ତା ଭଳି ସରକାରୀ ସମ୍ପତ୍ତି ନଷ୍ଟ ହୋଇଛି। ସେହି ରାସ୍ତା ଦେଇ ଭାରୀଯାନ ଚଳାଚଳ ଯୋଗୁଁ ପ୍ରଦୂଷଣ ବୃଦ୍ଧି ବଢୁଛି। ଏଣୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଧାମନଡଙ୍ଗା ସରପଞ୍ଚ



ଆରତୀ ସୁନା ଏଭଳି ଅଭିଯୋଗ ଆଣିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବଲାଙ୍ଗୀର ଜିଲ୍ଲା ଖଣି ଅଧିକାରୀଙ୍କୁ ପଚାରିବାରୁ ଏନେଇ ସେ ଅବଗତ ଅଛନ୍ତି। ବହୁ ବର୍ଷ ହେଲା ମାଟି ଚୋରା ଚାଲାଣ ହେଉଛି। କମ୍ କର୍ମଚାରୀ ଥିବାରୁ ଚଢ଼ଉ ହୋଇ ପାରୁନି। ଏହା ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସରସ୍ୱତୀ ପୂଜାରେ କଲମ ବଣ୍ଟନ



**ବଙ୍ଗୋମୁଣ୍ଡା/କଣ୍ଟାବାଞ୍ଜି, ୨୩।୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ସଦର ଠାରେ ଥିବା ବିଭିନ୍ନ ବିଦ୍ୟାଳୟରେ ଚାଲିଥିବା ସରସ୍ୱତୀ ପୂଜାରେ ସାମିଲ ହୋଇ ବିଜେଡି ନେତାଙ୍କ ଅଭିନବ ପ୍ରୟାସ ଦେଖିବାକୁ ମିଳିଛି। ଅଞ୍ଚଳର ୧୫ଶହରୁ ଉର୍ଦ୍ଧ୍ୱ ଗରିବ ପିଲାଙ୍କୁ କଲମ ପ୍ରଦାନ କରିଛନ୍ତି। ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ବଙ୍ଗୋମୁଣ୍ଡା ପଞ୍ଚାୟତର ସରପଞ୍ଚ ଅଜିତ କୁମାର ଯୋଶୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ କରାଯାଇଛି। ଅନ୍ୟମାନଙ୍କ ମଧରେ ପିଣ୍ଟୁ ଦାସ, ବିନୋଦ ବାରିକ, ସମ୍ରାଟ ମନହୀରା, ମନିଷ ବାରିକ, ଅକିଂତ ବାରିକ, ଅଙ୍କିତ ସାହୁ, ସାହିଲ ଦାସ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟ କୁ ଦେଖି ବିଭିନ୍ନ ମହଲରେ ପ୍ରଶଂଶା କରାଯାଉଛି। ପୂର୍ବରୁ ମଧ ଶ୍ରୀ ଯୋଶୀ ଗରିବ ଛାତ୍ର ଛାତ୍ରୀ ମାନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି।

### ● ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ସୁଭାଷ ପରବ ପାଳିତ

## ତ୍ରୈମାସିକ ସୁଭାଷ ଚିନ୍ତନ ଉନ୍ମୋଚିତ

**ବଲାଙ୍ଗିର, ୨୩।୧(ସମିସ):** ସ୍ୱାଧିନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳିରେ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ନେତାଜୀ ଜୟନ୍ତୀ ଏବଂ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ସୁଭାଷ ପରବ ପାଳିତ ହୋଇଯାଇଛି। ସ୍ୱାମୀ ପରମାନନ୍ଦ ସରସ୍ୱତୀ ସମ୍ମାନିତ ବକ୍ତା ଏବଂ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନେତାଜୀଙ୍କ ବହୁମୁଖି ପ୍ରତିଭା ଏବଂ ଦେଶ





ପ୍ରେମର ଗୁଣଗାନ କରିଥିଲେ। ପରିଷଦର ଆବାହକ ବିରେନ୍ଦ୍ର କୁମାର ବନଛୋର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାମାଜିକ କର୍ମୀ ଅଶୋକ ମିଶ୍ର ନେତାଜୀଙ୍କ ପ୍ରତି ହୋଇଥିବା ଐତିହାସିକ ପ୍ରତାରଣା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନେତାଜୀ ସଂଗ୍ରାମୀ ପରିଷଦର ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବରୁ ଅତିଥି ସମୂହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରିଷଦର ତ୍ରୈମାସିକ ମୁଖପତ୍ର ସୁଭାଷଚିନ୍ତନ ର ଚତୁର୍ଥ ବର୍ଷ ପ୍ରଥମ ସଂଖ୍ୟାକୁ ଅତିଥି ଏବଂ ଶ୍ରୋତା ସମୁହ ଉନ୍ମୋଚିତ କରିଥିଲେ। ପରିଷଦର ପ୍ରାକ୍ତନ ସଦସ୍ୟ ସ୍ୱର୍ଗତ ସଞ୍ଜୟ ଶେଖର ଭୋଇଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସାରସ୍ୱତ କାର୍ଯ୍ୟକ୍ରମରେ ବଲାଙ୍ଗିର ସହରର ବହୁ ବୁଦ୍ଧିଜିବି, ସାହିତ୍ୟିକ ତଥା ବ୍ୟକ୍ତିବିଶେଷ ଯୋଗ ଦେଇ ସୁଭାଷ ପରବ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଅଧାପକ କବିରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଁ ବସ୍ତ୍ରେନ କ୍ରିକେଟ ପ୍ରତିଯୋଗିତା :ଝରିଆଲ ଚାମ୍ପିଅନ

**ମୁରିବାହାଲ, ୨୩।୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମର ଖେଳପଡ଼ିଆରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ମାଁ ବସ୍ତ୍ରେନ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଝରିଆଲ ଏବଂ କୁମୁଡା ଦଳ ମଧରେ ପ୍ରତିଯୋଗିତାର ଅନ୍ତିମ ମ୍ୟାଚ୍ ଖେଳାଯାଇଥିଲା। ନିର୍ଦ୍ଧାରିତ ଓଭରରେ କୁମୁଡା ଦଳ ୧୦୪ ରନ ସଂଗ୍ରହ କରିଥିବା ବେଳେ ଝରିଆଲ ଦଳ ୪ ୱିକେଟରେ ବିଜୟୀ ହୋଇ ପ୍ରତିଯୋଗିତାର ଚାମ୍ପିୟାନ ହୋଇଥିଲା। ତେଜରାଜ ସରାଫ ଏବଂ



ସମୀର ସାହୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବଲାଙ୍ଗିର ଜିଲା ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ନିରୁପମା ମାଝୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପୋଲିସ ଅଧିକାରୀ ମହିଧର ଭୋଇ, ଦିଗାମ୍ବର ସାହୁ, ସାମ୍ବାଦିକ ଅଶୋକ ନାରାୟଣ ଭୋଇ, ପିଙ୍କି ଖର୍ସେଲ, ବିଷ୍ଣୁ ଜୁଏଡ଼, ମିନିକେତନ ସାହୁ, ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପ୍ରତିଯୋଗିତାର ଚାମ୍ପିଅନ ଏବଂ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ।ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦିଲିପ ସାହୁ, ଆଶିଷ ଭୋଇ, ରିବୁଲ ସାହୁ, ଫକୀର ସାହୁ, ସମୀର ସାହୁ, ବସନ୍ତ ସାହୁ, ଅମର ଭୋଇ ପ୍ରମୁଖଙ୍କ ଆୟୋଜନ କମିଟିର ସମସ୍ତ ସଦସ୍ୟ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ପାଚେରି ଭିତରେ ବେଆଇନ୍ ପଥର ଖନନ



**କଣ୍ଟାବାଞ୍ଜି, ୨୩।୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ବଙ୍ଗୋମୁଣ୍ଡା ଯିବା ରାସ୍ତା (୪୨ନମ୍ବର ରାଜ୍ୟ ରାଜପଥ) କଡ଼ରେ ବେଆଇନ୍ ପଥର ଖନନ ଚାଲଛି। କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟ ଓ ଖାଟୋଶ୍ୟାମ ମନ୍ଦିର ନିକଟରେ ରାସ୍ତା ଚାରି ପାର୍ଶ୍ୱରେ ପାଚେରୀ ଦେଇ ବେଆଇନ ଭାବେ ପଥର ଖନନ ହେଉଛି। ମେସିନ ଜରିଆରେ ବେଆଇନ ଭାବେ ପଥର ଖନନ ପାଇଁ ବାରୁଦ ଲଗାଇ ବିସ୍ଫୋରଣ କରାଯାଉଛି। ଏହାଫଳରେ ରାସ୍ତା କମ୍ପୁଛି। ଏଣୁ ଏହି ରାସ୍ତାରେ ଯିବାକୁ ଲୋକେ ଭୟ କରୁଛନ୍ତି। କାହା ସାହସରେ ଏହା ଚାଲିଛି ତାହା ସ୍ଥାନୀୟ ଲୋକଙ୍କ ଭିତରେ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଏ ନେଇ ସ୍ଥାନୀୟ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ଜାଣିଛି। ହେଲେ ମୋଟା ଅଙ୍କର ହାତଗୁଞ୍ଜା ନେଇ ସମସ୍ତେ ଚୁପ୍। ବଙ୍ଗୋମୁଣ୍ଡାର ଜଣେ ପ୍ରତିଷ୍ଠିତ ଠିକାଦାର ଏହି କାମ କରୁଛନ୍ତି। ଯଦି ଏହାକୁ ନେଇ ବଡ଼ ଦୁର୍ଘଟଣା ଘଟେ ତେବେ ସେଥିପାଇଁ କିଏ ଦାୟି ହେବ ବୋଲି ପ୍ରଶ୍ନ ଉଠୁଛି। ଏନେଇ ବଲାଙ୍ଗୀର ଜିଲ୍ଲା ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତ କହିଛନ୍ତି ଯେ, ଏହା ବେଆଇନ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। କି ପଦକ୍ଷେପ ନେଇ ହେବ ଏହା ଉପରେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

## ଘନଶ୍ୟାମ ନିଖୋଜ ମାମଲା

# ତିନି ସପ୍ତାହ ପରେ ବି ମାମଲା ଅସ୍ପଷ୍ଟ, ଶବ ଜବତ କରି ପୁଲିସ ଚୁପ୍

**ବଲାଙ୍ଗିର, ୨୩।୧(ସମିସ)**

ତିନି ସପ୍ତାହ ହେଲା ପୁଅର କିଛି ଖୋଜଖବର ନାହିଁ। ପ୍ରଥମେ ଅପହରଣ ପରେ ନିଖୋଜ ଆଉ ତା'ପରେ ଏକ ଗଳିତ ମୃତଦେହକୁ ଦେଖାଇ ପୁଲିସ ତାହା ପୁଅର ମୃତଦେହ ବୋଲି କହିଦେଇ ନିରବ ବସିଛି ସିନା କିନ୍ତୁ ପୁଲିସର କଥାକୁ ଗ୍ରହଣ କରିନାହାନ୍ତି ପରିବାର। ପୁଅ ବଞ୍ଚିଛି ନା ମରିଛି ସେହି ଆଶା ଓ ଆଶଙ୍କାରେ ଦିନ କାଟୁଛନ୍ତି ପରିବାର ଲୋକେ। ନା ପୁଲିସ ସ୍ପଷ୍ଟ କରିପାରିଛି ନା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ କିଛି ସୁରାକ ମିଳିଛି। ଡିଏନଏ ପରୀକ୍ଷା କରିବା ପାଇଁ ପୁଲିସ କହିଛି ସତ ତାହା ମଧ କେତେଦୂର ଗଲା ସେନେଇ ପରିବାର ପାଖରେ କିଛି ଖବର ନଥିବା ଅଭିଯୋଗ ହୋଇଛି। ଏହିଭଳି କିଛି ପରିସ୍ଥିତିରେ ଦିନ କାଟୁଛନ୍ତି ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା ଅଧୀନ କାଦୋପାଣି ଗାଁର ସମାରୁ ବରିହା ଓ ତାଙ୍କ ପରିବାର।



ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା କାଦୋପାଣି ଗାଁର ନାବାଳକ ଘନଶ୍ୟାମ ବରିହାଙ୍କ ନିଖୋଜ ଘଟଣାକୁ ତିନି ସପ୍ତାହ ବିତିସାରିଛି। କିନ୍ତୁ ତାଙ୍କ ବିଷୟରେ ଏଯାଏଁ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଗତ ୨ ତାରିଖରେ ଘନଶ୍ୟାମ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା। ସାଙ୍ଗରେ ଥିବା ଆଉ ଜଣେ ନାବାଳକ ଦୁଇଜଣ ବ୍ୟକ୍ତି ବାଇକରେ ଆସି ତାଙ୍କ ମୁହଁରେ କପଡ଼ା ଦେଇ ନେଇଯାଇଥିବା ସେ କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରାୟ ୧୫ ଦିନ ପରେ ଅପହରଣସ୍ଥଳ ନିକଟସ୍ଥ ଏକ ନାଳ ପାଖରୁ ଏକ ଖଣ୍ଡବିଖଣ୍ଡିତ ଗଳିତ ଶବ ଅଂଶ ପୁଲିସ ଜବତ କରିଥିଲା। ଶବର ଖପୁରୀ, ଗୋଡ଼ର ହାଡ଼, କଟା ସତେଜ ପାଦ ଭିନ୍ନଭିନ୍ନ ସ୍ଥାନରେ ପଡ଼ିରହିଥିବା ବେଳେ ଏକ କପଡ଼ାରୁ ପୁଲିସ ଅନୁମାନ କରିଥିଲା ଯେ ତାହା ନିଖୋଜ ଘନଶ୍ୟାମର ମୃତଦେହ। ଆଶ୍ଚର୍ଯ୍ୟର ବିଷୟ ଘନଶ୍ୟାମ ଯେଉଁଠାରୁ ନିଖୋଜ ହୋଇଥିଲା ତାହା ମାତ୍ର କିଛି ଦୂରରେ ସେହି ସବୁ ମିଳିଥିଲା କିନ୍ତୁ ପୁଲିସ ଏହାକୁ ପ୍ରଥମେ ଅପହରଣ ମାମଲା ବୋଲି ତଦନ୍ତ କରିଥିଲା। ପରେ ନିଖୋଜ ଦର୍ଶାଇ ତାଙ୍କ ବିଷୟରେ ସୂଚନା ପାଇଁ ଆର୍ଥିକ ପୁରସ୍କାର ମଧ ଘୋଷଣା କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏକ ଗଳିତଶବ ଦେଖାଇ ତାହା ଘନଶ୍ୟାମର ବୋଲି ପୁଲିସ ସନ୍ଦେହରେ ହିଁ ତଦନ୍ତ ଅଟକି ଯାଇଥିବା ଅଭିଯୋଗ ହୋଇଛି। ତିନି ସପ୍ତାହ ପରେ ବି ପୁଲିସ କୌଣସି ସ୍ପଷ୍ଟ ଉତ୍ତର ରଖି ନ ଥିବାବେଳେ ପରିବାର ଲୋକେ କିନ୍ତୁ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। ତେବେ ନିଖୋଜ ଥିବା ଘନଶ୍ୟାମ ଏବେ ଜୀବିତ ନା ମୃତ? ଯଦି ଜୀବିତ ତେବେ ସେ ଏବେ କେଉଁଠି, ସେନେଇ ପୁଲିସ ତଦନ୍ତ ଚଲାଇଛି ନା ଏକ ଅଜଣା ଗଳିତ ଶବ ମିଳିବା ପରେ ତାହା ଘନଶ୍ୟାମର ବୋଲି ଭାବିଦେଇ ଚୁପ୍ ବସିଛି। ଯଦି ମୃତ ତେବେ ସନେଇ ପୁଲିସ କାହିଁକି ସ୍ପଷ୍ଟ ସୂଚନା ଦେଇନାହିଁ। ଏବେ ବି ପୁଲିସ ପ୍ରଶ୍ନଘେରରେ ରହିଥିବା ବେଳେ ଜଣେ ନାବାଳକର ପରିବର୍ତ୍ତିତ ବୟାନକୁ ସତ ମାନିନେଇଛି। ବୟାନ ପରିବର୍ତ୍ତନ କରିଥିବା ସେହି ନାବାଳକ ଯିଏକି ପୁଲିସକୁ ୧୫ ଦିନ ଅନ୍ଧାରରେ ରଖିଥିଲା। ଅପହରଣ ବୟାନ ଦେଇଥିବା ନାବାଳକ ଗଳିତ ଶବ ଉଦ୍ଧାର ହେବା ପରେ କୁଆଡେ ଘନଶ୍ୟାମ ସେହି ସ୍ଥାନରେ ବାଲି ଖେଳୁଥିଲେ ଓ ବାଲିଗର୍ତ୍ତ ଧସିଯାଇଥିବା ବୟାନ ଦେଇଛନ୍ତି। ତେବେ ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ଆଦିବାସୀ ନେତା ମଧ କିଛି ଦିନ ପୂର୍ବରୁ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ଏହି ମାମଲାରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଛି, ଯାହାକୁ ନେଇ ପୁଲିସ ମଧ ଚାପଗ୍ରସ୍ତ ହୋଇ ଚୁପ୍ ବସିଥିବା ଆଲୋଚନାର ବିଷୟ ପାଲଟିଛି।

### ପରିବାର ଲୋକଙ୍କ ମୁହଁରୁ



'ଆଉ କାଣା କହେମି ଆଜ୍ଞା, ମୋର ଛୁଆ ର ଖୋଜ ଖବର ପାଏଲେ ଭଲ ହେତା। ବାବୁ ତାର ସାଙ୍ଗ ସାଙ୍ଗେ ବାହାରକେ ଗଲେ, ନଦୀ ଖେଲାବୁଲା କଲେ। ସେନ ବୁଢା ଦୁଇଟା ଗାଲିକଲେ ଆଉ ପଲାଲେ। ତାପରେ ଗୁଟେ ଛୁଆ ଆସଲା ହେଲେ ଆମକେ କିଛି ନାଇ କହେଲା, ଆମେ ଯେତେ ବେଳେ ତାହାକେ ପଚରାଲୁ ସେ କହେଲା ଯେନ୍ତା ଆମେ ଖୁଜି ଗଲୁ। ନଦୀ ର ସବୁଆଡେ ଦୁଇ ଦିନ ତକ ଗାଁ ଜାକିର ଲୋକ ଯାଇ କରି ଖୁଜିଛୁଁ ହେଲେ ନାଇ ପାଏଲୁ ଆଉ ପୁଲିସ କୁ କହେଲୁ। ଯେନ ସବୁ ମିଲିଲା ସେନ ବି ଖୁଜିଥିଲୁ ହେଲେ ସେଦିନ କିଛି ନାଇଥାଇ। ପଛେ ଆନି କରି ମାରି କରି ପକେଇ ଦେଇଛନ ଆଜ୍ଞା। ପୁଲିସ କପଡ଼ା ଗୁଟେ ଦେଖାଲା ଆଉ ଦସ୍ତଖତ ମାର କହେଲା ମୁଇ କରିଦେଇଛେ। ମୋର ପୁଅ କେ ଖୁଜିଆନୁନ ଆଜ୍ଞା ଆଉ ଯେନ ଛୁଆ ସାଙ୍ଗେ ଯାଇଥିଲା ତାର ଘର ର ଲୋକ କେ ପଚରାଲେ ସବୁ ଜନା ପଡ଼ବା'।

**ସମାରୁ ବରିହା**, ଘନଶ୍ୟାମର ବାପା



'ଆମର ଗାଁର ଗୁଟେ ପିଲା ସାଙ୍ଗେ ନଏଦ କେ ଯାଇଥିଲା। ଇହାଦେ ବାଏଲ ପାଟି ହେଇଛେ କହୁଛେ ଯେ ସେତେବେଳେ ଛୁଆ କେ ହେଇକରି ସବୁ କହିପାରଲା ହେଲେ ଇହାଦେ ଡରେ କହିଦେଲି କହେଲେ ହେବା କେଁ। ମୁଇ ବିଶ୍ୱାସ ନାଇ କରବାର ଆଜ୍ଞା ଯେନ ଜାଗାନୁ ସେଟା ମିଲିଛେ ଗାଁ ଜାକିର ଲୋକ ଖୁଜିଛନ ସେଦିନ ନାଇ ମିଲଲା ଆଜି କେନ୍ତା ମିଲିଗଲା। ମୋତେ ମୋର ଛୁଆ ଜେନ୍ତା ଯାଇଥିଲା ହେନ୍ତା ଦରକାର। ଆଉ ପୁଲିସ ଆସି କରି ମୋର ଛୁଆର ସାର୍ଟପେଣ୍ଟ ଦେଖେଇ ଦେଉ ମୁଇ ମାନିଜିମି'।

**ଧନମତୀ ବରିହା**, ଘନଶ୍ୟାମଙ୍କ ମା'



ଆମର ଗାଁର ପିଲା ଡାକି ଆସଲା। ଦୁଇ ଥର ମନା କଲା ପରେ ଗଲା। ବେଳ ବୁଡି ବସିଥିଲାନ ଆଉ ମୋର ନାତି ଗଲା। ଧାନ ଦୁରାନେ ଆଉ ଘିନି ଆନିଦେ ଆଉ ଯିବୁ ବଲି ତାର ମା କହେଲା ଆଉ ଗଲା ଯେ ଯେଇଛେ ଯେ ଯାଇଛେ। ଯାର ସାଙ୍ଗେ ଯେଇଥିଲା ସେ ବି କିଛି ନାଇ କହେଲା। ହିର୍ଲି ନ ବି ଖୁଜିଛୁ। ହେନ୍ତା କେତେ କପଡ଼ା ପଡ଼ିଛେ ମୋତ ନାତି ଟା ବଲି ମୁଇ ନାଇ ଦେଖଲେ କେନ୍ତା କହେମି। ଯଦି ହେଟା ମୋର ନାତି ଏ ବେଳେ ତାହାକେ ମଡର୍ କରିଛନ ଆଉ ପୁଲିସ ତାହାକେ ଧରି। ପୁଲିସ ଯେନ କହୁଛେ ବାଲି ପାଟି ହେଇଛେ ହେଟା ଫେଲ ଏ ଆଜ୍ଞା।

**କଳାବତୀ ବରିହା**, ଘନଶ୍ୟାମଙ୍କ ଜେଜେମା

## ଦାଦନ ସର୍ଦ୍ଦାରଙ୍କ କବଜାରେ ତୁରେକେଲା ଷ୍ଟେସନ

**ତୁରେକେଲା, ୨୩।୧(ସମିସ):** ବଲାଙ୍ଗୀର ଜିଲ୍ଲା ଦାଦନ ପ୍ରବଣ ଅଞ୍ଚଳର ମୁଖ୍ୟ ସ୍ଥଳ ତୁରେକେଲା ରେଳ ଷ୍ଟେସନରୁ ଖୁଲମଖୋଲା ବେଆଇନ ଭାବେ ବେଧଡକ ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ କରାଯାଉଛି; ହେଲେ ଦାଦନ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଟାକ୍ସଫୋର୍ସ ଟିମ୍ ଏଠାରେ ବିଫଳ ହୋଉଛି।

ଦାଦନ ସର୍ଦ୍ଦାରମାନେ ଖୁଲମଖୋଲା ବେଆଇନ୍ ଶ୍ରମିକ ଚାଲାଣ କରୁଛନ୍ତି। ଝରଣୀ ଗାଁର ଜଣେ ମୁଖ୍ୟ ଦାଦନ ସର୍ଦ୍ଦାର ତୁରେକେଲା ରେଳ ଷ୍ଟେସନକୁ ତାଙ୍କ କବଜାରେ ରଖି ଦାଦନ ଚାଲାଣ ରାକେଟ ଚଳାଉଛନ୍ତି। ସର୍ଦ୍ଦାର ଜଣକ ପ୍ରତ୍ୟେକ ଶ୍ରମିକ ପିଛା ଅନ୍ୟ ସର୍ଦ୍ଦାରଙ୍କଠାରୁ ଅଧିକ ଟଙ୍କା ନେଇ ରେଳ ଟିକଟ କରି ଚାଲାଣ କରୁଛନ୍ତି। ଟିକେଟ କାଉଣ୍ଟର ସର୍ଦ୍ଦାରଙ୍କ କବଜାରେ ରହିଛି। ତୁରେକେଲା ଅଞ୍ଚଳର ଏହି ମୁଖ୍ୟ ଦାଦନ ସର୍ଦ୍ଦାରଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନାହିଁ।

THE SAKALA

# ସମ୍ପାଦକୀୟ



ମାତୃଭାଷାରେ ହିଁ ବିଜ୍ଞାନ ଶିକ୍ଷା ଦେବା ଜରୁରୀ । ଅନ୍ୟଥା ବିଜ୍ଞାନ ଏପରି ଏକ କାର୍ଯ୍ୟକ୍ରମ ହୋଇଯିବ, ଯେଉଁଥିରେ ସମାଜର ସବୁ ଲୋକ ଅଂଶଗ୍ରହଣ କରିପାରିବେ ନାହିଁ ।

- ସି ଭି ରମଣ

## ସଂଘୀୟ ପରମ୍ପରା ଉଲ୍ଲଂଘନ

ଅଣଏନଡିଏ ଶାସିତ ରାଜ୍ୟରେ ଅବସ୍ଥାପିତ ରାଜ୍ୟପାଳମାନଙ୍କ କାର୍ଯ୍ୟଶୈଳୀ ପୁଣି ଥରେ ଚର୍ଚ୍ଚିତ ହୋଇଛି । ଗତ କିଛି ବର୍ଷ ହେଲା ରାଜ୍ୟପାଳ-ରାଜ୍ୟସରକାରଙ୍କ ସମ୍ପର୍କ ଅଧିକ ବିବାଦୀୟ ହୋଇପଡ଼ିଛି । ବିଭିନ୍ନ ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏକାଧିକ ବିଲ୍ ବର୍ଷାଧିକ କାଳ ଅନୁମୋଦନ ଅପେକ୍ଷାରେ ରାଜ୍ୟପାଳଙ୍କ ସ୍ତରରେ ଅଟକି ରହିଥିବାରୁ ଯେଉଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି ତାହାର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡୁଛି । ଏପରିକି ସୁପ୍ରିମକୋର୍ଟଙ୍କ ରାୟକୁ ରାଷ୍ଟ୍ରପତିଙ୍କ ପକ୍ଷରୁ ସରକାର ଚ୍ୟାଲେଞ୍ଜ କରିବା ଭଳି ସ୍ଥିତି ସୃଷ୍ଟି ହୋଇଛି । ବହୁମତରେ ନିର୍ବାଚିତ ସରକାରଙ୍କ ଆଇନ ପ୍ରଣୟନ କ୍ଷମତା ଏହାଦ୍ୱାରା କ୍ଷୁଣ୍ଣ ହେଉଛି । ନୀତି ନିର୍ଦ୍ଧାରଣ ଓ ଆଇନ ପ୍ରଣୟନରେ ବିଫଳ ହେଲେ ରାଜ୍ୟବାସୀଙ୍କ ନିକଟରେ ସରକାର ହିଁ କେବଳ ଉତ୍ତରଦାୟୀ ହେବେ । ତେଣୁ କୁହାଯାଇଛି ସରକାରଙ୍କ ବିନା ଅନୁମୋଦନ ଓ ପରାମର୍ଶରେ ଶାସନ ମୁଖ୍ୟ ଏକତରଫା କୌଣସି ନିଷ୍ପତ୍ତି ନେଇ ପାରିବେ ନାହିଁ ।

ସେହିଭଳି ବିଧାନସଭା ଅଧିବେଶନ ଆରମ୍ଭ ରାଜ୍ୟପାଳଙ୍କ ଅଭିଭାଷଣରୁ ହିଁ ହୋଇଥାଏ । ଉଭୟ କେନ୍ଦ୍ର ଓ ରାଜ୍ୟକ୍ଷେତ୍ରରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ଯଥାକ୍ରମେ ରାଷ୍ଟ୍ରପତି ଓ ରାଜ୍ୟପାଳ ପାଠ କରିଥା'ନ୍ତି ଏବଂ ତାହା ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାକ୍ରମେ ଗୃହୀତ ହୋଇଥାଏ । ଏହା ହେଉଛି ସଂସଦୀୟ ପରଂପରା ଓ ସଂଘୀୟ ଶୃଙ୍ଖଳା । ତାମିଲନାଡୁ ରାଜ୍ୟପାଳ ଆର.ଏନ.ରବି ଚତୁର୍ଥ ଥର ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ ତ୍ରୁଟିପୂର୍ଣ୍ଣ ଦର୍ଶାଇ ବିଧାନସଭା ତ୍ୟାଗ କରିଛନ୍ତି । ତାଙ୍କର କହିବା କଥା ହେଲା, ଜାତୀୟ ସଂଗୀତ ପରିବର୍ତ୍ତେ ତାମିଲ ରାଜ୍ୟ ସଂଗୀତ ଗାନ କରାଗଲା । ଏହା ଜାତୀୟ ସଂଗୀତ ପ୍ରତି ଅପମାନ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣରେ ମିଛକଥା ଲେଖାଯାଇଛି, ଯାହା ତାଙ୍କ ପକ୍ଷରେ ପଢ଼ିବା ସମ୍ଭବ ନୁହେଁ । ଅନ୍ୟପକ୍ଷରେ କେରଳ ବିଧାନସଭାରେ ମଧ୍ୟ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ କିଛି ଅଂଶ ବାଦ ଦେବା ସହ ସଂଶୋଧନ ମଧ୍ୟ କରିଛନ୍ତି । କେନ୍ଦ୍ର ସରକାରଙ୍କ ସଂପର୍କରେ ଦିଆଯାଇଥିବା ପ୍ରତିକୂଳ ମନ୍ତବ୍ୟ ଓ ଅଟକି ରହିଥିବା ବିଲ ନେଇ ସୁପ୍ରିମକୋର୍ଟରେ ଆବେଦନ ଭଳି ପ୍ରସଙ୍ଗକୁ ରାଜ୍ୟପାଳ ବାଦ ଦେଇଛନ୍ତି । କର୍ଣ୍ଣାଟକ ରାଜ୍ୟପାଳ ଥାୱର ଚାନ୍ଦ ଗେହେଲୋଟ୍ ମଧ୍ୟ ତାମିଲନାଡୁ ଓ କେରଳ ରାଜ୍ୟପାଳଙ୍କ ପଦାଙ୍କ ଅନୁସରଣ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ପଢ଼ିବାକୁ ମନା କରି ଦେଇଛନ୍ତି । କର୍ଣ୍ଣାଟକ ମନ୍ତ୍ରିପରିଷଦ ଦ୍ୱାରା ପ୍ରସ୍ତୁତ ଏହି ଅଭିଭାଷଣ ପୁସ୍ତିକାରେ ୟୁପିଏ ସରକାର ଅମଳରେ ପ୍ରଣୀତ ଏମ୍‌ନରେଗା ପ୍ରସଙ୍ଗ ଉଲ୍ଲେଖ ଥିବା ପରିଚ୍ଛେଦ ୧୧କୁ କେନ୍ଦ୍ର ସରକାରୀ ବିରୋଧୀ କହି ରାଜ୍ୟପାଳ ଗେହେଲୋଟ୍ ତାହାକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତାହା ନ ହଟିବାରୁ ବିଧାନସଭା ଅଧିବେଶନକୁ ସମ୍ବୋଧିତ କରିବାରୁ ବିରତ ରହିଛନ୍ତି ।

ତିନି ରାଜ୍ୟପାଳଙ୍କ ନିଷ୍ପତ୍ତି ଓ ପଦକ୍ଷେପ କାକତାଳିକ ହୋଇ ନ ପାରେ । ତେଣୁ କେନ୍ଦ୍ର ସରକାରଙ୍କ ସଖିକଣ୍ଢେଇ ରୂପେ ରାଜ୍ୟପାଳମାନେ କାମ କରୁଛନ୍ତି ବୋଲି ତିନି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅଭିଯୋଗ କରିଛନ୍ତି । ରାଜ୍ୟପାଳମାନେ ସାମ୍ବିଧାନିକ ବ୍ୟବସ୍ଥା, ଶୃଙ୍ଖଳା ଓ ପରମ୍ପରା ବିରୋଧୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି । ଘଟଣା ସଂପର୍କରେ କେନ୍ଦ୍ରସରକାର ଯେ ଅବଗତ ନଥିବେ ଏକଥା ନୁହେଁ । ଏପ୍ରକାର ବ୍ୟତିକ୍ରମକୁ ପ୍ରୋତ୍ସାହନ ଦେଇ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିବାରେ କୌଣସି ଯଥାର୍ଥତା ନାହିଁ । ଯଦି ଏଭଳି ପରମ୍ପରା ଅନାବଶ୍ୟକ ବୋଲି ମନେକରାଯାଇଛି ତେବେ ସେଥିରେ ସଂଶୋଧନ ଅଣାଯିବା ଉଚିତ୍ । ଏକ୍ଷେତ୍ରରେ ସବୁ ରାଜ୍ୟ ପାଇଁ ସମାନ ନିୟମ ଓ ଶୃଙ୍ଖଳା ପ୍ରବର୍ତ୍ତିତ ହେବା ଉଚିତ୍ ନୁହେଁ କି ?

## ଟ୍ରମ୍ପଙ୍କ ଅହଂକାରକୁ ଛାଟ

ଗ୍ରୀନଲାଣ୍ଡ ଦଖଲ ପାଇଁ ବଳ ପ୍ରୟୋଗ କରିବେ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଥିଲେ ମଧ୍ୟ ଡାଭୋସ୍ ବିଶ୍ୱ ଅର୍ଥନୈତିକ ଫୋରମ୍ ମଞ୍ଚରେ ସ୍ପଷ୍ଟ ହୋଇଯାଇଥିଲା ଯେ ୟୁରୋପୀୟ ସଂଘ ମିତ୍ର ରାଷ୍ଟ୍ରମାନେ ତାଙ୍କ ସହ ନାହାନ୍ତି । ଆମେରିକା ନେତୃତ୍ୱାଧୀନ ବିଶ୍ୱ ଶୃଙ୍ଖଳା ଭୁଶୁଡ଼ି ପଡ଼ିବା ଅବସ୍ଥାରେ ପହଞ୍ଚିଛି । ଶୁଳ୍କଲୋଭୀ ଟ୍ରମ୍ପଙ୍କ ଦମନକାରୀ ନୀତିକୁ ଆଉ କୌଣସି ପ୍ରକାରେ ଗ୍ରହଣ କରି ହେବନି । ତାଙ୍କୁ ଗ୍ରୀନ୍‌ଲାଣ୍ଡ ଦଖଲ କରିବା ମୋହ ଛାଡ଼ିବାକୁ ପଡ଼ିବ । ଏହି ପ୍ରେକ୍ଷାପଟରେ ଆମେରିକା ସହ ହୋଇଥିବା ସମସ୍ତ ବାଣିଜ୍ୟିକ ଚୁକ୍ତିକୁ ୟୁରୋପୀୟ ରାଷ୍ଟ୍ର ସଂଘର ପାର୍ଲାମେଣ୍ଟ ନୀତିଗତ ଭାବେ ବାତିଲ କରିଛି । ଡାଭୋସ୍ ମଞ୍ଚରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ଆହ୍ୱାନରେ ଥିଲା ଏକ ପରିବର୍ତ୍ତନର ଆଭାସ । ପରିବର୍ତ୍ତିତ ସମୟ ସ୍ପଷ୍ଟ କରିଦେଇଛି ଯେ ଶୃଙ୍ଖଳା ଭିତ୍ତିକ ବିଶ୍ୱ ଆଇନ ଆପେକ୍ଷିକ ସତ୍ୟଥିଲା, ଏବେ ତାହା ମିଛ ପାଲଟିଛି । ଅତିଶକ୍ତିଶାଳୀ ରାଷ୍ଟ୍ର ନିଜର ସ୍ୱାର୍ଥରକ୍ଷା ପାଇଁ କିଛି ଆଇନକୁ କଠୋରତା ପୂର୍ବକ ପ୍ରୟୋଗ କରୁଥିବା ବେଳେ ନିଜ ସୁବିଧା ସୁଯୋଗ ଦେଖି ସେଥିରୁ ଓହରି ଯାଇଥା'ନ୍ତି । ତେଣୁ ମଧ୍ୟମ ବର୍ଗର ରାଷ୍ଟ୍ରମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ମାର୍କକାର୍ଣ୍ଣି ଆହ୍ୱାନ ଦେଇଛନ୍ତି ।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ୟୁରୋପୀୟ କମିଶନର ୟୁ ଭିଡି ଲେନ୍ ଓ ବେଲଜିୟମ୍ ପ୍ରଧାନମନ୍ତ୍ରୀ ବାର୍ଟ ଦେ ଉଭର ପ୍ରମୁଖ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀକୁ କଠୋର ସମାଲୋଚନା କରି ତାଙ୍କୁ ତାଗିଦ୍ ଓ ସତର୍କ କରାଇବା ସହ ସମ୍ଭାବ୍ୟ ବିକଳ୍ପ ବ୍ୟବସ୍ଥାର ସୂଚନା ଦେଇଛନ୍ତି । ଏପରିକି ଆମେରିକା ସଂପର୍କର ଲକ୍ଷ୍ମଣରେଖା ଅତିକ୍ରମ କରୁଥିବାର ମଧ୍ୟ ଚେତାଇ ଦିଆଯାଇଛି । ଆଗକୁ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତାବିତ ୫୮ ଜଣିଆ ବୋର୍ଡ ଗଠନ ଭଳି ପ୍ରସଙ୍ଗରେ ଟ୍ରମ୍ପଙ୍କ ପାଇଁ ସବୁଠାରୁ ବିଶ୍ୱସ୍ତ ସହଯୋଗୀଙ୍କ ଆବଶ୍ୟକତା ରହିଛି । କିନ୍ତୁ ନିର୍ବିଚାରରେ ଅଧିକାଂଶ ରାଷ୍ଟ୍ରଙ୍କ ଉପରେ ବହିଃଶୁଳ୍କ ଲାଗୁ କରିବା ପରେ ଏକକାଳୀନ ଏକାଧିକ ପ୍ରସଙ୍ଗରେ ହାତ ମାରିଦେଇ ଟ୍ରମ୍ପ ଅଡୁଆରେ ପଡ଼ିଯାଇଛନ୍ତି । ପରିସ୍ଥିତିର ଚାପରେ ପଡ଼ି ଗ୍ରୀନଲାଣ୍ଡ ଓ ଇରାନ ନିଷ୍ପତ୍ତି କାର୍ଯ୍ୟକାରିତା ପାଇଁ ସେ ସମୟ ନେଇଛନ୍ତି ।

ଆର୍ଥିକ ଓ ରାଜନୈତିକ ସଂକଟରୁ ଉଦ୍ଧାର ପାଇଁ କୌଣସି ଶକ୍ତିଶାଳୀ ରାଷ୍ଟ୍ର ଉପରେ ନିର୍ଭରଶୀଳତାର ପରିଣତି ଓ ପରିଣାମ ଯେ ବିପଜ୍ଜନକ ତାହା ବୁଝିବାକୁ ବିଶ୍ୱବାସୀଙ୍କୁ ସମୟ ଲାଗିଲା । ପରିସ୍ଥିତି ଏପରି ହୋଇଛି ଯେ ଜାତିସଂଘ ବିଶ୍ୱବ୍ୟାଙ୍କ ଓ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଭଳି ବହୁପାକ୍ଷିକ ସଂସ୍ଥା କ୍ରମେ ଦୁର୍ବଳ ହୋଇଛନ୍ତି । ଯେଉଁ ଉଦ୍ଦେଶ୍ୟ ନେଇ ଏହି ପ୍ରତିଷ୍ଠାନ ଗଠନ କରାଯାଇଥିଲା ତାହା ବ୍ୟାହତ ହୋଇଛି । ଏପର୍ଯ୍ୟନ୍ତ ବିଶ୍ୱରେ ସର୍ବଶକ୍ତିମାନ ଆମେରିକା ନିର୍ଦ୍ଦେଶରେ ଇରାକ, ଆଫଗାନିସ୍ତାନ ଓ ଲିବିୟା ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନରେ ସାମିଲ ହୋଇଥିବା ୟୁରୋପର ମିତ୍ର ରାଷ୍ଟ୍ରଙ୍କ ବିଳମ୍ବରେ ନିଦ ଭାଙ୍ଗିଛି । ସେ ଯାହା ହେଉ ବ୍ୟବସ୍ଥାରେ ପରିବର୍ତ୍ତନର ଯେଉଁ ଆଭାସ ମିଳିଛି ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ ।

# ବନ୍ଧୁ-ବଇରି ବ୍ୟୂହରେ ଭେନେଜୁଏଲା

ଡାକ୍ତର ରାଜକିଶୋର ପଣ୍ଡା

ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଏବଂ ଏହାର ତାତ୍କାଳିକ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିବା ପ୍ରସଙ୍ଗକୁ ନେଇ ବର୍ତ୍ତମାନ ବିଶ୍ୱ ରାଜନୀତି ବାଣ୍ଟି ହେବାରେ ଲାଗିଛି । କଲମ୍ବିଆ, ଚୀନ, ରୁଷିଆ, ଉତ୍ତର କୋରିଆ, ଏପରିକି ମିଳିତ ଜାତିସଂଘ ଆମେରିକାର ଏହି ପଦକ୍ଷେପକୁ ଦୃଢ଼ ବିରୋଧ କରିଛନ୍ତି । ତେବେ ବର୍ତ୍ତମାନ ଏକ ପ୍ରଶ୍ନ ଉଠୁଛି ଯେ ଆମେରିକାର ଏପରି କରିବାର କାରଣ କ'ଣ? ଯଦି ଅବୈଧ ନିଶା କାରବାର କାରଣ ହୋଇଥାଏ, ତେବେ ଏହି ବିଷୟକୁ ନେଇ ଚୀନ ଉପରେ ମଧ୍ୟ ପ୍ରଶ୍ନ ଉଠିବା କଥା । ଊନବିଂଶ ଶତାବ୍ଦୀରେ ହୋଇଥିବା ଅଫିମ ଯୁଦ୍ଧଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଚୀନ୍ ଉପରେ ଅବୈଧ ଭାବରେ ବିଭିନ୍ନ ଡ୍ରଗ୍ସ ବା ନିଶାଦ୍ରବ୍ୟର ପ୍ରସ୍ତୁତି ଓ ଚୋରା ଚାଲାଣକୁ ନେଇ ଆରୋପ ଲାଗିଆସିଛି । ଭେନେଜୁଏଲାରେ ଥିବା ବିପୁଳ ତୈଳ ଭଣ୍ଡାର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ସମ୍ଭାରରେ ଲାଳାୟିତ ହୋଇ ଆମେରିକାର ଏହା ଉପରେ ଆକ୍ରମଣ ମଧ୍ୟ ଏକ ସମ୍ଭାବ୍ୟ କାରଣ ହୋଇପାରେ, କିନ୍ତୁ ତାହା ଏକମାତ୍ର ନୁହେଁ । ଏହାପଛରେ ଥିବା ଆହୁରି ଅନେକ ରହସ୍ୟ ଧୀରେଧୀରେ ସାମ୍ନାକୁ ଆସୁଛି ।

ଭେନେଜୁଏଲା ଓ ଆମେରିକା ମଧ୍ୟରେ ତିକ୍ତ ସମ୍ପର୍କ ଏବେକାର ନୁହେଁ । ୧୯୯୯ ମସିହାରେ ହ୍ୟୁଗୋ ଚାଭେଜ୍ କ୍ଷମତାକୁ ଆସିଲା ପରେ ବିବାଦର ସୂତ୍ରପାତ ହୋଇଥିଲା । ଚାଭେଜ୍ ନିଜକୁ ସମାଜବାଦୀ ଏବଂ ଆମେରିକାକୁ ସାମ୍ରାଜ୍ୟବାଦୀ ବୋଲି ଦର୍ଶାଇବା ସହିତ ବିଭିନ୍ନ କ୍ଷେତ୍ରରେ ଆମେରିକାକୁ ବିରୋଧ କରିବା ଆରମ୍ଭ କରିଥିଲେ । ଆମେରିକାର ଶତ୍ରୁରାଷ୍ଟ୍ର କ୍ୟୁବା ଓ ଇରାନ୍ ସହିତ ବନ୍ଧୁତା ଏବଂ କ୍ୟୁବା ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋଙ୍କ ସହିତ ଚାଭେଜଙ୍କ ଘନିଷ୍ଠତା ପ୍ରଭୃତି ଏହି ବିରୋଧ ପ୍ରକ୍ରିୟାର ଅନ୍ତର୍ଭୁକ୍ତ । କ୍ୟୁବାର ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋଙ୍କୁ ବିରୋଧ ଏବଂ ବାରମ୍ବାର ହତ୍ୟା ଉଦ୍ୟମ କରି ଆମେରିକା କ୍ୟୁବାକୁ ବିଶ୍ୱରାଜନୀତିରେ ଏକଘରିକିଆ କରିଥିବା ବେଳେ ଚାଭେଜ୍ କ୍ୟୁବା ସହ ଭେନେଜୁଏଲାର ବାଣିଜ୍ୟିକ ଓ ସାମାଜିକ ସମ୍ପର୍କକୁ ବୃଦ୍ଧି କରିଥିଲେ । ଆହୁରି ମଧ୍ୟ ଆମେରିକା ଓ ଭେନେଜୁଏଲାର ସୈନ୍ୟବାହିନୀ ମଧ୍ୟରେ ଥିବା ପୁରାତନ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗିତା ଚାଭେଜ୍‌ଙ୍କ ଶାସନ ସମୟରେ ବିପୁଳ ଭାବରେ ହ୍ରାସ ଘଟିଲା ।

ଏସବୁର ପ୍ରତିଶୋଧ ରୂପେ ଆମେରିକା ଚାଭେଜ୍‌ଙ୍କର ବିରୋଧୀ ଭାବେ ଜଣାଶୁଣା ପେଡ୍ରୋ କାର୍ମୋନାଙ୍କୁ ହାତ କରି ଭେନେଜୁଏଲାରେ ଏକ ସାମରିକ ବିଦ୍ରୋହର ସୂତ୍ରପାତ, ୧୧ ଏପ୍ରିଲ୍ ୨୦୦୨ ମସିହାରେ କରିଥିଲା । ଉଦ୍ଦେଶ୍ୟ ଥିଲା ଚାଭେଜ୍‌ଙ୍କୁ ଗାଦିରୁ ହଟାଇ ଆମେରିକାର ହିତାକାଂକ୍ଷୀ କାର୍ମୋନାଙ୍କୁ ରାଷ୍ଟ୍ରପତି କରିବା । ସାମରିକ ବିଦ୍ରୋହଟି ବିଫଳ ହେଲା । ଗାଦିରୁ ଯିବାର ମାତ୍ର କିଛିଘଣ୍ଟା ପରେ ଚାଭେଜ୍ ରାଷ୍ଟ୍ରପତି ଆସନରେ ପୁନଃ ଅବସ୍ଥାପିତ ହେଲେ । ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବଲ୍ୟୁ ବୁଶଙ୍କର ପ୍ରଶାସନକୁ ଏଥିପାଇଁ ଦାୟୀ କରାଯାଏ । ୨୦୧୩ ମସିହାରେ ଚାଭେଜ୍‌ଙ୍କ ମୃତ୍ୟୁ ଉପରାନ୍ତେ ତାଙ୍କ ଶିଷ୍ୟ, ଉତ୍ତରାଧିକାରୀ ତଥା ତତ୍କାଳୀନ ଉପରାଷ୍ଟ୍ରପତି ଏବଂ ବର୍ତ୍ତମାନର ବିତାଡ଼ିତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ନିଜ ଗୁରୁଙ୍କର ସ୍ୱଘୋଷିତ ସମାଜବାଦ(ଯାହାକୁ ମଧ୍ୟ କୁହାଯାଏ 'ଚାଭିଜିମ୍')କୁ ଭେନେଜୁଏଲାରେ ଆଗେଇ ନେଇଥିଲେ । ନିଜ ରାଜନୈତିକ ଗୁରୁଙ୍କ ଭଳି ସେ ମଧ୍ୟ ଆମେରିକାକୁ ତୀବ୍ର ବିରୋଧ କରିଥିଲେ । ତେଣୁ ଏହା ମଧ୍ୟ ଅନୁମାନ କରାଯାଉଛି ଯେ ଆମେରିକାର ଭେନେଜୁଏଲା ଉପରେ ଆକ୍ରମଣ ଚାଭେଜଙ୍କ ଦ୍ୱାରା ପ୍ରତିଷ୍ଠିତ 'ସ୍ୱଘୋଷିତ ସମାଜବାଦ' ବା 'ଚାଭିଜିମ୍'ର ସମାପ୍ତି ଘଟାଇବା ହୋଇଥାଇପାରେ ।

କଥା ପୁଣି ଆସୁଛି ନିଶା କାରବାରକୁ । ଏପରି କେଉଁ ନିଶା ଯୋଗୁଁ ଆମେରିକାକୁ ଏପରି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଲା? ଏହି ନିଶା ଅଫିମ, ଚରସ୍ କିମ୍ବା କୋକେନ ନୁହେଁ; ଏହା ହେଉଛି ବର୍ତ୍ତମାନ ଯୁଗର ସବୁଠାରୁ ଘାତକ ନିଶା ଫେଣ୍ଟାନିଲ । ଏହା ଯୋଗୁଁ ଆମେରିକାରେ ପ୍ରତିବର୍ଷ ଲକ୍ଷଲକ୍ଷ ଯୁବକ ନିଶାଗ୍ରସ୍ତ ହେବା ସହ ମୃତ୍ୟୁବରଣ କରୁଛନ୍ତି । ଏହି ଫେଣ୍ଟାନିଲ କେବଳ ପରୀକ୍ଷାଗାରରେ ହିଁ ପ୍ରସ୍ତୁତ କରାଯାଇପାରୁଥିବା ଏକପ୍ରକାରର ମାଦକ ଦ୍ରବ୍ୟ, ଯାହା ମର୍ଫିନଠାରୁ ପାଖାପାଖି ଶହେ ଗୁଣା ଓ ହେରୋଇନ୍‌ଠାରୁ ପାଖାପାଖି ପଚାଶ ଗୁଣ ଅଧିକ ଘାତକ ଅଟେ । ସାଧାରଣ ଭାବେ ଏହାର ମୁଖ୍ୟ ବ୍ୟବହାର କର୍କଟ ରୋଗର ଯନ୍ତ୍ରଣା ଓ ଅସ୍ତ୍ରୋପଚାର ଯନ୍ତ୍ରଣାରୁ ଉପଶମ ନିମନ୍ତେ କରାଯାଇଥାଏ । କିନ୍ତୁ ଏକ ନିଶା ଭାବରେ ଏହାର ସେବନ କରି ଏକ ରିପୋର୍ଟ ମୁତାବକ ୧୯୯୯ ମସିହାରୁ ଆଜି ପର୍ଯ୍ୟନ୍ତ ଆମେରିକାରେ ପାଖାପାଖି ଦଶଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି । ୨୦୨୨ ମସିହାରେ ଏହି ମୃତ୍ୟୁ ସଂଖ୍ୟା ୧, ୦୭, ୯୪୧ ରେ ପହଞ୍ଚିଥିଲା । ୧୮ ରୁ ୪୫ ବର୍ଷ ବୟସ୍କ ଆମେରିକୀୟମାନଙ୍କ ମୃତ୍ୟୁର ସବୁଠାରୁ ପ୍ରମୁଖ କାରଣ ଫେଣ୍ଟାନିଲର ମାତ୍ରାଧିକ ସେବନ । ସମଗ୍ର ଯୁକ୍ତରାଷ୍ଟ୍ରରେ କେବଳ ଡ୍ରଗ୍ସର ମାତ୍ରାଧିକ ସେବନ ହେତୁ ଘଟୁଥିବା ମୃତ୍ୟୁ ଘଟଣା ମଧ୍ୟରେ ଫେଣ୍ଟାନିଲ ଜନିତ ମୃତ୍ୟୁ ସର୍ବାଧିକ ।

ଏହି ଫେଣ୍ଟାନିଲର କିଣାବିକା ପାଇଁ ଏକ ଗୁପ୍ତ ବଜାରର ବ୍ୟବସ୍ଥା ଅଛି, ଇଣ୍ଟରନେଟ୍‌ରେ ଯାହାକୁ କୁହାଯାଏ 'ଡାର୍କନେଟ୍' । 'ଡାର୍କନେଟ୍'ରେ ହିଁ ବିଶ୍ୱରେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ, ଅବୈଧ ଅସ୍ତ୍ରଶସ୍ତ୍ରର କିଣାବିକା, ସମ୍ବେଦନଶୀଳ ତଥ୍ୟର ଆଦାନପ୍ରଦାନ ଆଦି ହୋଇଥାଏ । ୨୦୨୦ ରେ 'ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଆଡ୍‌ମିନିଷ୍ଟ୍ରେସନ'ର ଏକ ରିପୋର୍ଟ ମୁତାବକ ଚୀନ ହିଁ ବିଶ୍ୱସ୍ତରରେ ଫେଣ୍ଟାନିଲର ସର୍ବବୃହତ୍ ଉତ୍ପାଦନକାରୀ । ଉପରୋକ୍ତ ସଂସ୍ଥା ଏହା ମଧ୍ୟ ଦର୍ଶାଇଛି ଯେ ଫେଣ୍ଟାନିଲ୍ ପ୍ରସ୍ତୁତିରେ ପ୍ରୟୋଜନ ହେଉଥିବା ରସାୟନ ଚୀନରୁ ଗୁପ୍ତ ଭାବରେ ଲାଟିନ ଆମେରିକାକୁ ନିଆଯାଇଥାଏ । ସେଠାରେ ଫେଣ୍ଟାନିଲ ପ୍ରସ୍ତୁତି ପରେ ଅବୈଧ ଭାବରେ ଯୁକ୍ତରାଷ୍ଟ୍ର ଆମେରିକାକୁ ଚୋରା ଚାଲାଣ କରାଯାଇଥାଏ । ଫେଣ୍ଟାନିଲ ପ୍ରସ୍ତୁତି ତଥା ଏହାର ପରିବହନରେ ସଂପୃକ୍ତ ଥିବା ଲାଟିନ ଆମେରିକୀୟ ଦେଶମାନଙ୍କ ମଧ୍ୟରେ ଭେନେଜୁଏଲା ଶୀର୍ଷରେ ରହିଛି । ଚୀନ୍‌ର ଏହି ଫେଣ୍ଟାନିଲ ଯୋଗାଣକାରୀମାନଙ୍କୁ ମୁଖ୍ୟତଃ କ୍ରିପ୍ଟୋକରେନ୍ସି ମାଧ୍ୟମରେ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯାଇଥାଏ । ପ୍ରମୁଖ କ୍ରିପ୍ଟୋ ମୁଦ୍ରା ହେଉଛି ବିଟ୍‌କଏନ୍ । ବିଟ୍‌କଏନ୍‌ର ଫେଣ୍ଟାନିଲ କିଣାବିକାରେ ବ୍ୟାପକ ବ୍ୟବହାର ହେତୁ ଟ୍ରମ୍ପଙ୍କ ନିଜସ୍ୱ କ୍ରିପ୍ଟୋ ମୁଦ୍ରାରେ ମଧ୍ୟ ବ୍ୟାପକ କ୍ଷତି ଘଟିଛି । ଏହି କଥାଟିକୁ ସେ ସର୍ବସମ୍ମୁଖରେ ପ୍ରକାଶ କରିପାରୁ ନ ଥିବା ବେଳେ ଏହା ମଧ୍ୟ ତାଙ୍କର ଭେନେଜୁଏଲା ଆକ୍ରମଣର ଅନ୍ୟ କାରଣ ।

ଏବେ ଆସିବା ଅନ୍ୟ ଗୋଟିଏ ଦିଗ, ଯାହା ହେଉଛି 'ବ୍ୟବସାୟ' । ୨୦୦୦ ମସିହା ପୂର୍ବରୁ ଭେନେଜୁଏଲା ଅସ୍ତ୍ରଶସ୍ତ୍ର ପାଇଁ ମୁଖ୍ୟତଃ ଆମେରିକା ଉପରେ ନିର୍ଭରଶୀଳ ଥିଲା ବେଳେ ଏହାପରେ ରୁଷିଆ ଓ ଚୀନରୁ ଅସ୍ତ୍ରଶସ୍ତ୍ର ଆମଦାନୀ କରିବା ଆରମ୍ଭ କରିଥିଲା । ମାଦୁରୋଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଏହି ଧାରା କ୍ରମାଗତ ଭାବରେ ଆଗକୁ ବଢ଼ିବା ସହିତ ବର୍ତ୍ତମାନ ସମୟରେ ଭେନେଜୁଏଲା ନିଜ ଅସ୍ତ୍ରଶସ୍ତ୍ରର ପ୍ରାୟ ପଚାଶ ପ୍ରତିଶତ ଚୀନ୍‌ରୁ ଆମଦାନୀ କରୁଛି । ଏହାଛଡ଼ା ଭେନେଜୁଏଲା ବିଶ୍ୱର ବୃହତ୍ତମ ତେଲ ଖଣିର ଅଧିକାରୀ ହୋଇଥିବା ସତ୍ତ୍ୱେ ଏହି ଅଶୋଧିତ ତୈଳକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଏହା ପାଖରେ କୌଣସି ବ୍ୟବସ୍ଥା ନାହିଁ । ତେଣୁ ଏହି ଅଶୋଧିତ ତୈଳକୁ ସେ ମୁଖ୍ୟତଃ ରୁଷ୍ ଓ ଚୀନ୍‌କୁ ରପ୍ତାନୀ କରିଥାଏ । ୨୦୨୫ ସୁଦ୍ଧା ଭେନେଜୁଏଲା ନିଜର ଉତ୍ପାଦିତ ତୈଳର ପାଖାପାଖି ଶତପ୍ରତିଶତ ଚୀନକୁ ରପ୍ତାନୀ କରିଛି ବୋଲି ନିକଟରେ ରଏଟର୍ସ ତରଫରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ।

ସେହିଭଳି ଭେନେଜୁଏଲାକୁ ଖାଦ୍ୟଦ୍ରବ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ରପ୍ତାନୀ କରିବାରେ ମଧ୍ୟ ଆମେରିକାକୁ ହଟାଇ ବର୍ତ୍ତମାନ ଚୀନ୍ ଶୀର୍ଷ ସ୍ଥାନ ଅଧିକାର କରିଛି । ୨୦୦୧ ରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଲାଟିନ ଆମେରିକାରେ ଚୀନ୍ ପ୍ରାୟ ୩୦୦ ନିୟୁତ ଡଲାରରୁ ଅଧିକ ପରିମାଣର ପୁଞ୍ଜି ନିବେଶ କରିଛି । ଉପରୋକ୍ତ ପରିମାଣରୁ କେବଳ ଭେନେଜୁଏଲାରେ ଚୀନ ନିବେଶ କରିଥିବା ପୁଞ୍ଜିର ପରିମାଣ ୧୦୦ ବିଲିଅନ ଡଲାରରୁ ଅଧିକ । ତେଣୁ ଲାଟିନ ଆମେରିକା ଓ ଭେନେଜୁଏଲାରେ ଚୀନର କ୍ରମାଗତ ବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ମଧ୍ୟ ଟ୍ରମ୍ପ ଭେନେଜୁଏଲା ଉପରେ ଆକ୍ରମଣ କରିଥିବା ସ୍ପଷ୍ଟ ହୁଏ । ତେବେ ଟ୍ରମ୍ପଙ୍କ ଏହି ସାମରିକ ଅଭିଯାନ ତାଙ୍କର ଭବିଷ୍ୟତର ଆଶା ଓ ବିଶ୍ୱ ରାଜନୀତିକୁ କେଉଁ ମୋଡ଼ ଦେବ ତାହା ସମୟ ହିଁ କହିବ ।

ଘଟଣାକ୍ରମକୁ ସାମଗ୍ରିକ ଭାବେ ଅନୁଶୀଳନ କଲେ ଏହା ଜଣାପଡୁଛି ଯେ ଭେନେଜୁଏଲା ଆଜି ଯେଉଁ ଦଶା ଭୋଗୁଛି ତାହା ପଛରେ ରହିଛି ତା'ର ଦୁଷ୍ଟବୁଦ୍ଧି ସମ୍ପନ୍ନ ବନ୍ଧୁରାଷ୍ଟ୍ରମାନଙ୍କର ସହାଚାର୍ଯ୍ୟ । ଅପରପକ୍ଷରେ ଭେନେଜୁଏଲାର ବନ୍ଧୁରାଷ୍ଟ୍ରମାନେ ହିଁ ଆମେରିକାର ବଇରି । ଯେଉଁମାନେ ଆମେରିକା ବିରୋଧରେ ଭେନେଜୁଏଲାକୁ ବ୍ୟବହାର କରୁଥିଲେ ଏବେ ସେମାନେ ସମଦୂରତ୍ୱ ରକ୍ଷା କରୁଛନ୍ତି । ଏଥିରୁ ଭେନେଜୁଏଲା ଶିକ୍ଷା ଲାଭ କରିବା ଉଚିତ । ଆମେରିକା-ବିରୋଧୀ ରାଷ୍ଟ୍ରଙ୍କ ସହିତ ବନ୍ଧୁ ବାନ୍ଧି ଭେନେଜୁଏଲା ଏଭଳି ଏକ ବ୍ୟୂହରେ ଫସି ଯାଇଛି, ଯେଉଁଥିରୁ ନିକଟ ଭବିଷ୍ୟତରେ ମୁକୁଳିବାର ସମ୍ଭାବନା ଦିଶୁନାହିଁ ।

(ଓଡ଼ିଶା ସ୍ୱାସ୍ଥ୍ୟ ସେବା)

ଭୁବନେଶ୍ୱର, ମୋ: ୮୧୪୪୦୪୨୯୯୭

# ଏ ପ୍ରହସନ କାହା ସ୍ୱାର୍ଥରେ?

ଅଶୋକ ମହାରଣା

ସମ୍ପ୍ରତି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ପମ୍ପ ମନା, ଗ୍ରୀନ ଷ୍ଟିକର ପ୍ରବର୍ତ୍ତନ ଆଦି ସ୍ୱାଗତଯୋଗ୍ୟ ନିଶ୍ଚିତ । ଲୋକଙ୍କୁ ସଚେତନ କରାଇବା, ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରିତ କରିବା, ସୁସ୍ଥ ଜୀବନ ଯାପନ କରି ନିରୋଗ ରହିବା ଏହାର ଲକ୍ଷ୍ୟ । ଓଡ଼ିଶାରେ ବାୟୁର ମାନ ହ୍ରାସ ପାଉଛି । ଦିଲ୍ଲୀ ଅବସ୍ଥା ଓଡ଼ିଶାରେ ନହେଉ ଏହି ଚିନ୍ତାରେ ଯଦି ଉପରୋକ୍ତ ପଦକ୍ଷେପ ନିଆଯାଇଥିବ ତେବେ ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ । କିନ୍ତୁ ସରକାରଙ୍କ ପଦକ୍ଷେପ ଝିଣ୍ଟିକା ମାରିବା ପାଇଁ ବଣି ପୋଷିବା ଭଳି ହୋଇଛି ।

ବାୟୁ ପ୍ରଦୂଷଣ କେବଳ କ'ଣ ଗାଡ଼ି ଯୋଗୁଁ ହେଉଛି? ଓଡ଼ିଶାର ଶହ ଶହ ଶିଳ୍ପ ସମସ୍ତ ନୀତିନିୟମକୁ ଉଲ୍ଲଙ୍ଘନ କରି କଳାଧୂଆଁରେ ସମଗ୍ର ବାୟୁମଣ୍ଡଳକୁ ପ୍ରଦୂଷିତ କରିବା ସହିତ ପାଉଁଶ ଗୁଣ୍ଡରେ ଅଞ୍ଚଳ ପ୍ରଦୂଷିତ ହେଉଛି । ଜଳ, ଜମି, ମୃତ୍ତିକା, ବାୟୁ ସବୁକିଛି ପ୍ରଦୂଷିତ । ସେ ବିଷୟରେ କେବେ ସରକାର ଚିନ୍ତା କରିଛନ୍ତି? ରାଜରାସ୍ତାରେ ପ୍ରତିଦିନ ହଜାର ହଜାର ଟ୍ରକ ପାଉଁଶ ପରିବହନ କରୁଛନ୍ତି । ସେଥିପ୍ରତି ସରକାର କଠୋର ନୁହନ୍ତି କାହିଁକି? 'ପ୍ଲାଷ୍ଟିକମୁକ୍ତ ଓଡ଼ିଶା'ର ସ୍ୱପ୍ନ





କାହିଁକି ସ୍ୱପ୍ନ ହୋଇ ରହିଛି? ରାଜ୍ୟର ଚଉଦ ନଦୀର ଜଳ ବିଷାକ୍ତ କାହିଁକି? ଆବର୍ଜନା ପାଣିକୁ ନଦୀରେ ଛାଡୁଥିବା କଳକାରଖାନାଗୁଡ଼ିକ ପାଇଁ ସରକାର ଉଦାର କାହିଁକି?

ଫେରି ଚାଲନ୍ତୁ ୨୫ ବର୍ଷତଳକୁ । କେହି ପାଣି କିଣି ପିଇବା ଥିଲା ବିରଳ । କିନ୍ତୁ ବର୍ତ୍ତମାନ ଯେଉଁଠିକୁ ଯାଅ ପାଣି କିଣି ପିଇବାକୁ ପଡୁଛି । ସତତ ବିଶୁଦ୍ଧ ପାଣି ଗ୍ଲାସଟେ ମିଳିବା କାଠିକର ପାଠ । ପୁରୀ ସମୁଦ୍ର କୂଳ ପ୍ରଦୂଷିତ । ହୋଟେଲରେ ଆବର୍ଜନା ପାଣି ରତ୍ନଗର୍ଭାରେ ମିଶୁଛି । ତା' ପାଇଁ କ'ଣ ଆଇନ ନାହିଁ? ସମଗ୍ର ଭାରତ ବର୍ଷରେ ପୁରୀ ସମୁଦ୍ର କୂଳ ଶ୍ରେଷ୍ଠ । ତା'ର ଗରିମା ବଜାୟ ରଖିବା ପାଇଁ ସରକାର କଠୋର ନୁହନ୍ତି କାହିଁକି? ଖୋଲାଖୋଲି ଭାବରେ ଆବର୍ଜନା ପାଣି ମିଶୁଛି । ଏହାର ସମାଧାନ ସରକାରଙ୍କ ନିକଟରେ ଅଛିକି? କଟକର ମହାନଦୀ ଓ କାଠଯୋଡ଼ିକୁ ଚବିଶ ଘଣ୍ଟା ଆବର୍ଜନା ପାଣି ପ୍ରବେଶ କରୁଛି । ତା'ର ବିଶୋଧନ ପାଇଁ ଯୋଜନା ହେଉଛି କି? ନଦୀ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବନଜୀବିକାରେ ପୂର୍ଣ୍ଣଛେଦ ପଡ଼ିଛି । ଦୂଷିତ ପାଣି ଯୋଗୁଁ ମାଛ ବଂଶ ଲୋପପାଉଛି ।

କଳ କାରଖାନା ନାମରେ ହଜାର ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି । ସୃଷ୍ଟି ହେଉଛି କେତେ? ସମୁଦ୍ରକୂଳର ଗାଁ ସମୁଦ୍ର ଗର୍ଭରେ ଲୀନ ହେଉଛି । ତା'ର ଯୋଜନା କ'ଣ? ଜଳ, ବାୟୁ, ଶବ୍ଦ ସହିତ ମୃତ୍ତିକା ବି ପ୍ରଦୂଷିତ । ଡିଜେ ସାଉଣ୍ଡ ଯୋଗୁଁ ଯେଉଁ ଶବ୍ଦ ପ୍ରଦୂଷଣ ହେଉଛି, ତା'କୁ କ'ଣ ନିୟନ୍ତ୍ରଣ କରାଯାଇ ପାରିଛି? ଯେତେବେଳେ ଏକ ସରକାର ଜନଗଣଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦିଏ ସେ କ'ଣ ଲୋକଙ୍କ ସରକାର ହୋଇପାରେ? ଲୋକ ଏକପ୍ରକାର ବିଶେଷଣ ପଦବାଚ୍ୟ । ନିର୍ବାଚନ ବୈତରଣୀ ଅତିକ୍ରମ କରିବାର ଏକ ମାଧ୍ୟମ । ନିର୍ବାଚନ ପରେ ଲୋକ ଗୌଣ ହୋଇଯାଆନ୍ତି ।

ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବିଭାଗ ରହିଛି । ନିୟମ ବି ରହିଛି । ନିୟମରେ ମୁହଁ ଦେଖି କାରବାର । ମୁହଁ ଦେଖି ନିଷ୍ପତ୍ତି ଏକ ଜନମଙ୍ଗଳ ରାଷ୍ଟ୍ରରେ ଅଶାନ୍ତିର ବିଷବଳୟ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ନୀତିଗତ ନିଷ୍ପତ୍ତି ପୂର୍ବରୁ ଜନଗଣଙ୍କ ସ୍ୱାର୍ଥକୁ ଚିନ୍ତା କରିବାର ଅଛି । ଯେଉଁଠି ଗଣମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଏ ସେଠାରେ 'ଆ କୁରାଢ଼ୀ ମୋତେ ହାଣ' ଅବସ୍ଥା ହୋଇଥାଏ । ଲୋକଙ୍କ ସ୍ୱାର୍ଥକୁ ବଳି ଦେଇ କେତେ ସରକାର, ରାଜା, ମହାରାଜା ଗାଦିଚ୍ୟୁତ ହୋଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠାରେ ଲିପିବଦ୍ଧ ହୋଇରହିଛି । ଅନ୍ତତଃ ବାଇମୁଣ୍ଡିଙ୍କଠାରୁ ଶିଖିବା ଦରକାର - ସେ ସରକାର ହୁଅନ୍ତୁ କିମ୍ବା ସାଧାରଣ ଲୋକଟିଏ ହେଉ । ଏବେ ପ୍ରଶ୍ନ ଉଠୁଛି ଏତେ ସବୁ ପ୍ରଦୂଷଣ ପ୍ରତି ଆଖିବୁଜି ଦେଇଥିବା ସରକାର କେବଳ ଗାଡ଼ି ପଛରେ କାହିଁକି ପଡ଼ିଛନ୍ତି? ଏ ପ୍ରହସନ କାହା ସ୍ୱାର୍ଥ ପାଇଁ?

ଢେଙ୍କାନାଳ, ମୋ: ୭୬୦୯୯୯୫୬୯୩

# ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ମହାଭାରତ ତଥ୍ୟ ଅନୁଯାୟୀ ଦିଗ୍‌ବିଜୟୀ ରାଜାମାନଙ୍କ ଦ୍ୱାରା କଳିଙ୍ଗର ରାଜା ମଧ୍ୟ ପରାସ୍ତ ହୋଇଥିଲେ । ସହଦେବ, କର୍ଣ୍ଣ, ରାମ ଜାମଦଗ୍ନ୍ୟ(ପରଶୁରାମ) ତଥା ସହଦେବ ଓ କୃଷ୍ଣଙ୍କର ମିଳିତ ଶକ୍ତି ଦ୍ୱାରା କଳିଙ୍ଗର ରାଜା ପରାସ୍ତ ହୋଇଥିଲେ । ସହଦେବ ଓ କୃଷ୍ଣଙ୍କର ମିଳିତ ଶକ୍ତି କଳିଙ୍ଗ ସୈନ୍ୟମାନଙ୍କୁ 'ଦନ୍ତକୁର' ଠାରେ ସଂପୂର୍ଣ୍ଣ ବିଧ୍ୱସ୍ତ କରିଥିଲେ । କୁରୁକ୍ଷେତ୍ର ଯୁଦ୍ଧରେ ଦ୍ରୋଣ ଯେତେବେଳେ ଜୟଦ୍ରଥଙ୍କୁ ରକ୍ଷା କରିବା ନିମନ୍ତେ ଭୀମ ଓ ଅର୍ଜୁନଙ୍କ ସହ ଭୀଷଣ ସଂଗ୍ରାମରେ ଲିପ୍ତ ଥିଲେ, କଳିଙ୍ଗର ରାଜା ଶ୍ରୁତାୟୁସ ଦ୍ରୋଣଙ୍କ ସୈନ୍ୟବାହିନୀର ଦକ୍ଷିଣ ଭାଗର କମାଣ ସମ୍ଭାଳିଥିଲେ । ଦ୍ରୋଣ ଯେତେବେଳେ 'ଗରୁଡ଼ ବ୍ୟୂହ' ରଚନା କରିଥିଲେ କୁହାଯାଇଛି ଯେ କଳିଙ୍ଗ ବାହିନୀ ସେଠାରେ ଏକ ବିରାଟ ବ୍ୟୂହର ଗଳାସଦୃଶ ଥିଲା । ଯୁଦ୍ଧରେ ଶ୍ରୁତାୟୁସ ଓ ତାଙ୍କର ବୀରପୁତ୍ରମାନେ ଭୀମଙ୍କ ଦ୍ୱାରା ନିହତ ହୋଇଥିଲେ । କଳିଙ୍ଗର କ୍ଷତ୍ରୀୟମାନେ

## ଓଡ଼ିଶାର ବୌଦ୍ଧ ପରମ୍ପରା

ନିମ୍ନସ୍ତରର ଥିବା ଏବଂ ଶୁଦ୍ରମାନଙ୍କ ସମାସ୍କନ୍ଧ ଥିବା ତଥା ସାମଗ୍ରିକ ଭାବେ କଳିଙ୍ଗର ଲୋକମାନେ ମଧ୍ୟ ଅଧାର୍ମିକ ଅଥବା ଦୁର୍ଧର୍ମନ ଥିବା ବିଷୟ ମହାକାବ୍ୟରେ ବର୍ଣ୍ଣନା କରାଯାଇଛି । କିନ୍ତୁ କଳିଙ୍ଗ ଦେଶଟି ଏକ ପବିତ୍ର ସ୍ଥଳ ରୂପେ ବିଚାର କରାଯାଉଥିଲା । ଯୁଧିଷ୍ଠିର ତାଙ୍କ ତୀର୍ଥଯାତ୍ରା କାଳରେ କଳିଙ୍ଗ ପରିଦର୍ଶନ କରିଥିବା କୁହାଯାଇଛି ।

*ପ୍ରାରମ୍ଭିକ ବୌଦ୍ଧସାହିତ୍ୟରେ କଳିଙ୍ଗ* : ପ୍ରାଚୀନ 'ପାଲି' ଧର୍ମଗ୍ରନ୍ଥଗୁଡ଼ିକରେ ବିଶେଷ ଭାବେ 'ବୌଦ୍ଧ ଜାତକକଥା'ରେ କଳିଙ୍ଗରେ ଆର୍ଯ୍ୟ ସଭ୍ୟତାର ବିକାଶ ସଂପର୍କରେ ସମ୍ୟକ ଭାବେ ସୂଚନା ରହିଛି । ସେଥିରେ ବୁଦ୍ଧଙ୍କ ଆବିର୍ଭାବ ପୂର୍ବରୁ ମଧ୍ୟ କଳିଙ୍ଗରେ କ୍ଷୁଦ୍ର କ୍ଷୁଦ୍ର ବ୍ରାହ୍ମଣ ବସତିମାନ ଗଢ଼ି ଉଠିଥିବା କଥା ଉଲ୍ଲେଖ ରହିଛି । ବିଶେଷଭାବେ 'ବେସ୍ସନ୍ତର ଜାତକ'ରେ କଳିଙ୍ଗ ରାଷ୍ଟ୍ରରେ 'ଦୁନ୍ନିବିଥ' ନାମକ ବ୍ରାହ୍ମଣ ଗ୍ରାମ କଥା ଉଲ୍ଲେଖ ରହିଛି । ସେହିଭଳି 'କୁରୁଧମ୍ମ ଜାତକ'ରେ ମଧ୍ୟ ଏକଦା କଳିଙ୍ଗରେ ଭୀଷଣ ଦୁର୍ଭିକ୍ଷ ଦେଖା ଦେଇଥିବା ବେଳେ ରାଜା ବ୍ରାହ୍ମଣମାନଙ୍କୁ କୁରୁରାଜ୍ୟକୁ ଯାଇ ସେଠାକାର ରାଜାଙ୍କୁ ତାଙ୍କର 'ଅଞ୍ଜନ' ବା 'ସଭ' ନାମକ ହାତୀଟିକୁ କଳିଙ୍ଗ ଆଣିବା ନିମିତ୍ତ ଭିକ୍ଷା ମାଗିବା ପାଇଁ ପଠାଇଥିଲେ । କାରଣ ଏହି ହାତୀଟିର ବର୍ଷା କରାଇବାର ଚମତ୍କାରୀ ଶକ୍ତି ରହିଥିଲା ।

ସେହିଭଳି 'ବେସ୍ସନ୍ତର ଜାତକ'ରେ ମଧ୍ୟ ସମାନ ଧରଣର କଥା ରହିଛି, ଯେଉଁଠି କଳିଙ୍ଗର ବ୍ରାହ୍ମଣମାନେ ରାଜ୍ୟର ଅନାବୃଷ୍ଟି ପରିସ୍ଥିତିକୁ ଦୂରେଇବା ନିମିତ୍ତ ବେସନ୍ତରର 'ଧବଳ ହସ୍ତୀ' କୁ ହାସଲ କରିଥିଲେ । ଏହିଭଳି ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଜରୁରୀ ସମସ୍ୟାର ସମାଧାନ, ଯାହାକି ରାଜ୍ୟର ଅତ୍ୟନ୍ତ ଗୁରୁତର ବିପତ୍ତି ସମୟରେ ଏହି ଦୁର୍ବିପାକର ନିବାରଣ ନିମନ୍ତେ ବ୍ରାହ୍ମଣମାନଙ୍କୁ ନିୟୋଜିତ କରାଯିବା ପ୍ରସଙ୍ଗ ନିଶ୍ଚିତ ଭାବେ ଏତେ ପ୍ରାଚୀନ କାଳରେ ମଧ୍ୟ ସେମାନଙ୍କର ନୈତିକ ତଥା ଆଧ୍ୟାତ୍ମିକ ପ୍ରଭାବ କିଭଳି ମହତ୍ତ୍ୱପୂର୍ଣ୍ଣ ହୋଇ ପାରୁଥିଲା ତାହା ଦର୍ଶାଇଥାଏ । ପ୍ରାଚୀନ ପାଲି ବୌଦ୍ଧ ସାହିତ୍ୟ 'ବିନୟ' ତଥା 'ନିକାୟ' ଗ୍ରନ୍ଥଗୁଡ଼ିକରେ କଳିଙ୍ଗ ସଂପର୍କରେ ସେଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳେ ନାହିଁ । କାରଣ ସେଗୁଡ଼ିକ ବୁଦ୍ଧ ତଥା ବୌଦ୍ଧଧର୍ମର କେନ୍ଦ୍ରସ୍ଥଳ ମଧ୍ୟଦେଶ (ମଧ୍ୟ-ଭାରତ) କୈନ୍ଦ୍ରିକ ଥିଲେ । କେବଳ ଲାଗି ରହିଥିବା ଅଞ୍ଚଳ ହେତୁ ଗାନ୍ଧାର, କମ୍ବୋଜ, କଳିଙ୍ଗ ତଥା ଅସ୍‌ସକ ରାଜ୍ୟଗୁଡ଼ିକ ବିଷୟ ସୂଚାଇଥା'ନ୍ତି ।

'ଅଙ୍ଗୁତ୍ତର ନିକାୟ' ତ କଳିଙ୍ଗ ଭଳି ପ୍ରାଚୀନ ତଥା ବୃହତ୍ ଏକ ଭୂଖଣ୍ଡର ରାଜନୈତିକ ଅବସ୍ଥିତି ବିଷୟକୁ ଦୃଷ୍ଟିପାତ କରିନାହିଁ । ସେଥିରେ ୧୬ ମହାଜନପଦର ତାଲିକା ସୂଚିତ ହୋଇଥିଲେ ମଧ୍ୟ କଳିଙ୍ଗକୁ ଅନ୍ତର୍ଭୁକ୍ତ କରାଯାଇନାହିଁ । ଏହି ୧୬ ଗୋଟି ମହାଜନପଦ ହେଉଛି କାଶୀ, କୋଶଳ, ଅଙ୍ଗ, ମଗଧ, ବଜ୍ଜି, ମଲ୍ଲ, ଚେଦି (ଚେତିୟ), ବସ୍ସ, କୁରୁ, ପାଞ୍ଚାଳ, ମତ୍ସ୍ୟ, ସୁରସେନ, ଅସ୍‌ସକ (ଅଶ୍ମକ) ଅବନ୍ତୀ, ଗାନ୍ଧାର ଓ କମ୍ବୋଜ । ଏଥିମଧ୍ୟରୁ ପ୍ରଥମ ୧୪ ଗୋଟି ହେଉଛି ମଧ୍ୟଦେଶ ଅନ୍ତର୍ଗତ ଏବଂ ଶେଷ ଦୁଇଟି ଉତ୍ତରାପଥରେ । ଏହି ସୂଚନା ସମ୍ଭବତଃ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର । କିନ୍ତୁ ବିଧିବଦ୍ଧ ଭାବେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ କଳିଙ୍ଗର ଉପସ୍ଥିତି ଷଷ୍ଠ ଶତାବ୍ଦୀ ଖ୍ରୀଷ୍ଟପୂର୍ବ ପୂର୍ବରୁ ମଧ୍ୟ ରହିଥିବା ବିଭିନ୍ନ ବୌଦ୍ଧ ପାଲି ଗ୍ରନ୍ଥରୁ ଜଣା ପଡ଼ିଥାଏ । (କ୍ରମଶଃ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ପ୍ରଥମ ସ୍ଥାନରେ ଏମ୍ସ ଭୁବନେଶ୍ୱର

## ଦୁଇ ଦିନିଆ ଚିନ୍ତନ ଶିବିରରେ ପୁରସ୍କୃତ କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୨୩।୧(ସମିସ):** ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ (ଏବିଡିଏମ) ଅନ୍ତର୍ଗତ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ଏମ୍ସ ଭୁବନେଶ୍ୱରକୁ ଶ୍ରେଷ୍ଠ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ଏହି ପ୍ରତିଷ୍ଠାନ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ କ୍ଷେତ୍ରରେ ଜାତୀୟ ସ୍ତରରେ ଏକ ନମ୍ବର ସ୍ଥାନ ହାସଲ କରିଛି, ଯାହା ଭାରତର ଡିଜିଟାଲ୍ ସ୍ୱାସ୍ଥ୍ୟ ପରିବର୍ତ୍ତନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।




ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନଏଚଏ) ଦ୍ୱାରା ଭୁବନେଶ୍ୱରରେ ଅନୁଷ୍ଠିତ ଚିନ୍ତନ ଶିବିରରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ ଏବଂ ଆଇଟି କମିଟି ଅଧ୍ୟକ୍ଷ ଡ. ମନୋଜ କୁମାର ମହାନ୍ତି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଅନୁ ଗର୍ଗଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏନଏଚ୍ଏ ସିଇଓ ଡ. ସୁନୀଲ କୁମାର ବର୍ଣ୍ଣୱାଲ, ରାଜସ୍ଥାନର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ଗାୟତ୍ରୀ ରାଠୋର, ମେଘାଳୟର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ସମ୍ପଥ କୁମାର, ଓଡ଼ିଶାର ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍, ଡ. ବୃନ୍ଦା ଡି ଙ୍କ ସମେତ ଏନଏଚଏ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୁଇ ଦିନିଆ ଚିନ୍ତନ ଶିବିରରେ ୨୭ଟି ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦେଶବ୍ୟାପୀ ବରିଷ୍ଠ ନୀତି ନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟ ପ୍ରଶାସକମାନେ ଏବିଡିଏମ ଅଧୀନରେ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମୀକ୍ଷା ଏବଂ ଭବିଷ୍ୟତ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଏକତ୍ରିତ ହୋଇଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ମାର୍ଗଦର୍ଶନରେ ଏମ୍ସ ଭୁବନେଶ୍ୱର ନାଗରିକ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକୁ ଆଗକୁ ବଢାଇବାରେ ବିଶେଷ ପ୍ରଯତ୍ନ କରିଚାଲିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍ସ ଭୁବନେଶ୍ୱର ଏବିଡିଏମ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି, ଯେଉଁଥିରେ ୪୨ ଲକ୍ଷ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍, ୧୯ ଲକ୍ଷ ଆଭା ଟୋକନ୍ ସୃଷ୍ଟି ଅନ୍ତର୍ଭୁକ୍ତ। ବିଲିଂକୁ ସୁଗମ କରିବା, ରୋଗୀଙ୍କ ଧାଡ଼ି ହ୍ରାସ କରିବା ଏବଂ ହସ୍ପିଟାଲ ଦକ୍ଷତା ବୃଦ୍ଧି କରିବା ପାଇଁ ସ୍କାନ ଏବଂ ପେ ସୁବିଧାର ସଫଳ କାର୍ଯ୍ୟାନ୍ୱୟନ ମଧ୍ୟ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ରୋଗୀଙ୍କ ସୁବିଧାରେ ଉଲ୍ଲେଖନୀୟ ଉନ୍ନତି ଆଣିଛି, କାଗଜବିହୀନ କାର୍ଯ୍ୟପ୍ରବାହ ସୁନିଶ୍ଚିତ କରିଛି ଏବଂ ଚିକିତ୍ସାର ନିରନ୍ତରତାକୁ ସୁଦୃଢ଼ କରିଥିବା ଡାକ୍ତର ବିଶ୍ୱାସ କହିଛନ୍ତି।

# କିମ୍ସରେ ୟୁଥ୍ ୱେଲନେସ୍ କ୍ଲିନିକ୍ 'ତାରୁଣ୍ୟ' ଉଦ୍‌ଘାଟିତ

**ଭୁବନେଶ୍ୱର,୨୩।୧(ସମିସ):** ଯୁବପିଢ଼ିଙ୍କ ଅଣଦେଖା କରାଯାଉଥିବା ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିମ୍ସ ଭୁବନେଶ୍ୱରର ଶିଶୁ ରୋଗ ବିଭାଗରେ ଯୁବ ସୁସ୍ଥତା କ୍ଲିନିକ୍ 'ତାରୁଣ୍ୟ' ଉଦ୍‌ଘାଟିତ

**୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯିବ**

ହୋଇଯାଇଛି। କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡ. ଆର.ସି. ଦାସ ଏହି କ୍ଲିନିକକୁ ଉଦ୍‌ଘାଟନ କରିଥିବା ବେଳେ ଡ. ମାନସ ରଞ୍ଜନ ବେହେରା, ଶିଶୁ ରୋଗ, ମାନସିକ ରୋଗ ଏବଂ କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏଥିରେ ୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଧ୍ୟାନ ଦିଆଯିବ। କିଶୋରାବସ୍ଥାରେ ମଣିଷ ଶରୀରରେ ଶାରୀରିକ, ହରମୋନ୍, ମାନସିକ, ସାମାଜିକ ଓ ଭାବପ୍ରବଣ ଜନିତ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ଏହି ସମୟରେ ଯୁବକଯୁବତୀମାନଙ୍କୁ ବିଶେଷ ଭାବରେ ଦୁର୍ବଳ କରିଥାଏ ତଥା ସେମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାକୁ ସ୍ପଷ୍ଟ କରିଥାଏ। ଏଭଳି ଜଟିଳତାର ସମାଧାନ ଲାଗି କିମସରେ 'ତାରୁଣ୍ୟ' ଭଳି ଦେଶର ପ୍ରଥମ କ୍ଲିନିକ୍ ଆରମ୍ଭ କରାଯାଇଛି। ଏହି କ୍ଲିନିକ୍ ଶିଶୁରୋଗ, ମାନସିକ ରୋଗ, ପ୍ରସୂତି ଓ ସ୍ତ୍ରୀରୋଗ ଓ କମ୍ୟୁନିଟି ମେଡିସିନ୍ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛି। ଶିଶୁରୋଗ ବିଶେଷଜ୍ଞ ଡ. ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱରେ ପରିଚାଳିତ ଏହି କ୍ଲିନିକ୍ ୟୁଥ୍ ୱେଲନେସ୍ କ୍ଲିନିକ୍ କୈଶୋରାବସ୍ଥାର ବିକାଶ, ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପିସିଓଏସ, ପୁଷ୍ଟିକର ପରାମର୍ଶ, ଚିନ୍ତା ଓ ପରୀକ୍ଷା ସମ୍ବନ୍ଧୀୟ ଚାପ, ସମ୍ପର୍କ ଓ ଯୋଗାଯୋଗ ଚ୍ୟାଲେଞ୍ଜ, ନିଶା ନିବାରଣ ପରାମର୍ଶ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା, ବୟସ-ଉପଯୋଗୀ ଟୀକାକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିବ। ନୂତନ ଭାବପ୍ରବଣତା ପ୍ରତିକ୍ରିୟାରେ ପିତାମାତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର ଓ ଡିଜିଟାଲ୍ ନିଶା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକ ଉପରେ ମଧ୍ୟ ଏହି କ୍ଲିନିକ ମାଧ୍ୟମରେ ବିସ୍ତାର କରାଯିବ। ତେବେ ପ୍ରଥମ ବର୍ଷରେ ୫ ହଜାର କିଶୋରକିଶୋରୀଙ୍କ ନିକଟରେ ପହଞ୍ଚିବା ଏହି କ୍ଲିନିକ୍‌ର ଲକ୍ଷ୍ୟ ରହିଛି।




# ୩ ଦିନ ପରେ ଆଉ ୩ ଡିଗ୍ରୀ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,୨୩।୧(ସମିସ):** ସଂପ୍ରତି ଏକ ଶକ୍ତିଶାଳୀ ପଶ୍ଚିମା ଝଡ଼ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜଧାନୀ ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର, ଲେହ-ଲଦାଖ, ରାଜସ୍ଥାନ, ହିମାଚଳପ୍ରଦେଶ ଏବଂ ଉତ୍ତରଖଣ୍ଡର ବିଭିନ୍ନ ଅଞ୍ଚଳରେ ବର୍ଷା /ତୁଷାରପାତ, ଝଡ଼ପବନ ସହ ବିଜୁଳି ଓ ଘଡ଼ଘଡି ଲାଗି ରହିଛି। ଫଳରେ ଏହି ସବୁ ଅଞ୍ଚଳରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଶନିବାର ମଧ୍ୟ ରାଜ୍ୟର କିଛି ସ୍ଥାନରେ ଏଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ତାପମାତ୍ରାର ବିଶେଷ ପରିବର୍ତ୍ତନ ଆଶଙ୍କା ନ ଥିବା ବେଳେ ଏହା ପରେ ପୁଣି ତାପମାତ୍ରା ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ର କହିଛି, ୩ ଦିନ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ଢେଙ୍କାନାଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ନେଇ ଆକଳନ କରାଯାଇଛି।

# ଲୋକଭବନରେ ଉପରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

**ଭୁବନେଶ୍ୱର,୨୩।୧(ସମିସ):** ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କୁ ଓଡ଼ିଶା ଲୋକଭବନଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସମ୍ବର୍ଦ୍ଧିତ କରିଛନ୍ତି। ଶୁକ୍ରବାର ଉପରାଷ୍ଟ୍ରପତିଙ୍କ ଦିନିକିଆ ଓଡ଼ିଶା ଗସ୍ତ କାଳରେ ଲୋକଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ଔପଚାରିକ ଭୋଜି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ



ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ସାଂସଦ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଥିଲେ।

# ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ; ୪ ବଗି କ୍ଷତିଗ୍ରସ୍ତ

**ବସ୍ତା ବ୍ଲକ, ୨୩।୧ (ସମିସ):** ଦକ୍ଷିଣ ପୂର୍ବ ରେଳବାଇର ରୂପ୍‌ସା ଜଙ୍କସନ ନିକଟରେ ଏକ ମାଲ୍ ବୋଝେଇ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ଫଳରେ ୪ଟି ବଗି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।



ଶୁକ୍ରବାର ସକାଳ ସମୟରେ ବାଲେଶ୍ୱର ପଟୁ ଖଡ଼ଗପୁର ଅଭିମୁଖେ ଯାଉଥିବା ଏହି ମାଲ୍ ବୋଝେଇ ଟ୍ରେନ୍‌ଟି ରୂପସା ଜଙ୍କସନ୍ ଡାଉନ୍ ଲାଇନ ୭ ନମ୍ବର ପ୍ଲାଟଫର୍ମରେ ଅତିକ୍ରମ କରୁଥିବା ବେଳେ ଟ୍ରେନ୍‌ର ୪ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ଯାହାଫଳରେ ଟ୍ରେନ୍ ଅଟକି ରହିଥିଲା। ଦୁର୍ଘଟଣା ପରେ କିଛି ସମୟ ଧରି ଅନ୍ୟ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ଚାଲୁଥିବା ବେଳେ ଯାତାୟାତ ସ୍ୱାଭାବିକ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷକୁ ଯାଉଛି...

ପ୍ରଦୂଷଣକୁ ନେଇ ଗୁରୁତର ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଏବେ ପ୍ରଦୂଷଣ ମୁକାବିଲା ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଜୀବନ ରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ବିଦେଶୀ ନିବେଶକଙ୍କ ପାଇଁ ଭାରତକୁ ଆକର୍ଷଣୀୟ କରିବାର ଏକ ବିଷୟ ମଧ୍ୟ ବୋଲି ଗୀତା କହିଛନ୍ତି।

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ...

ନୋଟିସ ଏବଂ ବକେୟା ପୈଠ କରିବାକୁ ପଡ଼ିଥାଏ। ଏବେ ଆମେରିକା ସରକାର ନିଜ ଆଇନକୁ ନିଜେ ଭାଙ୍ଗୁଛନ୍ତି। 'ହୁ'ରୁ ବାହାରିବା ନିଷ୍ପତ୍ତି ଦ୍ୱାରା ଆମେରିକା ସହିତ ବିଶ୍ୱର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିପାରେ। ଏହାକୁ ଆମେରିକା ଆଇନ ବିରୋଧୀ ମଧ୍ୟ କୁହାଯାଉଛି। ସୂଚନାଯୋଗ୍ୟ ଯେ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାର ଦିନକ ପରେ 'ହୁ'ରୁ ବାହାରିବାକୁ ଘୋଷଣା କରିଥିଲେ। ଏହି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାକୁ ଦିଆଯାଉଥିବା ଆର୍ଥିକ ଏବଂ ସମ୍ବଳ ସହାୟତାକୁ ଟ୍ରମ୍ପ ରୋକି ଦେଇଛନ୍ତି।

### ସର୍ବଦଳୀୟ ବୈଠକ...

ଲଢ଼େଇ ଲଢ଼ି ଆସୁଥିଲେ। ଟ୍ରିବ୍ୟୁନାଲ୍‌ରେ ଦୁଇ ରାଜ୍ୟ ମଧ୍ୟରେ ଏହି ମାମଲାରେ ବିଚାର ଚାଲିଥିଲା। ହେଲେ ଏପ୍ରିଲ୍ ବେଳକୁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଚଳିତ ମାସ ପ୍ରଥମ ସପ୍ତାହ ସୁଦ୍ଧା ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିବା କଥା। ମାତ୍ର ସରକାର ଏହି ଚିଠି ଲେଖିବାକୁ ପୂରାପୂରି ଭୁଲି ଯାଇଛନ୍ତି। ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ଶାସନ କରୁଥିବାରୁ ଏହାକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ଅନେକ ସମୟରେ ଯୁକ୍ତି ବାଢୁଥିବା ଶାସକ ଦଳର ନେତା ଓ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ଭାବରେ ଏହାର ସମାଧାନର ପଥ ସ୍ପଷ୍ଟ କରିପାରି ନାହାନ୍ତି। ଏପରିକି ଆଇନଗତ ଲଢ଼େଇର ସୁଯୋଗ ମଧ୍ୟ ରାଜ୍ୟ ସରକାର ହାତଛଡ଼ା କରିବାକୁ ବସିଛନ୍ତି। ତେଣୁ ଆଗକୁ ମହାନଦୀର ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଜାନୁଆରୀ ୨୩ ତାରିଖ ଅର୍ଥାତ ଶୁକ୍ରାବର ମହାନଦୀ ପ୍ରସଙ୍ଗରେ ଏକ ସର୍ବଦଳୀୟ ବୈଠକ ଆହ୍ୱାନ କରାଯାଇଥିଲେ ହେଁ ଶେଷ ମୁହୂର୍ତ୍ତରେ ଏହାକୁ ରାଜ୍ୟ ସରକାର ବାତିଲ କରି ଦେଇଛନ୍ତି। ଯାହାକୁ ନେଇ ବିରୋଧୀ ବିଜେଡି, କଂଗ୍ରେସ ସହ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଅନ୍ୟ ସାମାଜିକ ସଂଗଠନଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ଅନ୍ୟପଟେ ସରକାର ଏହି ଦୋଷ ଖସାଇବା ପାଇଁ ୨୪ ବର୍ଷ ପୂର୍ବ ସରକାରଙ୍କ ଉପରେ ରାଜସ୍ୱ ମନ୍ତ୍ରୀ ଦୋଷ ଲଦୁଲଦୁ ନିଜ ସରକାରଙ୍କୁ ଅଠକାଠିରେ ଛନ୍ଦି ଦେଇଛନ୍ତି । ସେ କହିଛନ୍ତି ଯେ ୨୦୧୪ ରୁ ୨୦୨୨ ପର୍ଯ୍ୟନ୍ତ ଛତିଶଗଡ଼ ସରକାର ୫୦୦ରୁ ଅଧିକ ବ୍ୟାରେଜ ନିର୍ମାଣ କଲେ, ହେଲେ ସେ ସମୟରେ ରାଜ୍ୟ ସରକାର ବିରୋଧ କଲେ ନାହିଁ ବୋଲି ସୁରେଶ ଅଭିଯୋଗ କରିଛନ୍ତି। ତେବେ ଜଳସମ୍ପଦ ବିଭାଗ ତଥ୍ୟ ଦାଖଲ କରିବାରେ ବିଳମ୍ବ କରିବାରୁ ଟ୍ରିବ୍ୟୁନାଲ ସଂକ୍ରାନ୍ତ ଚିଠି ଲେଖାଯାଇ ପାରିନାହିଁ ବୋଲି ତାଙ୍କର ଟିପ୍ପଣୀ ନିଜ ସରକାର ଓ ଜଳସମ୍ପଦ ବିଭାଗର ଗୁମର ଖୋଲିଦେଇଛି।

ତେବେ ବିଜେଡି ସରକାର ଉପରେ ରାଜସ୍ୱ ମନ୍ତ୍ରୀଙ୍କ ଦୋଷାରୋପକୁ ଖଣ୍ଡନ କରିଛନ୍ତି ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର। ସେ କହିଛନ୍ତି ଯେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜଣେ ପଢ଼ାଶୁଣା ଲୋକ। ସେମାନେ ଆମ ସହ ୯ ବର୍ଷ ସରକାରରେ ଥିଲେ। ମାତ୍ର ଏବେ ସେ ନୂଆ କାହାଣୀ କହୁଛନ୍ତି। ଲୋକ ଆଶା କରିଥିଲେ ଡିସେମ୍ବର ଭିତରେ ମହାନଦୀ ଜଳ ବିବାଦର ସମାଧାନ ହୋଇଯିବ। ଏକଥା ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ କହିଥିଲେ। ୨୦୧୬ରେ ନବୀନ ବାବୁ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ ସେତେବେଳେ କେନ୍ଦ୍ର ସରକାର ତାକୁ ଗୁରୁତ୍ୱ ଦେଲେ ନାହିଁ। ସେତେବେଳେ ଛତିଶଗଡ଼ ବ୍ୟାରେଜ ନିର୍ମାଣ ନ କରିବାକୁ ଦାବି କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ। ହେଲେ ରମଣ ସିଂ ତାକୁ ରୋକଠୋକ ମନା କରିଦେଲେ। କେନ୍ଦ୍ର ନିରବଦ୍ରଷ୍ଟା ରହିଲା। ଯାହା ଫଳରେ ଓଡ଼ିଶା ଟ୍ରିବ୍ୟୁନାଲକୁ ଗଲେ। ଆଜି ସର୍ବଦଳୀୟ କମିଟି ବୈଠକ ଡାକି ବନ୍ଦ କରିଦେଲେ ମହାନଦୀର ତଳିଆ ଅଞ୍ଚଳରେ ପାଣି ନାହିଁ। ଖରା ବଢିଲେ ଅବସ୍ଥା ଆହୁରି ଖରାପ ହେବ। ଇକୋ ସିଷ୍ଟମ ପ୍ରଭାବିତ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଟ୍ରିପଲ ଇଂଜିନ ସରକାରରେ କାହିଁକି ମହାନଦୀ ସମସ୍ୟା ସମାଧାନ ହୋଇପାରୁନି ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଉପରେ ବର୍ଷିଛନ୍ତି। ଛତିଶଗଡ କରିଥିବା ବାଲିବନ୍ଧ ଭାଙ୍ଗିବାକୁ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରଧାନମନ୍ତ୍ରୀ, ଓଡିଶା ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ତଥା ମହାନଦୀ କମିଟି ମୁଖ୍ୟ ଓ ମହାନଦୀ ଟ୍ରିବୁନାଲ ଅଧ୍ୟକ୍ଷଙ୍କୁ ସଂଗଠନ ଚିଠି ଲେଖି ଦାବି ଜଣାଇଛି। ଯଦି ସରକାର ଏହି ବାଲି ବନ୍ଧ ନ ଭଙ୍ଗନ୍ତି ତେବେ ୨୭ ତାରିଖରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ବେଆଇନ ବାଲିବନ୍ଧ ଭାଙ୍ଗିବ ବୋଲି ସଂଗଠନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

### ୪ର୍ଥ ଆସନ...

କଂଗ୍ରେସ ମଧ୍ୟ ଏହି ଆସନକୁ ଦଖଲ କରିପାରିବ। ତେଣୁ ସାମ୍ପ୍ରତିକ ରାଜନୈତିକ ସ୍ଥିତି ଓ ବିଧାନସଭା ଗଣିତକୁ ଦେଖିଲେ ଏହି ୪ର୍ଥ ଆସନ କ୍ଷେତ୍ରରେ କିଛି ବି ଘଟିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ଆଗାମୀ ରାଜ୍ୟସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ୩୦.୪ ପ୍ରଥମ ପସନ୍ଦ ଭୋଟ ଆବଶ୍ୟକ ରହିଛି। ବିଧାନସଭାର ୧୪୭ ଆସନ ମଧ୍ୟରୁ ବିଜେପି ନିକଟରେ ୭୯ ଜଣ ଦଳୀୟ ବିଧାୟକ ଓ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବାରୁ ଦଳ ଅତି ସହଜରେ ୨ଟି ଆସନରେ ବିଜୟ ହୋଇ ପାରିବ। ଏହା ପରେ ବି ବିଜେପି ନିକଟରେ ସହଯୋଗୀ ୩ ସ୍ୱାଧୀନ ବିଧାୟକଙ୍କୁ ମିଶାଇ ମୋଟ ୨୦ ଭୋଟ ବଳକା ରହିବ। ତୃତୀୟ ଆସନରେ ବିଜୟୀ ହେବା ପାଇଁ ବିଜେପିକୁ ଆହୁରି ୧୧ଟି ଭୋଟର ଆବଶ୍ୟକତା ରହିଛି। ବିଜେଡିର ବଳକା ଭୋଟ ବା କଂଗ୍ରେସର ଭୋଟ ପାଇଲେ ବିଜେପି ୩ୟ ଆସନରେ ବିଜୟୀ ହୋଇ ପାରିବ। ସେହିପରି ବିଜେଡିର ବିଧାନସଭା ସଦସ୍ୟ ସଂଖ୍ୟା ୫୦। ଗୋଟିଏ ଆସନରେ ନିର୍ବିରୋଧ ବିଜୟ ପରେ ବିଜେଡି ନିକଟରେ ଆହୁରି ୧୯ଟି ବଳକା ଭୋଟ ରହୁଛି। ତେଣୁ କଂଗ୍ରେସ ବା ବିଜେପିର ସମର୍ଥନ ନେଇପାରିଲେ ବିଜେଡି ଏହି ଆସନକୁ ଦଖଲ କରିପାରିବ।

ଅନ୍ୟପକ୍ଷରେ ଚତୁର୍ଥ ଆସନରେ ବିଜୟ ପାଇଁ ୩୦.୪ ଅର୍ଥାତ୍ ହାରାହାରି ୩୧ ଆସନ ଆବଶ୍ୟକ ଥିବାବେଳେ କଂଗ୍ରେସ ନିକଟରେ ଆବଶ୍ୟକ ସଂଖ୍ୟା ନାହିଁ। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଯଦି ପ୍ରାର୍ଥୀ ଦିଏ, ତେବେ ବିଜୟ ପାଇଁ ଦଳ ବିଜେଡି ବା ବିଜେପିର ସହଯୋଗ ଅନିବାର୍ଯ୍ୟ ହୋଇପଡ଼ିବ। ଏ କ୍ଷେତ୍ରରେ ବିଜେପି ତ କେବେହେଲେ କଂଗ୍ରେସକୁ ସମର୍ଥନ ଦେବାର ସମ୍ଭାବନା ନାହିଁ। ତେଣୁ କେବଳ ବିଜେଡି ସମର୍ଥନରେ ହିଁ କଂଗ୍ରେସ ବା କଂଗ୍ରେସ ସମର୍ଥନରେ ବିଜେଡି ୪ର୍ଥ ଆସନରେ ବିଜୟୀ ହୋଇ ପାରିବ। ତେଣୁ ୪ର୍ଥ ପ୍ରାର୍ଥୀଙ୍କୁ ବିଜୟ ପାଇଁ ପ୍ରାର୍ଥୀଙ୍କୁ ବିଜେଡିର ବଳକା ଭୋଟ ସହ କଂଗ୍ରେସର ସମର୍ଥନ ଅତ୍ୟନ୍ତ ଜରୁରୀ। ବିଜେଡି ଓ ବିଜେପିର ବଳକା ଭୋଟ ୪ର୍ଥ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଯଥେଷ୍ଟ ଥିବାରୁ ବିଜେପି ୩ୟ ଆସନ ଓ ବିଜେଡି ୨ୟ ଆସନରେ ବିଜୟୀ ପାଇଁ ନିଶ୍ଚିତ ଉଦ୍ୟମ କରିବ। ତେଣୁ ବିଜେଡି -କଂଗ୍ରେସ, ବିଜେପି-ବିଜେଡି ବା ବିଜେପି-କଂଗ୍ରେସ କାହାରିକୁ ବି ପ୍ରାର୍ଥୀ କରିପାରନ୍ତି ବୋଲି କୁହାଯାଉଛି। ବିଜେପି ଓ କଂଗ୍ରେସ ମଧ୍ୟରେ ରହିଥିବା ସମ୍ପର୍କ ଦୃଷ୍ଟିରୁ ବିଜେଡି ଚେଷ୍ଟା କଲେ ୪ର୍ଥ ଆସନଟିକୁ ନିଜ ଦଖଲକୁ ନେଇପାରିବ।

ତେବେ ଏ କ୍ଷେତ୍ରରେ ଆଉ ଏକ ସମ୍ଭାବନା ରହିଛି। ରାଜ୍ୟରୁ ସ୍ୱାଧୀନ ଭାବରେ ପ୍ରାର୍ଥୀ ହେଉଥିବା କୌଣସି ପ୍ରତିଭାବାନ ବା ବିତ୍ତଶାଳୀ ବ୍ୟକ୍ତି ସ୍ୱାଧୀନ ପ୍ରାର୍ଥୀ ଭାବରେ ରାଜ୍ୟସଭାକୁ ନିର୍ବାଚିତ ହେବାର ସମ୍ଭାବନା ରହିଛି। ମାତ୍ର ଏଥିପାଇଁ ତାଙ୍କୁ ବିଜେଡି ଓ ବିଜେପିର ବଳକା ଭୋଟ, ବିଜେଡିର ବଳକା ଓ କଂଗ୍ରେସ ଭୋଟ ବା ବିଜେପିର ବଳକା ଭୋଟ ସହ କଂଗ୍ରେସ ବିଧାୟକଙ୍କ ସମର୍ଥନ ଜରୁରୀ ହେବ।

### ଛାଡ଼ପତ୍ରପ୍ରାପ୍ତ ଝିଅଙ୍କୁ...

ଆବେଦନକାରୀଙ୍କର ଆବେଦନକୁ ଆକାଉଣ୍ଟାଣ୍ଟ ଜେନେରାଲ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରିଥିଲେ ଯେ, ପେନସନଭୋଗୀ ବାପା ବା ମା'ଙ୍କ ମୃତ୍ୟୁ ବେଳକୁ ସେମାନଙ୍କ ପାଖରେ ବିଧିବଦ୍ଧ ଛାଡ଼ପତ୍ର ଡିଗ୍ରୀ ନଥିଲା। ତେଣୁ ସେମାନଙ୍କୁ "ନିର୍ଭରଶୀଳ' ଶ୍ରେଣୀଭୁକ୍ତ କରାଯାଇ ପାରିବ ନାହିଁ ବୋଲି ଯୁକ୍ତି ଦର୍ଶାଯାଇଥିଲା। ଆବେଦନକାରୀ ଦର୍ଶାଇଥିଲେ ଯେ ସେ ତାଙ୍କ ପିତାମାତାଙ୍କ ପେନସନ ଉପରେ ନିର୍ଭରଶୀଳ ଥିଲେ ଓ ୨୦୧୦ଡିସେମ୍ବର୨୫ରୁ ପୈତୃକ ଘରେ ରହିଆସୁଥିଲେ।

### ୩ ମାସରେ ଗଲାଣି...

କପ୍ତିପଦା ବ୍ଲକ୍‌ରେ ୪ ଜଣ ଲେଖାଏଁ, ବହଳଦା, ମୋରଡା ଓ ଶାମାଖୁଣ୍ଟା ବ୍ଲକ୍‌ରେ ୩ ଜଣ ଲେଖାଏଁ ପ୍ରସୂତୀ ମୃତ୍ୟୁ ଉଦବେଗଜନକ ରହିଛି। ଏହି ଦୁଃଖଦ ଘଟଣା ସମ୍ପୃକ୍ତ ପରିବାରଙ୍କ ପାଇଁ ବଡ଼ ଆଘାତ ସାଜିଛି। ଡବଲ ଇଞ୍ଜିନ ସରକାରର ସମସ୍ତ ୯ ବିଧାୟକ, ୪ ସାଂସଦ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବାବେଳେ ମହିଳା ରାଷ୍ଟ୍ରପତି ଏହି ଜିଲ୍ଲାର। ଏପରି ସ୍ଥଳେ ଜିଲ୍ଲାରେ ମାତୃ ସ୍ୱାସ୍ଥ୍ୟ ସେବାକୁ ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ଜରୁରୀ। ଏଭଳି ମୃତ୍ୟୁକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ଆବଶ୍ୟକ ବୋଲି ସମାଜର ବିଭିନ୍ନ ସ୍ତରରୁ ମତ ପ୍ରକାଶ ପାଉଥିବାବେଳେ ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟକ ପ୍ରସବ କେନ୍ଦ୍ର, ଯୋଗ୍ୟ ଡାକ୍ତର ଓ ନର୍ସ, ଆମ୍ବୁଲାନ୍ସ ସେବାର ଉନ୍ନତି ଓ ଜନସଚେତନତା ବୃଦ୍ଧି କରିବା ଜରୁରୀ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର ଆଚାର୍ଯ୍ୟଙ୍କୁ ପଚାରିବାରୁ ମୟୂରଭଞ୍ଜ ଜିଲ୍ଲାରେ ସଚେତନା ଅଭାବ ଓ ପୁଷ୍ଟିକର ଖାଦ୍ୟ ନ ଖାଇବା ଫଳରେ ଏପରି ଘଟଣା ଘଟୁଛି ବୋଲି କହିଛନ୍ତି।

### କଲରାପତରିଆ ବାଘ...

ନବରଙ୍ଗପୁର ଜିଲ୍ଲା କୋଡୀଙ୍ଗା ବନାଞ୍ଚଳ ନୁନପାଣି ଠାରେ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲୁଥିବା ବେଳେ ମିଳିତ ଚଢ଼ଉ କରାଯାଇ ବାଘ ଛାଲକୁ ଜବତ କରା ଯାଇଥିଲା। ଗିରଫ ୩ ଜଣ ହେଲେ ଝରୀଗାଁ ଦେଉଳକଣା ଗ୍ରାମର ଦଶରୁ ହରିଜନ(୫୭), ବଳରାମ ଦାସ(୨୭) ଓ ଧନସିଂ ଦାସ। ଏଥିରେ ସମ୍ପୃକ୍ତ ଅନ୍ୟ ମାନଙ୍କୁ ଖୋଜା ଚାଲିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ଉ ବେଳେ ଗୋଟିଏ ବାଇକ ଏବଂ ଏକ ମୋବାଇଲ ଜବତ କରାଯଇଛି। ଚଢ଼ଉ ସମୟରେ ଆଇଆଇସି ଯୁଗଳ ଶବର, ଏଫଆରଓ ପୂର୍ଣ୍ଣଚନ୍ଦ୍ର ନନ୍ଦ ଫରେଷ୍ଟର ପ୍ରଭାତ କୁମାର ବିଶୋଇ, ଫରେଷ୍ଟ ଗାର୍ଡ ଉମାଶଙ୍କର ପାଣିଗ୍ରାହୀ, ରମେଶ ବିଶୋଇ, ଦୀପକ କୁମାର ପ୍ରଧାନ, ଲାଲୁ ବିଶୋଇ, ନରେନ୍ଦ୍ର ପୂଜାରୀ ପ୍ରମୁଖ ରହିଥିଲେ।

## ତେଜିଲା ଦଶାବତାର ମୂର୍ତ୍ତି ବିବାଦ

# ସିଂହଦ୍ୱାର ସମ୍ମୁଖରେ ମୂର୍ତ୍ତି ଆଣି ରଖିଲା ଜଗନ୍ନାଥ ସେନା

**ପୁରୀ,୨୩।୧(ସମିସ):** ବର୍ଷେ କି ଦୁଇବର୍ଷ ନୁହେଁ, ଦୀର୍ଘ ୧୪ ବର୍ଷ ହେବ ଶ୍ରୀହୀନ ଶ୍ରୀମନ୍ଦିର ମୁଖଶାଳା। ସିଂହଦ୍ୱାର ସମ୍ମୁଖରେ ଲାଗି ପାରୁନାହିଁ ଦଶାବତାର ମୂର୍ତ୍ତି। ଏହାକୁ ନେଇ ଦୀର୍ଘବର୍ଷ ହେବ ବାଦ ବିବାଦ ଲାଗି ରହିଥିବାବେଳେ ଗତ ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଆଧାରରେ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଶୁକ୍ରବାର ସିଂହଦ୍ୱାର ସମ୍ମୁଖରେ ଦେଖିବାକୁ ମିଳିଛି ଦଶାବତାର ମୂର୍ତ୍ତି ବିବାଦ। ଶ୍ରୀଜଗନ୍ନାଥ ସେନା କାରିଗରଙ୍କଠାରୁ ଏହି ମୂର୍ତ୍ତି ଆଣି ସିଂହଦ୍ୱାର ସମ୍ମୁଖରେ ପ୍ରଦର୍ଶନ କରିଛି। ଆଧାତ୍ମିକ ପରିବେଶରେ ପବିତ୍ର ଶ୍ରୀପଞ୍ଚମୀରେ ମୂର୍ତ୍ତି ଆଣି ରଖାଯାଇଛି। ମୂର୍ତ୍ତି ସ୍ଥାପନ ଲାଗି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଏକ ମାସ ସମୟ ଦେଇଛି ସେନା। ପ୍ରଶାସନ ଏହା ନ ଲଗାଇଲେ ବାଧ୍ୟ ହୋଇ ଭକ୍ତଙ୍କ ସହାୟତାରେ ଶ୍ରୀଜଗନ୍ନାଥ ସେନା ନିଜେ ଲଗାଇବ ବୋଲି ଚେତାବନୀ ଦେଇଛି।

**ଏକମାସ ଭିତରେ ସ୍ଥାପନ ନ ହେଲେ ନିଜେ ଲଗାଇବାକୁ ସେନାର ଚେତାବନୀ**

୨୦୧୨ ମସିହାରେ ମରାମତି ପାଇଁ ଏଏସ୍‌ଆଇ ସିଂହଦ୍ୱାର ଗୁମୁଟରୁ ଚୁନର ଦଶାବତାର ମୂର୍ତ୍ତି ଅପସାରଣ କରାଯାଇଥିଲା। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ତେଣୁ ଏଏସ୍‌ଆଇ ୨୦୧୨ରେ ବୀରହରେକୃଷ୍ଣପୁରର ମୂର୍ତ୍ତି କାରିଗର ମହେନ୍ଦ୍ର ସାମଲଙ୍କୁ ୩୫ ହଜାର ଟଙ୍କାରେ ଦଶ ଅବତାର ପଥର ମୂର୍ତ୍ତି ନିର୍ମାଣ ପାଇଁ ଅର୍ଡର ଦେଇଥିଲେ। ତିନିମାସ ଭିତରେ ମୂର୍ତ୍ତି ନିର୍ମାଣ ସାରିବା ପାଇଁ କହିଥିଲା ଏଏସ୍‌ଆଇ। ଏହା ପରଠାରୁ ନା ଏଏସ୍‌ଆଇ ଟଙ୍କା ଦେଇଥିଲା ନା ଶିଳ୍ପୀ ମହେନ୍ଦ୍ରଙ୍କ ପାଖକୁ ଯାଇଥିଲା। ଠିକ୍ ସେହି ସମୟରେ ଦଶାବତାର ମୂର୍ତ୍ତିଙ୍କ ନବମ ସ୍ଥାନରେ ବୁଦ୍ଧ ନା ଜଗନ୍ନାଥ ସ୍ଥାନିତ କରାଯିବ ତାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଦଶାବତାର କହିଲେ ମତ୍ସ୍ୟ, କଶ୍ୟପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଳ୍କୀଙ୍କୁ ବୁଝାଏ। ମାତ୍ର ନବମ ସ୍ଥାନରେ ଜଗନ୍ନାଥ ରହିଥିଲେ। ଏହି ତ୍ରୁଟିକୁ ସୁଧାରି ଜଗନ୍ନାଥଙ୍କ ସ୍ଥାନରେ ବୁଦ୍ଧଙ୍କ ମୂର୍ତ୍ତି ଲଗାଇବାକୁ ଅନେକ ଯୁକ୍ତି ବାଢ଼ିଥିଲେ। ସେମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥ ଅବତାର ନୁହଁନ୍ତି, ସେ ହେଉଛନ୍ତି ଅବତାରୀ। ଯେହେତୁ ନବମ ଅବତାର ବୁଦ୍ଧଙ୍କର ତେଣୁ ଦଶାବତାର ଭିତରେ ଜଗନ୍ନାଥ ରହିବା ଅନୁଚିତ ବୋଲି ମତ ରଖିଥିଲେ। ଅନେକ କିନ୍ତୁ ପୂର୍ବଭଳି ଦଶାବତାର ରଖିବାକୁ ଜିଦ୍ ଧରିଥିଲେ। ଏହି ବାଦ ବିବାଦ ଭିତରେ ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦଶାବତାର ମୂର୍ତ୍ତି ଲାଗିପାରୁ ନାହିଁ। ୨୦୨୩ରେ ଶ୍ରୀଜଗନ୍ନାଥ ସେନା ନିଜସ୍ୱ ଉଦ୍ୟମରେ ଚାନ୍ଦା କରି ୩୫ ହଜାର ଟଙ୍କା କାରିଗରଙ୍କୁ ଦେଇଥିଲା। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଦଶ ଅବତାର ମୂର୍ତ୍ତିକୁ ଶୁକ୍ରବାର ସେନା କାରିଗରଙ୍କଠାରୁ ଆଣି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲା। ଏକ ମାସ ଭିତରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମୂର୍ତ୍ତି ସ୍ଥାପନ କରିବାକୁ ଦାବି କରିଛି ସେନା। ଏହା ନ ହେଲେ ମୂର୍ତ୍ତି ନିର୍ମାଣ କରିଥିବା ଶିଳ୍ପୀ ଓ ପୁରୀ ପଥୁରିଆ ସାହିର ଶିଳ୍ପୀଙ୍କ ଦ୍ୱାରା ଭକ୍ତଙ୍କ ସହାୟତାରେ ଦଶ ଅବତାର ମୂର୍ତ୍ତି ସ୍ଥାପନ କରାଯିବ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ଦଶାବତାର ମୂର୍ତ୍ତି ସିଂହଦ୍ୱାର ପାଖର ରହିଥିବାରୁ ପବିତ୍ରତା ଦୃଷ୍ଟିରୁ ଏହାକୁ ବ୍ୟାରିକେଡ୍ କରି ରଖାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଅନ୍ୟ ଅଧିକାରୀଙ୍କ ସହ ସେଠାକୁ ଆସି ଧାର୍ମିକ ଓ ପବିତ୍ରତା ଦୃଷ୍ଟିକୋଣରୁ ଏହାକୁ ସୁରକ୍ଷିତ ସ୍ଥାନରେ ରଖାଯିବ ବୋଲି କହିଥିଲେ। ଏଥିସହ ଜଗନ୍ନାଥ ସେନା ସହିତ ଆଲୋଚନା କରିଥିଲେ। ମୁଖ୍ୟ ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିରର ଧାର୍ମିକ ପ୍ରସଙ୍ଗରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନିଆଯାଇଥାଏ। ତେଣୁ ଏହି ପ୍ରସଙ୍ଗରେ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ପରେ ଆଗାମୀ ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା କରାଯିବ ବୋଲି କହିଛନ୍ତି।

# ୨ କୋଟିରୁ ଅଧିକ ଟଙ୍କାର ଠକେଇ: ଜଣେ ଗିରଫ

**କଟକ,୨୩।୧(ସମିସ):** କ୍ରାଇମବ୍ରାଞ୍ଚ ସାଇବର ଶାଖା ଏକ ବଡ଼ ଧରଣର ଅନଲାଇନ୍ ନିବେଶ ଠକେଇର ପର୍ଦ୍ଦାଫାସ୍ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ହଂସପାଳର ମେଟ୍ରୋ ସାଟେଲାଇଟ ସିଟି ସି ବ୍ଲକରେ ରହୁଥିବା ମନୋରଞ୍ଜନ ରାଉତ (୪୨)। ନକଲି ଟ୍ରେଡିଂ ପ୍ଲାଟଫର୍ମ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କଠାରୁ ପ୍ରାୟ ୨କୋଟିରୁ ଅଧିକ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ସାଇବର ଠକ ଜଣକ ପ୍ରଥମେ ସୋସିଆଲ ମିଡିଆ ମାଧ୍ୟମରେ ପୀଡ଼ିତଙ୍କ ସହ ଯୋଗାଯୋଗ କରି ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ସାମିଲ କରିଥିଲେ। ଅଧିକ ଲାଭର ପ୍ରଲୋଭନ ଦେଖାଇ ଆରସିଏଲ-ପିଏମଏ, ଫାଇଭମାକ୍ସ, ଭି୧୦୭୦୫ ଟ୍ରେଡର ହବ ଭଳି ନକଲି ଆପ୍ଲିକେସନରେ ନିବେଶ କରିବାକୁ ପୀଡ଼ିତଙ୍କୁ ପ୍ରବର୍ତ୍ତାଇଥିଲେ। ଅଭିଯୁକ୍ତମାନଙ୍କ ମିଥ୍ୟା ଆଶ୍ୱାସନାରେ ବଶବର୍ତ୍ତୀ ହୋଇ ପୀଡ଼ିତ ଜଣକ ସେମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୨କୋଟି ୧ଲକ୍ଷ ୫୦ ହଜାର ଟଙ୍କା ପଠାଇ ଠକେଇର ଶିକାର ହୋଇଥିବା ଜାଣି କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଇନ୍ସପେକ୍ଟର ବିଜିତ କୁମାର ବେହେରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ତଦନ୍ତକାରୀ ଦଳ ଡିଜିଟାଲ ପ୍ରମାଣ ଏବଂ ବ୍ୟାଙ୍କ ନେଣଦେଣର ତଥ୍ୟ ଆଧାରରେ ଅଭିଯୁକ୍ତ ମନୋରଞ୍ଜନକୁ ଚିହ୍ନଟ କରି ଗିରଫ କରିଛନ୍ତି। ଅଭିଯୁକ୍ତ ନିକଟରୁ ପାଖରୁ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଭଳି ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ବିରୋଧରେ ବିଭିନ୍ନ ସାଇବର ଅପରାଧ ଧାରା ବିଏନଏସ ଏବଂ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯାଇଛି।

**AFFIDAVIT**

By virtue of an affidavit no.3814, dtd.14.10.2025 before the Notary Public, Sambalpur, I, Smt. Kamalesh Kumari Parida, W/o- Lingraj Parida, At- Adarshmarg, Po/Ps– Ainthapali, Dist.: Sambalpur declare that my maiden name was Kamalesh Kumari Dang as per my Voter ID. After married with Lingraj Parida, my name changed from Kamalesh Kumari Dang to Kamalesh Kumari Parida. Henceforth, I shall be known as **Kamalesh Kumari Parida** for all purposes.

ସକାଳ
THE SAKALA



## ଧାନ ବିକ୍ରି ପାଇଁ ହରଡଘଣାରେ ଚାଷୀ

# କଟ୍‌ନୀ ଛଟ୍‌ନୀ କରି ଶୋଷୁଛନ୍ତି ପାକ୍ସ ଓ ମିଲର୍ସ


ବୀରମହାରାଜପୁର,୨୩।୧(ସମିସ)

ସୁବର୍ଣ୍ଣପୁର ଜିଲ୍ଲାରେ ଧାନ ବିକ୍ରି କରିବାକୁ ଯାଇ ଚାଷୀ ଏବେ ହରଡଘଣାରେ ପଡିଛନ୍ତି। ପାକ୍ସକୁ ମିଲରର୍ସମାନେ ଗାଡ଼ି କି ଏଜେଣ୍ଟ ପଠାଉ ନଥିବାରୁ ଚାଷୀ ବାଧ ହୋଇ ମିଲରର୍ସମାନଙ୍କ ନିକଟକୁ ଧାନ ନେଉଥିବା ବେଳେ ମିଲରର୍ସମାନେ ଅଧିକ କଟନୀ ଛଟନୀ କରି ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଏପଟେ କିଛି ପାକ୍ସରେ ମଧ ମାତ୍ରାଧିକ କଟନୀ ଛଟନୀ କରାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଏବେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଅଭିଯୋଗ ଅନୁଯାୟୀ, ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ଚଳିତ ବର୍ଷ ୩ ମହିଳା ସ୍ୱୟଂ ସହାୟକ ଦଳ ସହିତ ୧୧ ସେବା ସମବାୟ ସମିତି ମଧ୍ୟମରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ବ୍ୟବସ୍ଥା କରିଛନ୍ତି ସରକାର। କିନ୍ତୁ ଚଳିତ ବର୍ଷ ଧାନ କ୍ରୟରେ ଚାଷୀଙ୍କୁ ନାହିଁ ନ ଥିବା ହଇରାଣର ସମ୍ମୁଖିନ ହେବାକୁ ପଡୁଛି। ଚାଷୀଙ୍କ ବର୍ଷକର କଷ୍ଟ ଉପାର୍ଜିତ ଫସଲକୁ ମିଲରର୍ସ, ପାକ୍ସ ଓ ପ୍ରଶାସନ ମିଳିତ ଭାବେ ଚାଷୀଙ୍କୁ ଲୁଟୁଛନ୍ତି। ଅନ୍ୟ ବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ ଆବଶ୍ୟକରୁ ଅଧିକ ଧାନ କଟନି ଛଟନି ହେଉଛି। ଏ ବର୍ଷ ମିଲର ଓ ପ୍ରଶାସନର ଭିତିରିଆ ବୁଝାମଣାରେ ପାକ୍ସକୁ ମିଲର ଗାଡ଼ି ଏବଂ ଏଜେଣ୍ଟ ଠିକ୍ ସେ ନ ପଠାଉ ଥିବାରୁ ଚାଷୀ ମାନେ ଭୟରେ ବାଧ ହୋଇ ନିଜ ଖର୍ଚ୍ଚରେ ବିଭିନ୍ନ ମିଲକୁ ଧାନ ନେଉଛନ୍ତି। ପ୍ରାୟ ୬୦ ରୁ ୭୦ ପ୍ରତିଶତ ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନକୁ ନିଜ ପାକ୍ସ ସହ ଅନୁବନ୍ଧିତ ଥିବା ମିଲକୁ ବିକ୍ରୟ ପାଇଁ ନେଉଛନ୍ତି। ହେଲେ ଚାଷୀଙ୍କୁ ପାକ୍ସରେ ଯେତିକି କଟନି ହେଉଛି ତାଠୁ ଅଧିକ ମିଲର ଧାନ ଖରାପ ଅଛି କହି କୌଣସି ଆନାଲାଇଜର ମେସିନ ସାହାଯ୍ୟ ନ ନେଇ ବସ୍ତା ପିଛା ଅଧିକ ୨-୫ କେଜି କଟନୀ ଛଟନୀ କରୁଛନ୍ତି। ଏପରିକି ଯଦି ଚାଷୀ ଅଭିଯୋଗ କରେ ତେବେ ତୋ ଧାନ ନେଇ ଯା କହି ଚାଷୀଙ୍କୁ ଅନେକ ଉପାୟରେ ହଇରାଣ କରୁଛନ୍ତି।

ସେପଟେ ରାଜ୍ୟ ସରକାର କିନ୍ତୁ ଜିରୋ କଟନୀରେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉଛି ବୋଲି ଡିଣ୍ଡିମ ପିଟୁଛନ୍ତି। ମିଲକୁ ନେଉଥିବା ଜଣେ ଚାଷୀର ଯଦି ପ୍ରକୃଷ୍ଟ ଧାନ ହୋଇଥିବ, ତେବେ କୁଇଣ୍ଟାଲ ପିଛା ୩ କେଜି ଧାନ ଦେବ। ଯଦି ବେଶୀ କିଛି ଚାଷୀ କୁହନ୍ତି କିମ୍ବା ହାତ ଗୁଞ୍ଜା ନ ଦିଅନ୍ତି, ତେବେ ବିନା ପରୀକ୍ଷା ନିରୀକ୍ଷାରେ ବସ୍ତା ପିଛା ୨-୫ କେଜି କଟନି ହେଉଛି। ସୂଚନାଥାଉକି ବୀରମହାରାଜପୁର ବ୍ଲକର ସମସ୍ତ ପାକ୍ସରେ ସାଧାରଣତଃ କୁଇଣ୍ଟାଲ ପିଛା ୩-୪ କେଜି କଟନି କରୁଛନ୍ତି। ମଣ୍ଡି, ମିଲର ମିଳିତ ସଲାସୁତୁରାରେ ଚାଷୀଙ୍କ ଧାନ କ୍ରୟରେ ମନମାନି ଚାଳାଇଛନ୍ତି। ଉଭୟଙ୍କ ମିଳିତ ନାଟକରେ ପାକ୍ସକୁ ମିଲର ଗାଡ଼ି ପଠାଉ ନାହାନ୍ତି। ଚାଷୀ ନିଜ ଟୋକନ ଅବଧି ସରିଯିବା ଭୟରେ ବାଧ ହୋଇ ନିଜ ଧାନକୁ ବିକ୍ରି ପାଇଁ ମିଲକୁ ନେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ

କଣ୍ଟାମାଳ,୨୩।୧(ସମିସ): ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ୩ ବର୍ଷ ହେଲାଣି ୨୫କେଭି ବିଦ୍ୟୁତ ଟ୍ରାନ୍ସଫର୍ମ ଅଚଳ ଅବସ୍ଥାରେ ପଡ଼ିରହିଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖୁଣ୍ଟିଗୋରା ପଞ୍ଚାୟତ ବଡକଲରାଖୋଟା ଗ୍ରାମରେ। ସୂଚନାନୁଯାୟୀ, ଏହି ଗ୍ରାମରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମ ୪ ବର୍ଷ ହେଲାଣି ୨ଟି ଫେଜ୍ ପୋଡ଼ି ଅଚଳ ଅବସ୍ଥାରେ ପଡ଼ିରହିଛି। ଏହି ବିଦ୍ୟୁତ ଟ୍ରାନ୍ସଫର୍ମ ଉପରେ ଗ୍ରାମର ୪୦ ପରିବାର ନିର୍ଭର କରୁଛନ୍ତି। ଗତ ୨୦୨୫ ସେପ୍ଟେମ୍ବର ୨୩ରେ ବିଦ୍ୟୁତ୍ ଟ୍ରାନ୍ସଫର୍ମ ମରାମତି ପାଇଁ ମନମୁଣ୍ଡା ବିଦ୍ୟୁତ କାର୍ଯ୍ୟାଳୟ ସହକାରୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମରାମତି କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଗୋଟିଏ ଫେଜରେ ୪୦ପରିବାର ବିଦ୍ୟୁତ୍ ପାଉଥିବାରୁ ଅନେକ



ସମୟରେ ଫ୍ୟୁଜ୍ କଟ ହୋଇ ଲୋ ଭୋଲ୍ଟେଜ୍ ସମସ୍ୟା ଦେଉଛି। ଏଥିସହ ଦିନଦିନ ଧରି ଅନ୍ଧାରରେ ରହୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମଟି କନ୍ଧମାଳ ଜିଲ୍ଲା ସୀମାନ୍ତରେ ଥିବାରୁ ସନ୍ଧ୍ୟା ସମୟରେ ଚୋରୀ ଡକାୟତ ହେବା ସହ ଜଙ୍ଗଲି ଜନ୍ତୁ ହାତୀ, ଭାଲୁ ସାପ ଇତ୍ୟାଦିର ଶିକାର ହେବାର ଆଶଙ୍କା ଦେଖାଯାଉଛି। ତା ସହିତ ଲୋ ଭୋଲ୍ଟେଜ ଯୋଗୁଁ ନିତିଦିନ ବ୍ୟବହାର ପାଣି ମଟର, ପଙ୍ଖା, କୁଲର ଆଦି ଠିକ୍ ଭାବରେ ଚାଲୁ ନ ଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଯଥାଶୀଘ୍ର ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବଦଳାଇ ନୂତନ ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମତଦାତା ଶପଥ ପାଠ



ତରଭା,୨୩।୧(ସମିସ): ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ମତଦାତା ଦିବସ ପାଳନ ଉପଲକ୍ଷେ ଗୁରୁବାର ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ମତଦାତା ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜଳିନା ପ୍ରଧାନ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ନିର୍ବାଚନ ଅଧିକାରୀ ଯଶସ୍ୱିନୀ ପୋଥାଲ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ଉପସ୍ଥିତ ଥିଲେ।

## ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କଫ ସିରପ୍ ଜବତ; ୩ ଗିରଫ

ବୀରମହାରାଜପୁର,୨୩।୧(ସମିସ): ବୀରମହାରାଜପୁର ଦେଇ କଫସିରପ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କଫସିରପ ଜବତ୍ କରିଛି। ଏହି ମାମଲାରେ ୩ ଜଣ ବେପାରୀଙ୍କୁ ପୁଲିସ ଗିରଫ କରିଥିବା ବୀରମହାରାଜପୁର ଥାନା ପରିସରରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଉଲୁଣ୍ଡା ଥାନା ଗଣ୍ଡା ବହାଲ ଗାଁର ଦିବ୍ୟ ଜଗଦଲା (୩୨)ଙ୍କ ନାମରେ ଗୋଟିଏ ହତ୍ୟା ମାମଲା ସହ ୩ଟି କଫସିରପ ଚାଲାଣ ମାମଲା ରହିଛି। ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ବିଶ୍ୱଜିତ କର୍ମୀ (୨୫) ଏବଂ ବୀରମହାରାଜପୁର ଥାନା ବାଘମାରି ଗାଁ ର ସୁରଜ ଭୋଇ(୨୧)। ପୁଲିସ ୩ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। କଟକ ଜିଲ୍ଲା ଜଗତପୁର ଅଞ୍ଚଳରୁ କଫସିରପ ବୀରମହାରାଜପୁର, ଉଲୁଣ୍ଡା, ବିନିକା ଅଞ୍ଚଳକୁ ଚାଲାଣ ହେଉଥିବା ପୁଲିସକୁ ସୂଚନା ମିଳିଥିଲା। ଖବର ପାଇ ପୁଲିସ ଟିମ୍ ଏକ ପିକଅପ୍ ଗାଡ଼ି (ଓଡି ୧୫ ଏସି ୯୩୬୪)କୁ ଫୁଲଚରା ଛକଠାରେ ଅଟକ ରଖି ପଚରା ଉଚରା କରୁଥିଲା। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ଅନ୍ୟ ଏକ କାର (ଓଡି ୧୪ ଏମ ୦୦୧୬)ରେ ଆସୁଥିବା ଦେଖି ତାକୁ ମଧ ପୁଲିସ ଅଟକ ରଖି ଯାଞ୍ଚ କରିଥିଲା। ଏହି ସମୟରେ ଉକ୍ତ ଗାଡ଼ିରୁ ମଧ କଫସିରପ ବାହାରି ଥିଲା। ଉଭୟ ଗାଡ଼ିକୁ ମଧ ପୁଲିସ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂଚାଇଥିଲେ। ସାମ୍ବାଦିକ ସମ୍ମିଳନୀରେ ବୀରମହାରାଜପୁର ଏସଡିପିଓ ହେମନ୍ତ ରାଓ, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରହି ଉପସ୍ଥିତ ଥିଲେ।

## ପାତାଳୀ ମହୋତ୍ସବ ଚତୁର୍ଥ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ



ବୀରମହାରାଜପୁର,୨୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳା କ୍ଷେତ୍ର ପାତାଳୀ କ୍ଷେତ୍ର କୋଟସମଲାଇ ଠାରେ ଚାଲିଥିବା ୨୧ତମ ପାତାଳୀ ମହୋତ୍ସବର ଆଜି ଚତୁର୍ଥ ସନ୍ଧ୍ୟାରେ ପହଞ୍ଚିଛି। ଛଲିଆ ଶିଖରରେ ପାରାୟଣ ମଣ୍ଡପରେ ଭାଗବତ ସପ୍ତାହ ପାରାୟଣ ଅନୁଷ୍ଠିତ ହେଉଥିବା ବେଳେ ନାମ ମଣ୍ଡପରେ ୫୬ ପ୍ରହରୀ ନାମଯଜ୍ଞରେ ଆଜି ସୁନାପାଲି ଗାଁର ଦାୟିତ୍ୱ ରହିଛି। ଯଜ୍ଞ ମଣ୍ଡପରେ ଘୃତଯଜ୍ଞ ଚାଲିଥିବା ବେଳେ ମୁଖ୍ୟ ପୂଜକ ଭାବେ ଦେବାର୍ଚ୍ଚନ ଦାଶ କାର୍ଯ୍ୟ ତୁଲାଉଥିବା ବେଳେ କର୍ତ୍ତା ଭାବେ ଗାଁର ଗୌନ୍ତିଆ ଚମରା ଅମାତ ଓ ସୈରେନ୍ଦ୍ରି ଅମାତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଚତୁର୍ଥ ସନ୍ଧ୍ୟା ଅଧିବେଶନରେ ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବିଜେଡ଼ି ସଭାପତି ତଥା ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କର୍ଣ୍ଣ, ସୋନପୁର ଜିଲ୍ଲା ପରିଷଦ ସଭ୍ୟ କରମଚାନ୍ଦ ମହାନ୍ତି ଓ ସମାଜସେବୀ ଶିବୁ ତରାଇ ଯୋଗ ଦେଇ ସାଂସ୍କୃତିକ ବାର୍ତ୍ତା ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିବା ବେଳେ ନଳିନୀକାନ୍ତ ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭୀମ ଭୋଇ କଳା ନିକେତନ ଦୁଲଦୁଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନକୁ ଦିନ ପାତାଳୀ ମହୋତ୍ସବ ଜମୁଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଥିଲେ ଦର୍ଶକ। ଟ୍ରଷ୍ଟ ସଦସ୍ୟ ଜାନକୀରାମ ଦେହେରୀ, ଜଗଦିଶ କର୍ଣ୍ଣ, ମହୋତ୍ସବ ଉପଦେଷ୍ଟା ସଦସ୍ୟ ମନୋରଞ୍ଜନ ପାଢୀ, ଗୋପାଳ ପଣ୍ଡା, ନରସିଂହ ପଧାନ,ଶରଦ ଚାନ୍ଦ ଓ ପର୍ଶୁରାମ ବାରିକ ଆଦି ସହଯୋଗ କରିଥିଲେ। ହଜାର ହଜାର ଦର୍ଶକ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମନଭୋରି ଉପଭୋଗ କରିଥିଲେ।

## କଂଗ୍ରେସ ନେତା ରାଜେଶଙ୍କ ବିୟୋଗରେ ଶୋକସଭା

ବିନିକା,୨୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି କୋଷାଧ୍ୟକ୍ଷ ତଥା ଉଦୀୟମାନ ଯୁବ ସଂଗଠକ ରାଜେଶ କୁମାର ମିଶ୍ରଙ୍କ ବିୟୋଗରେ ବିନିକା କଂଗ୍ରେସ କମିଟି ତରଫରୁ ଶୋକସଭା ସ୍ଥାନୀୟ ଚନ୍ଦ୍ରମା ହୋଟେଲ କକ୍ଷଠାରେ ପାଳନ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ରାଧାମୋହନ ଭୋଇ ଓ ଯୁବ ନେତା ଶ୍ରୀନିବାସ ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୋକସଭାରେ ବରିଷ୍ଠ କଂଗ୍ରେସ ନେତା ରାଘବ ଦାସ, ନରେନ୍ଦ୍ର ସାହୁ, ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ରବୀନ୍ଦ୍ର ହୋତା, ଯୁବ ନେତା ବିଜୟ ଭୋଇ, ଗୋବିନ୍ଦା ଝାଙ୍କର, ପୂର୍ବତନ ସଭାପତି ଉମାକାନ୍ତ ଦୀପ, ସୁବ୍ରତ ପତ୍ର, ଟିକୁ ହୋତା, ହରିହର ଛନ୍ଦ, ଭଗି ବରଗ୍ଡି, ନାଗେଶ୍ୱର ବାଗ, ବିପିନ ମେହେର, ବିଶ୍ୱନାଥ ନେଗୀ, ରାଧାମୋହନ ପଧାନ, ନିର୍ମଳ ଜଗଦଲା ପ୍ରମୁଖ ଉପସ୍ଥିତ ସ୍ୱର୍ଗତ ରାଜେଶଙ୍କ ଫଟୋ ଆଗରେ ଦ୍ୱିପ ପ୍ରଜ୍ୱଳନ ପୂର୍ବକ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପରେ କଂଗ୍ରେସ ପ୍ରତି ତାଙ୍କ ଅବଦାନ ଉପରେ ସଦସ୍ୟମାନେ ମତ ରଖିଥିଲେ।

## ଫେବୃଆରୀ ୧ରେ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା

ବୀରମହାରାଜପୁର,୨୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଜାମପାଲି ଭଙ୍ଗାମୁଣ୍ଡାଠାରେ ଥିବା ଶାନ୍ତି ଆନନ୍ଦ ଆଶ୍ରମ ପରିସରରେ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୧ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ନବାହ ପାରାୟଣ, ୫୬ ପ୍ରହରୀ ନାମଯଜ୍ଞ, କଂସ ଦରବାର, ପ୍ରତିଷ୍ଠା ପୂଜା, ରତ୍ନ କଳସ ସ୍ଥାପନ, ବିଗ୍ରହ ପ୍ରବେଶ ଆଦି କାର୍ଯ୍ୟକ୍ରମ ରହିଥିବା ନେଇ ଶାନ୍ତି ଆନନ୍ଦ ଆଶ୍ରମର ମହନ୍ତ ହରେକୃଷ୍ଣ ଦାସ ସୂଚନା ଦେଇଥିଲେ। ଏଥିସହ ବିଭିନ୍ନ ପ୍ରତିଭା, ବରିଷ୍ଠ ନାଗରିକ, ବିଶିଷ୍ଟ ସାମ୍ବାଦିକ, କଳାକାର, ବ୍ୟକ୍ତି ବିଶେଷ, ସଂସ୍କୃତି ପ୍ରେମୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା କମିଟିର ସଭ୍ୟ ସଞ୍ଜୀବ ପାଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ

ତରଭା,୨୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳୀନା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ସଡ଼କ ଦୁର୍ଘଟଣାର ସଂଖ୍ୟା କମ କରିବା ପାଇଁ କଣ କଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ସମିତିର ସଦସ୍ୟମାନଙ୍କ



ସହିତ ଆଲୋଚନା କରାଯାଇଥିଲା। ବୈଠକକୁ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ପରିଚାଳନା କରିଥିଲେ। ଆଲୋଚିତ ବିଷୟମାନଙ୍କ ମଧ୍ୟରେ ଉଲୁଣ୍ଡାରୁ ସିଂଢୋଲ ରାସ୍ତାରେ ଥିବା ଡୁଡୁପାଲି ଛକକୁ ବ୍ଲାକ୍ ସ୍ପଟ୍ ଭାବେ ଘୋଷଣା କରିବା ଓ ସେଠାରେ ସଡ଼କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଜିଲ୍ଲା ସଡ଼କ ଓ କୋଠା ବିଭାଗକୁ ଡୁଡୁପାଲି ଛକରେ ଏକ ସ୍ପିଡ଼ ବ୍ରେକର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୁବର୍ଣ୍ଣପୁର ସହରର ବିଭିନ୍ନ ସ୍ଥାନରେ ସୂଚନା ଫଳକ ସ୍ଥାପନ, ଅବସ୍ଥିତ ସୂଚନା ଫଳକଗୁଡ଼ିକୁ ସଫା କରି ସ୍ପଷ୍ଟ ଭାବରେ ଦୃଶ୍ୟମାନ କରିବା, ଡାକ୍ତରଖାନା ନିକଟସ୍ଥ ବୁଢାରଜା ଛକରେ ଭାରି ଯାନବାହାନ ପ୍ରବେଶ ନିଷେଧ ପାଇଁ ଏକ ନୂତନ ସୂଚନା ଫଳକ ସ୍ଥାପନ ଓ ତୀର ଚିହ୍ନ ମାଧ୍ୟମରେ ଠିକ ରାସ୍ତା ଦର୍ଶାଇବା, ସହର ପ୍ରବେଶ ପଥରେ ଏକ ସ୍ୱାଗତ ଗେଟ୍ ଏବଂ ମହାନଦୀ ବ୍ରିଜର ନଷ୍ଟ ହୋଇଥିବା ଆଲୋକୀକରଣ ବ୍ୟବସ୍ଥାର ମରାମତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଗତ ଡିସେମ୍ବର ମାସରେ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ୨୫ ଲକ୍ଷ ୬୮ ହଜାର ୪୪ ଟଙ୍କା ଜରିମାନା ସଂଗ୍ରହ କରାଯାଇଥିବା ଓ ଆହୁରି ୬୩ ଲକ୍ଷ ୮୨ ହଜାର ୭୩୧ ଟଙ୍କା ଜରିମାନା ଆଦାୟ କରିବାକୁ ବାକି ଅଛି ବୋଲି ଶ୍ରୀ ଜେନା ସୂଚନା ଦେଇଥିଲେ। ଜିଲ୍ଲାରେ ଗତ ମାସରେ ୧୧୪ ଜଣଙ୍କ ଲାଇସେନ୍ସ ରଦ୍ଦ ହୋଇଥିବା ବେଳେ ୩ ଟି ସାଙ୍ଘାତିକ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମଧ ଦିଆଯାଇଥିଲା। ଶ୍ରୀ ଜେନା ଆହୁରି କହିଥିଲେ, ପ୍ରତିଦିନ ଜିଲ୍ଲାରେ ଯାନବାହାନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଚଳିତ ଜାନୁଆରୀ ମାସରେ ବିଭାଗ ଦ୍ୱାରା ସଚେତନତା ଶୋଭାଯାତ୍ରା, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଓ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

## ଶ୍ୟାମସୁନ୍ଦର ଭୋଇ ଜିଲ୍ଲା ଆଦିବାସୀ କଂଗ୍ରେସ ସେଲ୍‌ର ସଭାପତି

ଡୁଙ୍ଗୁରିପାଲି,୨୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଲଙ୍ଗଳକଣ୍ଟା ଗ୍ରାମର ଶ୍ୟାମସୁନ୍ଦର ଭୁଇଙ୍କୁ



ପ୍ରଦେଶ ଆଦିବାସୀ କଂଗ୍ରେସ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲା ସଭାପତି ଭାବେ ମନୋନୀତ କରାଯାଇଛି। ଅଲ ଇଣ୍ଡିଆ କଂଗ୍ରେସ କମିଟି ଓ ଅଲ ଇଣ୍ଡିଆ ଆଦିବାସୀ କଂଗ୍ରେସ ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଛି। ଶ୍ରୀ ଭୁଏ ଭାରତୀୟ ସେନରୁ ଅବସର ନେବା ପରେ ବିଭିନ୍ନ ସଂଗଠନରେ ଜଡିତ ହୋଇ ରହିଛନ୍ତି।

## ବିଭିନ୍ନ ଅନୁଷ୍ଠାନରେ ସରସ୍ୱତୀ ପୂଜା

କଣ୍ଟାମାଳ,୨୩।୧(ସମିସ) ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ରେ ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ହାଇସ୍କୁଲ, ଖଳିଆପାଳି ହାଇସ୍କୁଲ, ସିମିଳିଯୋରା ହାଇସ୍କୁଲ, ଘଣ୍ଟାପଡା ହାଇସ୍କୁଲ, ଆମ୍ବଗାଁ ହାଇସ୍କୁଲ, କଳିଙ୍ଗ ଉଦୟ ପବ୍ଲିକ ସ୍କୁଲ, ଖୁଣ୍ଟିଗୋରା ହାଇସ୍କୁଲ, ନୂଆପାଲି ହାଇସ୍କୁଲ, ଉମା ହାଇସ୍କୁଲ, ବରଗାଁ ହାଇସ୍କୁଲ, ପିଇଓ ସ୍କୁଲ ଓ କଣ୍ଟାମାଳ ଅଞ୍ଚଳର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି। ସେହିପରି ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି।

## ସ୍ୱାସ୍ଥ୍ୟ ଓ ଆଇସିଡିଏସ ସମ୍ପର୍କିତ ଏକାଭିମୁଖୀ ବୈଠକ




ବୌଦ୍ଧ,୨୩।୧(ସମିସ): ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ କେନ୍ଦ୍ରରେ ସ୍ୱାସ୍ଥ୍ୟ ଓ ଆଇସିଡିଏସ ସମ୍ପର୍କିତ ଏକାଭିମୁଖୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକରେ ଭାରପ୍ରାପ୍ତ ସିଡିଏମଓ ଡାକ୍ତର ସଂଘମିତ୍ରା ପଣ୍ଡା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ ଓ ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୀରନରସିଂହପୁର ଲୋକ ମହୋତ୍ସବ ଉଦ୍‌ଯାପିତ




ବୌଦ୍ଧ,୨୩।୧(ସମିସ): ନବମ ବୀରନରସିଂହପୁର ଗଡଜାତ ଲୋକ ମହୋତ୍ସବ ଶେଷ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱଜିତ ମିଶ୍ର ସଭାପତିତ୍ୱ କରିଥିଲେ। ସୁରେନ୍ଦ୍ର କର୍ଣ୍ଣ ଓ ଶିକ୍ଷକ ନବକିଶୋର ଦୀପ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବସନ୍ତ ସାହୁ ମଞ୍ଚ ପରିଚାଳନା କରିଥିବା

## ଏକତା ପଦଯାତ୍ରା

ତରଭା,୨୩।୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ସୋନପୁର ସୁରେଶ୍ୱରୀ ମନ୍ଦିର ସମ୍ମୁଖରୁ ଏକତା ପଦଯାତ୍ରା ଆରମ୍ଭ ହୋଇ ନଳିନୀ ଛକ, ସୋନପୁର ବସଷ୍ଟାଣ୍ଡ, ବିଜୁ ପଟ୍ଟନାୟକ ଛକ, ମଝିପଡା, ଫକୀର ପଟ୍ଟନାୟକ ଛକ, ପର୍ଶୁରାମ ଛକ ଦେଇ ସୋନପୁର ମହାବିଦ୍ୟାଳୟରେ ପହଞ୍ଚି ଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ପ୍ରଥମେ ପଦଯାତ୍ରାରେ ଅଂଶ ଗ୍ରହଣ କରିଥିବା ଅଧିକାରୀ, କର୍ମଚାରୀ, ସାମ୍ବାଦିକ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀଙ୍କୁ ଏକତାର ସତ୍ୟପାଠ କରାଇଥିଲେ। ତାପରେ ଜିଲ୍ଲାପାଳ ଏକତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ଅର୍ଜୁନ



ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ପଦଯାତ୍ରା ସୋନପୁର ମହାବିଦ୍ୟାଳୟ ଠାରେ ପହଞ୍ଚିବା ପରେ ଗ୍ରାମ୍ୟ ଯୁବ ଏକତା ଶିବିର ଆୟୋଜିତ ହୋଇଥିଲା। ଏଥିରେ ଗୋଷ୍ଠୀ ଆଲୋଚନା, ପ୍ରେରଣାଦାୟକ ଅଧିବେଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡିପିଓ ଏନ୍‌ଏସଏସ, ଧୀରେନ୍ଦ୍ର ମିଶ୍ର ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ



ତରଭା,୨୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ଛାତ୍ରଛାତ୍ରୀ ଏବଂ ତୃଣମୂଳସ୍ତରର ମହିଳାମାନଙ୍କୁ ଶିଶୁମାନଙ୍କ ସୁରକ୍ଷା, ବାଲ୍ୟବିବାହରୁ ମୁକ୍ତି ଏବଂ ବିଧବା ବିବାହ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା, ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ ନିଜ ଇଚ୍ଛା ଅନୁସାରେ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରୟାସୀ ହେବା ଓ ଶାରୀରିକ ଭାବେ ଶକ୍ତିଶାଳୀ ହେବା ସହିତ ମୋବାଇଲ ଫୋନ୍‌ରୁ ଦୂରେଇ ରହି ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

# କେନଝିରିଆପାଲି ଜ୍ୟୋତିସ୍ପୋର୍ଟିଂ କ୍ରିକେଟ; ସେମିରେ ସୁବଳୟା

ବୀରମହାରାଜପୁର,୨୩।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଳି ହାଇସ୍କୁଲ ପଡିଆରେ ଜ୍ୟୋତିସ୍ପୋର୍ଟିଂ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ୧୯ତମ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ତୃତୀୟ ଦିବସରେ ମ୍ୟାଚର ପ୍ରଥମ ମ୍ୟାଚ୍‌ଟି ଜନକପୁର ଓ ସୁବଳୟା ମଧ୍ୟରେ ହୋଇଥିଲା। ପ୍ରଥମେ ଜନକପୁର ଦଳ ବ୍ୟାଟିଙ୍ଗ କରି ୧୦ ଓଭରରେ ୯ ଉଇକେଟ ହରାଇ ୭୦ରନ କରିଥିଲା। ଜବାବରେ ସୁବଳୟା ଦଳ ୩ ଓଭର ୪ବଲରେ କୌଣସି ଉଇକେଟ ନ ହରାଇ ୭୫ ରନ କରି ବିଜୟୀ ହୋଇଥିଲା। ଦ୍ୱତୀୟ ମ୍ୟାଚଟି ଷଣ୍ଡା ଓ ଜଟେସିଙ୍ଗା ମଧ୍ୟରେ ହୋଇଥିଲା ପ୍ରଥମେ ଜଟେସିଙ୍ଗା ଦଳ ବ୍ୟାଟିଂ କରି ୮ ଓଭରରେ ୫ ଉଇକେଟ ହରାଇ ୯୬ ରନ କରିଥିଲା। ଜବାବରେ ଷଣ୍ଡା ଦଳ ୭ ଓଭର ୫ ବଲରେ ସମସ୍ତ ଉଇକେଟ ହରାଇ ୫୩ ରନ କରି ପରାସ୍ତ ହୋଇଥିଲା। ପ୍ରଥମ



ମ୍ୟାଚର ବିଜେତା ସୁବଳୟା ଓ ଦ୍ୱତୀୟ ମ୍ୟାଚର ବିଜେତା ଜଟେସିଂହା ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ପ୍ରଥମେ ସୁବଳୟା ଦଳ ବ୍ୟାଟିଂ କରି ୭ ଓଭରରେ ୪ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ଜଟେସିଙ୍ଗାଦଳ ୭ ଓଭରରେ ୬ ଉଇକେଟ ହରାଇ ୫୬ ରନ କରି ପରାସ୍ତ ହୋଇଥିଲା। ଫଳରେ ସୁବଳୟା ଦଳ ଜଟେସିଙ୍ଗା ଦଳକୁ ହରାଇ ତୃତୀୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଅଶ୍ୱିନୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କେନଝିରିଆପାଲି ଗ୍ରାମ୍ୟ କମିଟିର ପୂର୍ବତନ ସମ୍ପାଦକ ରାଜୀବ ପଧାନ ଓ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ଶିକ୍ଷକ ଇନ୍ଦ୍ରଜିତ ଦାଶ ଓ ସହକାରୀ ଶିକ୍ଷକ ସରୋଜ ସାହୁ ଅତିଥି ଭାବରେ ଯୋଗଦେଇ ସୁବଳୟା ଦଳର ଶ୍ରୀକାନ୍ତ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳ କୁ ପରିଚାଳନା ତରଣୀସେନ ପଧାନ, ପ୍ରବୀଣ ଦେହୁରୀ, ବେଣୁଧର ପଧାନ, ସର୍ବେଶ୍ୱର ପଧାନ, ପିଣ୍ଟୁ ମେଣ୍ଡିଲି, ରାମ ନାଏକ, ଦୀନବନ୍ଧୁ ନାଏକ, ନୟନ କର୍ଣ୍ଣ, ସାବ୍ୟକାନ୍ତ ଦେହୁରୀ, ପ୍ରଶାନ୍ତ ପଧାନ, ସୁଶାନ୍ତ ମେଣ୍ଡିଲି, ନୃପତି ପଧାନ, ଅଭିଷେକ କର୍ଣ୍ଣ, ଦେବର୍ଷୀ ବାଘ ଆମ୍ପାୟର ଓ ସଚୀନ ଦେହୁରୀ ଓ ପୃଥ୍ୱୀରାଜ ମହାକୁର, ବେଦ ବ୍ୟାସ କର୍ଣ୍ଣ ସ୍କୋରର, ଝସକେତନ ରଣା, ସୁକାନ୍ତ ରଣା ଧାରାବିବରଣୀ ପ୍ରଦାନ କରିଥିଲେ।

# ଟ୍ରକ୍ ଧକ୍କାରେ ଚାଷୀ ମୃତ





**ଡୁଙ୍ଗୁରିପାଲି, ୨୩।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ଅନ୍ତର୍ଗତ ମୁଖ୍ୟ ରାସ୍ତା ଏଟିଏମ ଛକ ନିକଟରେ ବାଇକକୁ ଘୋଷାଡ଼ି ଘୋଷାଡ଼ି ଚାପି ଦେଲା ଟ୍ରକ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବାଇକ ଆରୋହୀକୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ, ରାମପୁରର ଶତ୍ରୁଘ୍ନ ମେହେର ଚାଷ କାମ ସାରି ନିଜ ଘରକୁ ଫେରୁଥିବା ବେଳେ ରାମପୁର ମୁଖ୍ୟ ରାସ୍ତାରେ ବାଇକ୍ ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ପରେ ଟ୍ରକ୍‌ଟି ବାଇକ୍‌କୁ କିଛି ଦୂର ଘୋଷାଡ଼ି ନେଇଥିଲା। ବାଇକ ସହ ଚାଳକ ଟ୍ରକ୍ ତଳେ ଚାପି ହୋଇ ରହିଯାଇଥିଲେ। ଫଳରେ ବାଇକ୍ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଟ୍ରକ ଡ୍ରାଇଭର ଫେରାର ମାରିଥିଲା। ମୃତ ବ୍ୟକ୍ତି ଜଣକ ହେଲେ ରାମପୁର ଚମାରପଡ଼ାର ଉଦେ ମେହେରଙ୍କ ସୁପୁତ୍ର ଶତ୍ରୁଘ୍ନ ମେହେର। ଏହା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ସୁବର୍ଣ୍ଣପୁର-ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତା ଦୀର୍ଘ ଘଣ୍ଟାଧରି ଅବରୋଧ କରିଥିଲେ। ଘଟଣା ସ୍ଥଳେ ରାମପୁର ପୁଲିସ ଓ ଡିଏସପି ରେଣୁକା ସୁନା ପହଁଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ରାମପୁର ତହସିଲଦାର ପହଞ୍ଚି ରେଡକ୍ରସ ଫଣ୍ଡରୁ ଦଶ ହଜାର ଟଙ୍କା ମୃତ ପରିବାର ବର୍ଗଙ୍କୁ ପ୍ରଦାନ କରିଥିଲେ। ଟ୍ରକ ମାଲିକ କ୍ଷତିପୂରଣ ଭରଣାର ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ରୋକ ଆନ୍ଦୋଳନ ହଟିଥିଲା।

**କ୍ଷତିପୂରଣ ଦାବିରେ ରାସ୍ତାରୋକ**

### ମିଲରେ ସ୍ଥାନ ଅଭାବରୁ ମଣ୍ଡିରୁ ଉଠିପାରୁନି ଧାନ

# ଦୋଷ ଘୋଡାଇବାକୁ ଯୋଗାଣ ବିଭାଗ ଚଳାଇଛି ଅପଚେଷ୍ଟା

**ଭବାନୀପାଟଣା, ୨୩।୧(ସମିସ)**

ମଣ୍ଡିରେ ଧାନ ବିକ୍ରି କରିନପାରି ଚାଷୀ ହୀନସ୍ଥା ହେଉଛି। ଟୋକନ ଠିକ ସମୟରେ ଚାଷୀ ପାଉନାହାଁନ୍ତି। ଯେଉଁ ଟୋକନ ଆସୁଛି ତାହାର ସମୟ ଅବଧିକୁ ଜାଣି ଶୁଣି ବୃଦ୍ଧି କରାଯାଉଛି। ଏତେସବୁ ଭିତରେ ରାଜ୍ୟ ସରକାର ଚୁପ ରହିବାର ପନ୍ଥା ଅନୁସରଣ କରି ଆସୁଛନ୍ତି।ମିଲର୍ସ ଆସୋସିଏସନର ରାଜ୍ୟ ସଭାପତି ମହେଶ ବଂସଲ କହିଛନ୍ତି ଯେ ଧାନ ମଣ୍ଡିରୁ ଆଣି ମିଲରେ ଗାଦିମାରି ରଖିବା ପାଇଁ ସ୍ଥାନାଭାବ ଏକ ପ୍ରକାର ଉତ୍କଟ ସମସ୍ୟା ସୃଷ୍ଟି କରୁଛି। ଏଫସିଆଇ ଠିକଭାବେ ଚାଉଳ ଗ୍ରହଣ କରିବା ଏବଂ ବାହାରକୁ ପଠାଇବା ପ୍ରକ୍ରିୟା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ମିଲରେ ପୂର୍ବ ବର୍ଷର ଚାଉଳ ମହଜୁଦ ରହିଛି। ବର୍ତ୍ତମାନ ଧାନ ରଖିବା ସମ୍ଭବ ହେଉନାହିଁ। ହରିଆନା ଓ ପଞ୍ଜାବରେ କେନ୍ଦ୍ର ସରକାର ଉତ୍ପାଦିତ ଫସଲର ବିକ୍ରିବଟା ତଥା ଏଫ ସି ଆଇକୁ ଯେଉଁ ଦୃଷ୍ଟିରେ ଦେଖି ମାତ୍ର ୩ମାସରେ ସବୁ କାର୍ଯ୍ୟ କରୁଛନ୍ତି ଆମ ରାଜ୍ୟ ପାଇଁ କାହିଁକି ଏତେ ଅବହେଳା ବୋଲି ରାଜ୍ୟ ସଭାପତି ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ରସରକାରଙ୍କ ବୈମାତୃକଭାବ ହିଁ ସବୁ ସମସ୍ୟାର କାରଣ ହୋଇପାରେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପଚାରିବାରେ ସେ ମଧ୍ୟ ମିଲରେ ଧାନ ଷ୍ଟୋରେଜ କରିବାରେ ସମାସ୍ୟା ସୃଷ୍ଟି ହେଉଛି। ତେଣୁ ଜିଲ୍ଲାପାଳଙ୍କୁ ଚିଠି କରି ଜଣାଇ ଦିଆଯାଇଛି। ସ୍ୱତନ୍ତ୍ର ସ୍ଥାନରେ ଧାନ ରଖାଯିବା ପାଇଁ ବ୍ୟବସ୍ଥା ଜରୁରୀବୋଲି ଜିଲ୍ଲାପାଳଙ୍କ ଦୃଷ୍ଟିକୁ ନିଆଯାଇଥିବା ବିଷୟ ସିଏସଓ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଯେଉଁ ମିଲର୍ସ ବିଲ ଦାଖଲ କରିଛନ୍ତି ତାଙ୍କ ପ୍ରାପ୍ୟ ତଦନ୍ତ କରି ଯୋଗାଇ ଦିଆଯାଉଛି। ବିଭିନ୍ନ ସମୟରେ ମଣ୍ଡିରେ ଗାଡି ପହଁଚି ପାରୁନଥିବାନେଇ ଯେଉଁ ଅଭିଯୋଗ ହେଉଛି ତାହା ପଛର କାରଣ ମିଲରେ ସ୍ଥାନ ଅଭାବ। ରାଜ୍ୟ ସରକାର ଓ ସ୍ଥାନୀୟ ଯୋଗାଣ ବିଭାଗ ସମସ୍ତେ ଜାଣି ସୁଦ୍ଧା ଘଟଣାକୁ ଭିନ୍ନ ବାଟରେ ନେଉଛନ୍ତି। ଦ୍ୱିତୀୟରେ ମିଲର୍ସ ମାନେ ନିଜ ମିଲରେ ଧାନ ଗଚ୍ଛିତ ରଖିବା ବାବଦରେ ଯେଉଁ ପ୍ରାପ୍ୟ ପାଇବା କଥା ତାହା ବକେୟା ରଖିବା ଦ୍ୱାରା ମିଲର୍ସଙ୍କ ପକ୍ଷରୁ ସ୍ୱର ତୀବ୍ର ହୋଇଥିଲା। ଶେଷରେ ଏବେ ଏବେ ଧାନ ଷ୍ଟରେଜ ପାଇଁ ବିଲ ଦାଖଲ ପରେ ଟଙ୍କା ଦିଆଯାଉଛି। କିନ୍ତୁ ଜିଲ୍ଲାର ସମସ୍ତ ମିଲର୍ସ ଟଙ୍କା ପାଇ ନାହାନ୍ତି। ୨୦୨୩-୨୪ମସିହାରୁ ଏହି ଟଙ୍କା ଯୋଗାଣ ବିଭାଗ ଦେବାରେ ବହୁ ଟାଳ ଟୁଳ ନୀତି ଅବଲମ୍ବନ କରି ଚାଲିଛନ୍ତି। ଏଯାବତ ମଣ୍ଡିରୁ ଧାନ ଆଣି ମିଲରେ ରଖିବା ପ୍ରାପ୍ୟ ଆନୁମାନିକ ପ୍ରାୟ ୫କୋଟିରୁ ଉର୍ଦ୍ଧ୍ୱବୋଲି ଶ୍ରୀବଂସଲ କହିଛନ୍ତି। ସବୁବେଳେ ରାଇସ ମିଲରେ ଧାନ ରକ୍ଷଣ ବେକ୍ଷଣ ( କଷ୍ଟୁଡ଼ି ମେଣ୍ଟେନାନ୍ସ) ଟଙ୍କା କୁ ନେଇ ଯୋଗାଣ ବିଭାଗ ଓ ମିଲର୍ସ ସଂଘ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ତଥାପି ଯୋଗାଣ ବିଭାଗ ସୁଧୁରୁନାହିଁ। ଯୋଗାଣ ବିଭାଗର ଯେମିତି ହାଇ ଡ୍ରାମା ଚାଲିଛି। ମିଲର୍ସ ଙ୍କ ଦାବି ରାଜ୍ୟ ସରକାର ମାନୁଥିବା ସତ୍ତ୍ୱେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ଥିତି ଭିନ୍ନ। ମିଲର୍ସଙ୍କ ଅଭିଯୋଗ ଅନୁଯାୟୀ ୨୦୨୩/୨୪ ଓ ୨୦୨୪/୨୫ ବର୍ଷର ଧାନ ରକ୍ଷଣା ବେକ୍ଷଣ ଅର୍ଥ ରାଶି ବାବଦକୁ ରାଜ୍ୟ ସରକାରଙ୍କ ଦ୍ୱାରା କେବେ ଟଙ୍କା ଦେବାରେ ସ୍ୱାଭାବିକ ସ୍ଥିତି ଫେରିବ ତାହା ମଧ୍ୟ ଜାଣିବା ମୁସ୍କିଲ।

**ସରକାର ଓ ଯୋଗାଣ ବିଭାଗର ଚାଲିଛି ହାଇଡ୍ରାମା**

## କ୍ଷେମାଲୋଏ ପଞ୍ଚାୟତରେ ଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ବୀରମହାରାଜପୁର, ୨୩।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କ୍ଷେମାଲୋଏ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଶିକ୍ଷଣ କେନ୍ଦ୍ର ଲୋକାର୍ପଣ ଉତ୍ସବରେ ସରପଞ୍ଚ ଯଶୋବନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ଃ ନୃପରାଜ ସାହୁ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଉଲୁଣ୍ଡା ବିଡିଓ ଚିନ୍ମୟ ମହାନନ୍ଦ, କ୍ଷେମାଲୋଏ ନାଏବ ସରପଞ୍ଚ ରେବତୀ ବଘାର, ସମିତି ସଭ୍ୟା ଚନ୍ଦ୍ରିକା ବାଘ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ୱୟଂଭୂ ପୁରୋହିତ ଓ କ୍ଷେମାଲୋଏ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମ୍ବରୀଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ୧୦୮ କଳସ ଶୋଭାଯାତ୍ରା

**ବୌଦ୍ଧ, ୨୩।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାମଣ୍ଡା ଗ୍ରାମରେ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠାର ଷଷ୍ଠ ବାର୍ଷିକ ଉତ୍ସବ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ ବଲାଟ ଘାଟରୁ କଳସ ଶୋଭଯାତ୍ରା ଆରମ୍ଭ ହୋଇଥିଲା। ୧୦୮ କଳସ ଶୋଭାଯାତ୍ରାରେ ମହିଳା ପୁରୁଷ ନାମ ସଂକୀର୍ତ୍ତନ ସହ ଘାଟରୁ ବାହାରି ମଣ୍ଡପରେ ପହଞ୍ଚି ଥିଲେ। ମନୋଜ ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବେ କାର୍ତ୍ତିକେଶ୍ୱର ମହାକୁଡ଼ ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର କମିଟି ସଭାପତି ଶେଷଦେବ ଛନ୍ଦ, ସମ୍ପାଦକ ରଞ୍ଜିତ ନାୟକ ସହଯୋଗ କରିଥିଲେ।

## ୩୨ ହଜାର ଗଞ୍ଜେଇ ଚାଷ ନଷ୍ଟ

**ବୌଦ୍ଧ, ୨୩।୧(ସମିସ):** ବୌଦ୍ଧ ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ପାଇଁ ଗ୍ରିନ କ୍ଲିନ୍ କାର୍ଯ୍ୟକ୍ରମକୁ ହାତକୁ ନେଇ ଆଜି କଣ୍ଟାମାଳ ଥାନାଧିକାରୀ ବାସୁଦେବ ଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ ପୁଲିସ କର୍ମଚାରୀମାନେ ଚନ୍ଦନିଆ ମୁଣ୍ଡା ଜଙ୍ଗଲରେ ଚଢ଼ଉ କରି ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। କଣ୍ଟାମାଳ ଥାନା ଚନ୍ଦନିଆ ମୁଣ୍ଡା ଜଙ୍ଗଲରେ ଚଢ଼ଉ କରି ୩୨ ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ପ୍ରାୟ ୩୨ ହଜାର ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛି କଣ୍ଟାମାଳ ପୁଲିସ। ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରି ଗଞ୍ଜେଇ ଚାଷୀଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବାକୁ ପ୍ରୟାସ ଜାରି ରହିଥିବା କଣ୍ଟାମାଳ ଥାନାଧିକାରୀ ଶ୍ରୀ ଭୋଇ ସୂଚନା ଦେଇଛନ୍ତି।

## ଚବିଶ ପ୍ରହରୀ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ବିନିକା, ୨୩।୧(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଗ୍ରାମ ନାମ ମଣ୍ଡଳୀ ଠାରେ ୨୪ପ୍ରହର ନାମଯଜ୍ଞ ପାଇଁ ଆଜି ଅପରାହ୍ନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ପୁରୁଷ ମୁଖ୍ୟ କର୍ତ୍ତା ସହ ଘଣ୍ଟ ଶଙ୍ଖ ସଂକୀର୍ତ୍ତନ ହରିବୋଲ ହୁଳହୁଳିରେ ଗ୍ରାମ ପରିକ୍ରମା କରି ନିକଟ ବଡବନ୍ଧକୁ ଯାଇ ସେଠାରେ ଯଥା ରୀତିନୀତି ପୂଜାର୍ଚ୍ଚନା କରି କଳସରେ ପାଣି ଭର୍ତ୍ତି କରିଥିଲେ। ପରେ ସମସ୍ତ କଳସ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ନାମଯଜ୍ଞରେ କର୍ତ୍ତା ଭାବେ ରଞ୍ଜନ ମହଲା ଓ ତାଙ୍କ ଧର୍ମପତ୍ନୀ ରୀନା ମହଲା ଦାୟିତ୍ୱ ତୁଲାଉଥିବା ବେଳେ ପୂଜାର ଆଚାର୍ଯ୍ୟ ଭାବେ ଶ୍ୟାମସୁନ୍ଦର ହୋତା ଦାୟିତ୍ୱ ନିର୍ବାହ କରୁଛନ୍ତି। ନାମଯଜ୍ଞ ପରିଚାଳନା ଦାୟିତ୍ୱରେ କମିଟି ସଭାପତି ନିର୍ମଳ ଷାଣ୍ଡ, ଉପସଭାପତି ଚୈତନ୍ୟ ଷାଣ୍ଡ, ସମ୍ପାଦକ ପୂର୍ଣ୍ଣ ବଗର୍ତ୍ତୀ, ସହସମ୍ପାଦକ ଘନଶ୍ୟାମ ମୁଦୁଲି, ରିଙ୍କୁ ମଲ୍ଲିକ ପ୍ରମୁଖ ସହ ଗ୍ରାମବାସୀ ସହଯୋଗ କରୁଥିବା ଜଣାପଡ଼ିଛି। ଏହି ନାମଯଜ୍ଞ ୨୪ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ପୂର୍ଣ୍ଣାହୂତି ସହ ନାମଯଜ୍ଞ ଉଦଯାପିତ ହେବ ବୋଲି କମିଟି ତରଫରୁ କୁହାଯାଇଛି।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗରେ ଦୁଇ ଗିରଫ

**ପାଟଣାଗଡ଼, ୨୩।୧(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଲରମ୍ବା ଥାନା ହିର୍ଲି କାଦୋପାଣି ଛକ ନିକଟରୁ ଗୁରୁବାର ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପୁଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ହତ୍ୟା ଅଭିଯୋଗରେ ପୁଲିସ ହିର୍ଲି ଗାଁର ଦୁଇଜଣ ଅଭିଯୁକ୍ତ ମାମୁଁ ଭଣଜାକୁ ଶୁକ୍ରବାର ଗିରଫ କୋର୍ଟ ଚାଲାଣ କରିଛି।ଗିରଫ ଅଭିଯୁକ୍ତ ଦ୍ୱୟ ଲରମ୍ବା ଥାନା ହିର୍ଲି ଗାଁର ସୁଦାମ ବରିହା ଓ ଅର୍ଜୁନ ବରିହା ବୋଲି ଥାନାଧିକାରୀ ଭାନୁ ଶଙ୍କର ଯାଦବ ସୂଚନା ଦେଇଛନ୍ତି।ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ ବୁଧବାର ଅପରାହ୍ନ ୩ ଟା ସମୟରେ ହିର୍ଲି ଗାଁର ଶିବ ସାହୁ ୧୦ ହଜାର ଟଙ୍କା ନେଇ ସାଇକେଲରେ ଘରୁ ବାଘମୁଣ୍ଡ ଗାଁକୁ ଯାଉଥିଲେ। ହିର୍ଲି କାଦୋପାଣି ଛକ ନିକଟରେ ହିର୍ଲି ଗାଁର ସୁଦାମ ବରିହାଙ୍କ କ୍ଷେତରେ ତାଙ୍କ ଭଉଣୀ କୌଣସି କାମ କରୁଥିଲେ। ସେଠାରେ ଶିବ ସାହୁ ସୁଦାମଙ୍କ ଭଉଣୀଙ୍କୁ ଅଶ୍ଳୀଳ ଗାଳିଗୁଲଜ କରି ଦୌଡାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସୁଦାମକୁ ତାଙ୍କ ଭଉଣୀ ଫୋନ କରି ଶିବ ଦୌଡାଉ ଥିବା କହିଥିଲେ। ଉତ୍ତ୍ୟକ୍ତ ହୋଇ ସୁଦାମ ଓ ସମ୍ପର୍କୀୟ ମାମୁଁ ଅର୍ଜୁନ କ୍ଷେତ ନିକଟକୁ ପହଁଞ୍ଚି ବାଡ଼ିରେ ଶିବଙ୍କୁ ଆକ୍ରମଣ କରିଥିଲେ। ଫଳରେ ଶିବ ରକ୍ତାକ୍ତ ହେବାରୁ ସୁଦାମ ତାଙ୍କ ଘରକୁ ନେଇ ରକ୍ତାକ୍ତ ସ୍ଥାନରେ କପଡ଼ା ବାନ୍ଧିଥିଲେ ଓ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ପରେ ଶିବଙ୍କ ମୃତ୍ୟୁ ହୋଇଥିବା ଜାଣି ପୁଣି ମୃତଦେହକୁ ହିର୍ଲି କାଦୋପାଣି ଛକରେ ଛାଡି ପଳାଇଥିଲେ। ଉକ୍ତ ଛକ ଦେଇ ଯାଉଥିବା ଲୋକେ ସ୍ଥାନୀୟ ସରପଞ୍ଚ ଦେବାଶିଷ ସାହୁଙ୍କୁ ଫୋନ କରି ଜଣାଇଥିଲେ। ଶ୍ରୀ ସାହୁ ପୁଲିସକୁ ଜଣାଇବା ପରେ ଲରମ୍ବା ଥାନା ପୁଲିସ ଘଟଣାସ୍ଥଳକୁ ପହଁଞ୍ଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକଙ୍କ ସ୍ତ୍ରୀ ସ୍ନେହଲତା ହତ୍ୟା ଅଭିଯୋଗ ଆଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।





## ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା

**ବୌଦ୍ଧ, ୨୩।୧ (ସମିସ):** ବୌଦ୍ଧ ସହରର ସମସ୍ତ ସ୍କୁଲ କଲେଜରେ ମା ସରସ୍ୱତୀଙ୍କ ପୂଜା ପାଳିତ ହୋଇଛି। ବୌଦ୍ଧ ପଞ୍ଚାୟତ କଲେଜ, ମହିଳା ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜରେ ଛାତ୍ରଛାତ୍ରୀମାନେ ମା'ଙ୍କ ମୂର୍ତ୍ତି ସ୍ଥାପନା କରିଥିଲେ। ପୂଜକ ଜୀବଦାନ ଦେଇ ପୂଜା କରିବାପରେ ପୁଷ୍ପାଞ୍ଜଳି ଓ ହୋମ କରାଯାଇଥିଲା। ଏହାପରେ ସମସ୍ତ ଛାତ୍ରଛାତ୍ରୀ ପ୍ରସାଦ ସେବନ କରିଥିଲେ। ସେହିପରି ବୌଦ୍ଧର ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ବୁଟୁପାଲି ୟୁଜିଏମଇଅ ସ୍କୁଲ ଏବଂ ବେସରକାରୀ ସ୍କୁଲ ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ ଗୁରୁ ମା'ଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଭକ୍ତି ଓ ନିଷ୍ଠାର ସହ ଦେବୀ ବୀଣାପାଣିଙ୍କ ଆଶୀର୍ବାଦ କାମନା କରିଥିଲେ। ଏଏନ୍‌ଏମ୍ ତାଲିମ କେନ୍ଦ୍ରରେ ମଧ୍ୟ ଛାତ୍ରୀମାନେ ମା ବୀଣାପାଣିଙ୍କୁ ପୂଜାର୍ଚ୍ଚନା କରିଥିଲେ।



## ସରସ୍ୱତୀ ପୂଜା ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ

**ବୀରମହାରାଜପୁର, ୨୩।୧ (ସମିସ):** ବିରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତ ଅନ୍ତର୍ଗତ ବାଘରତୈଳକ୍ଷ ଗ୍ରାମ୍ୟ ସହଯୋଗ ଦ୍ୱାରା ସରସ୍ୱତୀ ପୂଜା ଉପଲକ୍ଷେ ଏକ ସୁନ୍ଦରାକାଣ୍ଡ ପରାୟଣ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାସ ଭାବରେ ସୁନାମଧନ୍ୟ ପରାୟଣ ଗାୟିକା ବୌଦ୍ଧ ଜିଲ୍ଲାର ଗୁଣ୍ଡୁଚିଡିରା ଗ୍ରାମର ରଶ୍ମିତା ମିଶ୍ର ଯୋଗଦେଇ ସୁନ୍ଦରାକାଣ୍ଡ ପରାୟଣ ପଠନ କରିଥିଲେ। ଏଥିରେ ପୂଜକ ଭାବରେ ବିସିକେଶନ ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦିତ କରିଥିଲେ। କର୍ତ୍ତା ଭାବରେ ରଘୁନାଥ ପଳତା ଓ ତାଙ୍କ ଧର୍ମପତ୍ନୀ ଯୋଶଦା ପଳତା କାର୍ଯ୍ୟ ତୁଲାଇ ଥିଲେ। କାର୍ଯ୍ୟକ୍ରମରେ ଗୋପାଳ ବଡ଼ମାଳି, ବଳରାମ ମହାକୁର, ସୌମିତ୍ରୀପଳତା. ଜଟାଧାରୀ ବଡ଼ମାଳୀ. ସୁରେଶ ପଳତା, ସଞ୍ଜୁ ବଡ଼ମାଳି ଓ ବାଘରତୈଳା ଗ୍ରାମବାସୀ ସହଯୋଗ କରିଥିଲେ।

## ଦ୍ୱିତୀୟ ସ୍ତ୍ରୀକୁ ମାନସିକ ଚାପ ମହଙ୍ଗା ପଡ଼ିଲା, ଜେଲ ଗଲେ ସ୍ୱାମୀ ଓ ପ୍ରଥମ ସ୍ତ୍ରୀ

**ଜୟପାଟଣା, ୨୩।୧(ସମିସ):** ବିବାହ ପରେ ବି ପ୍ରେମ କରି ଫସିଲେ, ଜେଲ ଗଲେ ଆଉ ଏବେ ମାନସିକ ଚାପ ଦେଇ ଆଇହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଜେଲ ଗଲେ ରସିକ ସ୍ୱାମୀ ଓ ତାଙ୍କ ପ୍ରଥମ ସ୍ତ୍ରୀ।ଜଣେ ସ୍ତ୍ରୀ ତାର ସବୁକିଛି ଦେଇ ପାରିବ କିନ୍ତୁ ନିଜର ସ୍ୱାମୀକୁ ଭାଗ କରି ପାରିବନି। କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ମୁଖୀଗୁଡା ସେକ୍ଟର ୩ ରହୁଥିଲେ ଲକ୍ଷ୍ମୀକାନ୍ତ(ଓରଫ କମଳାକାନ୍ତ, ସୁମନ୍ତ) ଓ ତାଙ୍କ ସ୍ତ୍ରୀ ଅନିତା। ସୁଖଦୁଃଖ ହସଖୁସିରେ ଚାଲିଥିଲା ଦୁହିଁଙ୍କ ସଂସାର। ଦୁଇ ଝିଅ କୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ ଅନିତା। କିନ୍ତୁ ଲକ୍ଷ୍ମୀକାନ୍ତ ଙ୍କ ମନ ଗୋଟିଏ ସ୍ତ୍ରୀରେ ଶାନ୍ତ ହେଲାନି।ବିବାହିତ ହୋଇ ମଧ୍ୟ ରସିକ ସାଜିଲେ ଲକ୍ଷ୍ମୀକାନ୍ତ ସ୍ଥାନୀୟ ମହିପାଣି ଗାଁ ଏକ ଜଣେ ୨୩ ବର୍ଷୀୟ ଯୁବତୀ ନୂତନ ମଞ୍ଜରୀକୁ ନୂତନ ସ୍ୱପ୍ନ ଦେଖାଇ ନିଜର ସ୍ତ୍ରୀ କରି ରଖିବି ବୋଲି ପ୍ରେମ ବିବାହ କରିଦେଲେ। ପରେ ଅନିତାଙ୍କ ଜୀବନରେ ଛାଇଗଲା କଳାର ବାଦଲ। ଅନେକ ଥର ନିଜ ସ୍ୱାମୀକୁ ବୁଝେଇ ବୁଝେଇ ଥକି ଯିବା ପରେ ଆଇନର ଆଶ୍ରୟ ନେଇଥିଲେ ଅନିତା। ଏ ନେଇ ଜେଲ ମଧ୍ୟ ଯାଇଥିଲା ଲକ୍ଷ୍ମୀକାନ୍ତ। କିନ୍ତୁ ବେଲରେ ଆସିମଧ ତାହାର କିଛି ପରିବର୍ତ୍ତନ ହେଲାନାହିଁ। ଏ ସମୟରେ ଅନିତାଙ୍କ ତୃତୀୟ ଗର୍ଭ ଥିବା ବେଳେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ।ପ୍ରଥମ କେଶ କୋର୍ଟରେ ବିଚାରଧୀନ ଥିବା ବେଳେ ପୁର୍ନବାର ଆଉ ଥରେ କେଶ କରିଥିଲେ ଅନିତା। ଏ ଘଟଣା ପରେ କମଳାକାନ୍ତ, ଅନିତା ଓ ନୂତନ ମଞ୍ଜରୀଙ୍କ ମଧ୍ୟରେ ବୁଝାସୁଝା ହୋଇଥିଲା ଓ ସେମାନେ ତିନିଜଣ ଗୋଟିଏ ଘରେ ରହି ଆସୁଥିଲେ। ଅନିତା ଦୁହିଁଙ୍କୁ ଆପଣେଇ ଥିବା ବେଳେ ମଧ୍ୟ ହୃଦୟରେ ଘଟଣାକୁ ଗ୍ରହଣ କରି ପାରି ନଥିଲେ। ମଝି ମଝିରେ ଝଗଡ଼ା ମଧ୍ୟ ହେଉଥିଲା। ଗତ ବୁଧବାର ଦିନ ଅନିତା କରିଥିବା କେଶରେ ଲକ୍ଷ୍ମୀକାନ୍ତ ଓ ନୂତନ ମଞ୍ଜରୀ ବେଲ ରେ ଯାଇଥିବା ବେଳେ ସେଦିନ ରାତିରେ ତିନି ଜଣଙ୍କ ମଧ୍ୟରେ ଜୋର ବଚସା ହୋଇଥିଲା। ତା ପୂର୍ବ ଦିନ ନୂତନ ମଞ୍ଜରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା।ପରବର୍ତ୍ତୀ ସମୟରେ ନୂତନ ମଞ୍ଜରୀଙ୍କ ବାପା ତାଙ୍କ ଝିଅକୁ ମାରି ଦେଇଥିବା ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ସାଇଫିଣ୍ଟିକ ଟିମ୍ ସହ ତଦନ୍ତ ଆରମ୍ଭ କରିଥିଲେ। ତେବେ ବର୍ତ୍ତମାନ ଲକ୍ଷ୍ମୀକାନ୍ତ ଓ ତାଙ୍କ ପୂର୍ବ ସ୍ତ୍ରୀ ଅନିତା କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋଟିଏ ଭୁଲ ପାଇଁ ଜଣକର ଜୀବନ ଯାଇଥିବା ବେଳେ ଗୋଟିଏ ସୁନାର ସଂସାର ଉଜୁଡ଼ି ଯାଇଛି। ଅନ୍ୟପଟେ ତିନି ଶିଶୁ ଅସହାୟ ହୋଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୨୩।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଭାଇ ଭଉଣୀ, ଅଭିଭାବିକା ଓ ଗୁରୁଜୀ ଗୁରୁମା ଅନ୍ଧାରିବାଞ୍ଜି ସ୍ଥିତ ଶିବ ମନ୍ଦିରରେ ପୂଜାକରି ଘୋଷ ସହ ବିଦ୍ୟାଳୟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ବିଦ୍ୟାଳୟରେ ସମସ୍ତ ଭାଇ ଭଉଣୀ ଙ୍କ ଗୋଡ଼ ଧୌତ କରି ପ୍ରଧାନ ଆଚାର୍ଯ୍ୟ ସ୍ୱାଗତ କରିଥିଲେ। ବିଦ୍ୟାଳୟରେ ସରସ୍ୱତୀ ପୂଜା କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ଗାୟତ୍ରୀ ପଧାନ, ପ୍ରିୟଙ୍କା ମାଝୀ, ଗୁରୁମା ନିରୁପମା ରାୟ, ମମତା ବିଶି, ଚନ୍ଦନା ଦଣ୍ଡସେନା, କୌଶଲ୍ୟା ବଡ଼େଇ, ଲିଳିମା ସାହୁ, ନୀଳାବତୀ ଥପା, ସଉକି ନାଏକ, ସେଲୋନୀ କର୍ଣ୍ଣ, ମାନସୀ ମାଝୀ, ବେଦମତୀ ଦନ୍ତା, ଗୌତମ ଭୋଇ, କପିଳେଶ୍ୱର ପାଣ୍ଡେ, ଶତ୍ରୁଘ୍ନ ସାହୁ, ଲିଙ୍ଗରାଜ ପୁଟେଲ, ଅମିତ ରଣା, ବାଙ୍କା ମହାକୁର ସହଯୋଗ କରିଥିଲେ।




### କଣ୍ଟାମାଳରେ ବ୍ୟବସାୟୀ ସଂଘ ଗଠିତ

# ପର୍ଶୁରାମ ସଭାପତି, ସୁଧୀର ସମ୍ପାଦକ

**କଣ୍ଟାମାଳ, ୨୩।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ସଦର ମହକୁମାରେ ଗଠିତ ହୋଇଛି ଆଉ ଏକ ବ୍ୟବସାୟୀ ସଂଘ। ଗତକାଲି ସନ୍ଧ୍ୟାରେ ବ୍ୟବସାୟୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଗଙ୍ଗା ଟେଷ୍ଟ ହାଉସ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଆଇନଜୀବୀ କୈଳାଶ ଚନ୍ଦ୍ର ବାରିକ, ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ବ୍ୟବସାୟୀ କୁମର ସାହୁ ଓ ଭୀମସେନ ସାହୁ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ବ୍ୟବସାୟୀମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ସହ କ୍ଷୁଦ୍ର ଏବଂ ବଡ଼ ବ୍ୟବସାୟୀଙ୍କ ମଧ୍ୟରେ କୌଣସି ତାରତମ୍ୟ ନରଖିବା, କଣ୍ଟାମାଳ ଖାଉଟିଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା, ବ୍ୟବସାୟ ସହିତ ସମାଜସେବା ଏବଂ କଣ୍ଟାମାଳର ବିକାଶ ପ୍ରତ୍ୟେକଙ୍କ ଲକ୍ଷ୍ୟ ରହିବା ଦରକାର ବୋଲି କହିଥିଲେ। ଏହି ଅବସରରେ ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ ନାମରେ ଏକ ସଂଘ ଗଠିତ ହୋଇଥିଲା। ନୂତନ କର୍ମକର୍ତ୍ତାଙ୍କ ନାମ ରଞ୍ଜିପ କୁମାର ସାହୁ ଘୋଷଣା କରିଥିଲେ। ନୂତନ ସଂଘର ସଭାପତିଭାବେ ପର୍ଶୁରାମ ସ୍ୱାଇଁ, ଚୈତନ୍ୟ ରଣା ଉପ ସଭାପତି, ସୁଧୀର କୁମାର ପାଣିଗ୍ରାହୀ ସମ୍ପାଦକ, ପ୍ରଦୀପ କୁମାର ପ୍ରଧାନ ସହ-ସମ୍ପାଦକ ଓ ଲଳିତ କୁମାର ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଦୁର୍ଗେଶ ବାରିକ, ଗଙ୍ଗାଧର ଛାତ୍ରିଆ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନୂତନ ବ୍ୟବସାୟୀ ସଂଘର ଆଗାମୀ ଦିନର କାର୍ଯ୍ୟକ୍ରମ କଣ ହେବ ସେନେଇ ଏକ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ସତୀଶ ମାହାଣାଙ୍କୁ ନବ ନିର୍ବାଚିତ କମିଟି ସଦସ୍ୟମାନେ ଅନୁରୋଧ କରିଥିଲେ। ଶେଷରେ ଜଗନ୍ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏ ଜୟନ୍ତୀ

**ବୌଦ୍ଧ, ୨୩।୧(ସମିସ)**

ଆଜି ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାପୁଜୀନଗରରେ ବକୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଯଥାକ୍ରମେ ଖୁସି ଦୀପ ଅଷ୍ଟମ ଶ୍ରେଣୀ ପ୍ରଥମ ସ୍ଥାନ, ଆମିଷା ବେହେରା ଦ୍ୱିତୀୟ ସ୍ଥାନ ଓ ସ୍ୱରୂପ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଶ୍ରୀ କମଳକାନ୍ତ୍ର ଦଳବେହେରା, ସମ୍ମାନୀତ ଅତିଥି ଭାବରେ ସତ୍ୟନାରାୟଣ ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ମଧ୍ୟାହ୍ନ ଭୋଜନ ବିଭାଗର ଶୁଭେନ୍ଦୁ ବାରିକ ଏବଂ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସାଧୁ ସାହୁ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷୟତ୍ରୀ ରଞ୍ଜିତା ମିଶ୍ର। ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ତଥା ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଗୀତ ଓ ନାଚ ଇତ୍ୟାଦି ପରିବେଷଣ କରିଥିଲେ। ସଂଯୋଜନା କରିଥିଲେ ବରିଷ୍ଠ ଶିକ୍ଷୟତ୍ରୀ ଶୁଭ୍ରସ୍ମିତା ମେଣ୍ଡଲି। ସମସ୍ତ କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷୟିତ୍ରୀ ଉଷାରାଣୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ମୀନାରାଣୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

**ତରଭା:** ତରଭା ବ୍ଲକ ଅନ୍ତର୍ଗତ କୁମ୍ଭାରମୁଣ୍ଡା ସାଧନ କେନ୍ଦ୍ରର କୁମ୍ଭାରମୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜୟକୁମାର ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ସାଧନ କେନ୍ଦ୍ର ସଂଯୋଜକ ସାରଙ୍ଗ ପଧାନ ଯୋଗଦେଇଥିଲେ। ବୀର ସୁରେନ୍ଦ୍ର ସାଏ ଓ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ନାରାୟଣ ବାଗ, ବ୍ରଜ କିଶୋର ଷାଣ୍ଢ, ଟିଙ୍କୁ ପଧାନ, ଶିକ୍ଷୟିତ୍ରୀ ଭୋଜୋସ୍ୱିନି ବିଶ୍ୱାଳ, ଆଇଇଭି ଆଦିତ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦୁଃଶାସନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତରଭା ବ୍ଲକ ଅନ୍ତର୍ଗତ ବୁଡ଼ାଖମନ ପ୍ରାଥମିକ ବିଦ୍ୟାଳୟରେ ଏହି ଜୟନ୍ତୀ ପାଳିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତୁଷ୍ଟରକାନ୍ତ ବିଶ୍ୱାଳ, ସହକାରୀ ଶିକ୍ଷକ ରୋହିତ କୁଅଁର, ଅଙ୍ଗନବାଡି କର୍ମୀ ଭାଗ୍ୟବତୀ ମିଶ୍ର ଓ ସହାୟିକା ତୃପ୍ତିମୟୀ ବାରିକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରେମାନନ୍ଦ ଝାଙ୍କର ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶିକ୍ଷକ ଶ୍ରୀକୁଁଅର ଧନ୍ୟବାଦ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଫଆରସିସିରେ ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ବିଜୟ ସାହୁ, ଅକ୍ଷୟ କୁମାର ବାଘ, ଧୀରେନ୍ଦ୍ର ବିଜୟ ସାହୁ, ଜୟପ୍ରକାଶ ନାରାୟଣ ସାହୁ, ରବୀନ୍ଦ୍ର ଠାକୁର, ରାଜେଶ କୁମାର ମେହେର, ମାଙ୍ଗେଲାଲ ଅଗ୍ରୱାଲ, ବୃକୋଦର ମେହେର, ବନବାସ ମେହେର ପ୍ରମୁଖ ଯୋଗଦେଇଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଉଲୁଣ୍ଡାଠାରେ ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗର ତତ୍ତ୍ୱାବଧାନରେ ଆଜି ସାମୂହିକ ସରସ୍ୱତୀ ପୂଜା ଓ ସମର୍ପଣ ଦିବସ ଅବସରରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି। ସରସ୍ୱତୀ ପୂଜା ପରେ ଶିଶୁ ଉଦୟ ଶ୍ରେଣୀର ବିଦ୍ୟାରଂଭ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂତନ ଭାବରେ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଖଡ଼ି ଛୁଆଁ ହେବା ସହ ସମର୍ପଣ ଦିବସ ପାଳିତ ହୋଇଥିଲା। ଏହି ସମର୍ପଣ ଦିବସରେ ସମସ୍ତ ଅଭିଭାବକ ବିଦ୍ୟାଳୟ ଉନ୍ନତି ପାଇଁ ଗୋଟିଏ ଲେଖାଏଁ ଚୌକି ଶ୍ରଦ୍ଧା ସହିତ ସମର୍ପଣ କରିଥିଲେ। ପରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ମୁଖଅତିଥି ପର୍ଯ୍ୟାବରଣ ଗତିବିଧି ବଲାଙ୍ଗୀର ବିଭାଗ ସଂଯୋଜକ ଧର୍ମନିରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଯୋଗଗୁରୁ ଡ.ହୃଷୀକେଶ ଦେହେରି, ବିଜେପି ଉଲୁଣ୍ଡା ମେଟାକାନି ମଣ୍ଡଳ ସଭାପତି ମୁକ୍ତୁ କୁମାର୍ ବାଘ ଯୋଗ ଦେଇଥିଲେ। ବିଦ୍ୟାଳୟର ଉନ୍ନୟନ ସଭ୍ୟ ତଥାଗତ ମହାକୁଡ଼ ଧନ୍ୟବାଦ ଦେଇଥିଲେ।

### ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ

# ଭାଗନେବେ ବୌଦ୍ଧର ତିନି ଓଡ଼ିଶୀ ନୃତ୍ୟଶିଳ୍ପୀ



**ବୌଦ୍ଧ, ୨୩।୧(ସମିସ):** ପ୍ରଣାମ ନୃତ୍ୟାନୁଷ୍ଠାନ ବୌଦ୍ଧର ତିନିଜଣ ଓଡିଶୀନୃତ୍ୟ ଶିଳ୍ପୀ ଦିଲ୍ଲୀରେ ପାଳନ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। ଏଥିପାଇଁ ସେମାନେ ଚୟନ ହୋଇ ଦିଲ୍ଲୀଠାରେ କ୍ଷେତ୍ରୀୟ ଅଭ୍ୟାସରେ ଭାଗ ନେଉଛନ୍ତି। ସେମାନେ ହେଲେ ସ୍ନେହାରଣୀ ମିଶ୍ର ଓ ଅନ୍ୟ ଦୁଇ ଭଉଣୀ ହଂସିକା ମନ୍ତ୍ରୀ ଓ ଆଶ୍ଳେଷା ମନ୍ତ୍ରୀ। ଦିଲ୍ଲୀଠାରେ ପାଳନ ହେବାକୁ ଥିବା ଜାତୀୟସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ରାଷ୍ଟ୍ରପତି ଭବନ ଠାରୁ ଇଣ୍ଡିଆଗେଟ ପରିବ୍ୟାପ୍ତ କର୍ତ୍ତବ୍ୟମାର୍ଗରେ ଆୟୋଜିତ ହେବାକୁ ଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାରା ଭାରତରୁ ୨୫୦୦୦ ବିଶିଷ୍ଟ ନୃତ୍ୟଶିଳ୍ପୀ ବିଭିନ୍ନ ନୃତ୍ୟ ପରିବେଷଣ କରିବେ। ତନ୍ମଧ୍ୟରେ ଓଡ଼ିଶାର ଓଡିଶୀ ନୃତ୍ୟ ଅନ୍ତର୍ଭୁକ୍ତ। ଏହି ତିନି ଜଣ ନୃତ୍ୟଶିଳ୍ପୀ ପ୍ରଣାମ ନୃତ୍ୟାନୁଷ୍ଠାନରେ ଗୁରୁ ପ୍ରଶାନ୍ତ କୁମାର ଭାଇନାଙ୍କ ତତ୍ତ୍ୱାବଧାନରେ ନିୟମିତ ଓଡିଶୀ ନୃତ୍ୟ ଅଭ୍ୟାସ କରୁଥିବାବେଳେ ଜାତୀୟ ଓ ରାଜ୍ୟସ୍ତରୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ଅନେକ ସୁନାମ ସାଉଁଟିଛନ୍ତି। ଏହି ଜାତୀୟସ୍ତରୀୟ ଗୌରବମୟ କାର୍ଯ୍ୟକ୍ରମରେ ଭାଗନେଉଥିବା ପ୍ରଣାମ ନୃତ୍ୟାନୁଷ୍ଠାନ, ବୌଦ୍ଧର ଏହି ତିନି ଜଣ ନୃତ୍ୟଶିଳ୍ପୀଙ୍କୁ ବୌଦ୍ଧର ଜନସାଧାରଣ ଶୁଭେଚ୍ଛା ଜଣାଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୬୩ ● ପାଉଣ୍ଡ ୧୨୩.୩୯
- ୟୁରୋ ୧୦୭.୪୬ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୫୬,୯୯୦ (ଭୁବନେଶ୍ୱର)
- ରୁପା : ୩,୪୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୩୭.୦୦
- ନିଫ୍ଟି ୨୫,୦୪୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ପୁଣି ଭାଙ୍ଗିଲା ସୁନା, ରୁପା ରେକର୍ଡ

# ସୁନା ଦିନକରେ ପାଞ୍ଚ ହଜାର ମହଙ୍ଗା



**ନୂଆଦିଲ୍ଲୀ,୨୩ା୧(ଏଜେନ୍ସି):** ସୁନା ଓ ରୁପା ବଜାର ଦରରେ ଲାଗିଛି ନିଆଁ। ବୈଶ୍ୱିକ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା୍ ୧.୬୦ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୫୦୦୦ ଟଙ୍କା ବୃଦ୍ଧି ଘଟିଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୫୭ ଲକ୍ଷ ଟଙ୍କା ଅତିକ୍ରମ କରିଛି। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ସୁନା ମୂଲ୍ୟରେ ଏଭଳି ବୃଦ୍ଧି ହୋଇଛି। ତେବେ ରୁପା ଦର କିଲୋ ପିଛା ସାଢ଼େ ତିନି ଲକ୍ଷ ମୁହାଁ ହୋଇ ଆଉ ଏକ ରେକର୍ଡ କରିବାକୁ ଯାଉଛି।

ଆଜି ଘରୋଇ ବଜାରରେ ସୁନା ମୂଲ୍ୟ ଏହାର ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଛି। ଅଖିଳ ଭାରତୀୟ ସରାଫା ସଂଘର ରିପୋର୍ଟ ମୁତାବକ ଶୁକ୍ରବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ଦିନକରେ ୫,୪୦୦ ଟଙ୍କା ବୃଦ୍ଧି ଘଟି ୧,୫୯,୭୧୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ଶୁକ୍ରବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୫୬,୯୯୯ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୪୪,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୩,୪୧,୦୦୦ ଟଙ୍କା ଛୁଇଁଛି।

ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଗ୍ରୀନ୍ ଲ୍ୟାଣ୍ଡ ଅକ୍ତିଆର ମସୁଧା ସହ ଇରାନ ଆକ୍ରମଣ ଯୋଜନା ସହ ମନମୁଖୀ ବାଣିଜ୍ୟ ନୀତି ଯୋଗୁ ସାରା ଦୁନିଆରେ ବ୍ୟବସାୟିକ କାରବାର ଆଶଙ୍କା ମଧ୍ୟରେ ରହିଛି। ଭୂରାଜନୈତିକ ଉତ୍ତେଜନା, ଦୁର୍ବଳ ଆମେରିକୀୟ ଡଲାର ଏବଂ ଆମେରିକୀୟ ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସ ଆଶା ଯୋଗୁଁ ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପାଇଛି। ଏହାବାଦ୍ ଫେଡେରାଲ୍ ରିଜର୍ଭର ପରବର୍ତ୍ତୀ ବୈଠକ ଜାନୁଆରୀ ୨୭ରେ ଅନୁଷ୍ଠିତ ହେବାକୁ ଯାଉଛି, ଯାହା ଉପରେ ସାରା ବିଶ୍ୱର ନଜର। ଏଭଳି ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତାରେ ବିଶ୍ୱ ମାନ୍ଦାବସ୍ଥା ଆଶଙ୍କା ବଢ଼ିଯାଇଛି। ଏଭଳି ପରିସ୍ଥିତିରେ ଲୋକେ ସୁନାରେ ନିବେଶ ବଢ଼ାଉଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ସୁନା ମୂଲ୍ୟରେ ବୃଦ୍ଧି ଘଟୁଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନୀରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟରେ ପାଖାପାଖି ୪% ହ୍ରାସ ଘଟିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି। ବିବାହ ଋତୁ ପାଖେଇ ଆସିଲାଣି। ଏଭଳି ସମୟରେ ସୁନା ଗହଣା ଚାହିଦା ବୃଦ୍ଧି ପାଇଛି। ଏହା ମଧ୍ୟ ଏହି ହଳଦିଆ ଧାତୁର ଦର ବୃଦ୍ଧିର ଅନ୍ୟ ଏକ କାରଣ। ନିବେଶ ଲାଗି ସୁରକ୍ଷିତ ମାଧ୍ୟମ ହେବା ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଚୁର ମାତ୍ରାରେ ସୁନା କ୍ରୟ ଏହି ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

### ଭୁବନେଶ୍ୱରରେ ଦର ୩.୫୭ ଲକ୍ଷ
### ରୁପା ଦର ସାଢ଼େ ତିନି ଲକ୍ଷ ମୁହାଁ

# ରୁପାରେ ଚାଲିଛି ଖେଳ !

**ବଜାର ଦରଠାରୁ ୪୦ ହଜାର ଅଧିକରେ ହେଉଛି କାରବାର**



**ନୂଆଦିଲ୍ଲୀ,୨୩ା୧(ଏଜେନ୍ସି):** ରୂପା ମୂଲ୍ୟରେ ବୃଦ୍ଧି ଧାରା ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ। ଗୁରୁବାର ଦର ହ୍ରାସ ପରେ ଶୁକ୍ରବାର ଏହାର ମୂଲ୍ୟ ପୁଣି ବୃଦ୍ଧି ପାଇଛି। ଶୁକ୍ରବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ) ରେ ରୁପା ମୂଲ୍ୟ ପ୍ରାୟ ୩.୩୪ ଲକ୍ଷ ଟଙ୍କାରେ କାରବାର କରୁଛି। ହେଲେ ପ୍ରମୁଖ ଭାରତୀୟ ସୁନା ବ୍ୟବସାୟୀମାନେ ଏମ୍‌ସିଏକ୍ସରେ ରୁପା ମୂଲ୍ୟରେ ହଠାତ୍ ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆ ଅନୁଯାୟୀ, ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡସ୍ମିଥ୍ସ ଫେଡେରେସନ୍ (ଏଆଇଜେଜିଏଫ୍) ଏ ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ ଅଛି ଯେ ରୁପା ବଜାର ମୂଲ୍ୟଠାରୁ ପ୍ରାୟ ୪୦,୦୦୦ ଟଙ୍କା ପ୍ରତି କିଲୋଗ୍ରାମ କାରବାର ହେଉଛି।

ଏଆଇଜେଜିଏଫ୍‌ର ଜାତୀୟ ସଭାପତି ପଙ୍କଜ ରୋରା ଏବଂ ଜାତୀୟ ସାଧାରଣ ସମ୍ପାଦକ ନୀତିନ କେଡିଆ କହିଛନ୍ତି ଯେ ମୂଲ୍ୟରେ ଏହି ତୀକ୍ଷ୍ଣ ଏବଂ ହଠାତ୍ ପରିବର୍ତ୍ତନ ରୁପା ଉପରେ ଆମଦାନୀ ଶୁଳ୍କ ବୃଦ୍ଧିର ଗୁଜବ ସହିତ ଜଡିତ। ଏମ୍‌ସିଏକ୍ସର ଜଣେ ମୁଖପାତ୍ର କହିଛନ୍ତି ଯେ ବିଶ୍ୱବ୍ୟାପୀ ଚାଲିଥିବା ଭୂ-ରାଜନୈତିକ ଘଟଣାବଳୀ ଯୋଗୁଁ ରୁପା ବଜାରରେ ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତା ଦେଖାଯାଉଛି। ଏହା ବ୍ୟତୀତ, ଦେଶର ସ୍ଥାନୀୟ କାରଣଗୁଡ଼ିକ ମଧ୍ୟ ଘରୋଇ ବଜାର ମୂଲ୍ୟକୁ ପ୍ରଭାବିତ କରିଛି।

### ଏମ୍‌ସିଏକ୍ସରେ ହଠାତ୍ ମୂଲ୍ୟ ବୃଦ୍ଧିକୁ ନେଇ ବ୍ୟବସାୟୀ ଚିନ୍ତିତ
### ଅର୍ଥମନ୍ତ୍ରୀଙ୍କୁ ଲେଖିଲେ ଚିଠି

**ବୈଶ୍ୱିକ ଉତ୍ତେଜନାର ପ୍ରଭାବ**

# ସେନ୍‌ସେକ୍ସରେ ୭୭୦ ପଏଣ୍ଟ ହ୍ରାସ

**ମୁମ୍ବଇ,୨୩ା୧(ଏଜେନ୍ସି):** ତଳମୁହାଁ ଭାରତୀୟ ସେୟାର ବଜାର। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୭୭୦ ପଏଣ୍ଟ ହ୍ରାସ ପାଇ ୮୧,୫୩୮ ପଏଣ୍ଟରେରେ ବନ୍ଦ ହୋଇଛି। ଏହା ସପ୍ତାହର ଚତୁର୍ଥ ବଡ଼ ହ୍ରାସ ଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି) ରେ ମଧ୍ୟ ପ୍ରାୟ ୨୪୧ ପଏଣ୍ଟ ହ୍ରାସ ଘଟି ୨୫,୦୪୮ ପଏଣ୍ଟରେ ବନ୍ଦ ହୋଇଥିଲା। ଆଜିର କାରବାରରେ ସେନସେକ୍ସର ୩୦ଟି ଷ୍ଟକ୍ ମଧ୍ୟରୁ ୨୪ଟି ହ୍ରାସ ପାଇଥିବାବେଳେ ୬ଟି ବୃଦ୍ଧି ପାଇଛି। ନିଫଟିରେ ବ୍ୟାଙ୍କିଂ, ଅଟୋ, ମିଡିଆ ଏବଂ ଧାତୁ ଷ୍ଟକ୍ ସବୁଠାରୁ ଅଧିକ କ୍ଷତି ଦେଖିଛି। ଏହି ହ୍ରାସ ଫଳରେ ନିବେଶକମାନଙ୍କର ଆଜି ଗୋଟିଏ ଦିନରେ ୬ ଲକ୍ଷ କୋଟି ଟଙ୍କା କ୍ଷତି ସହିଥିବାବେଳେ ସପ୍ତାହକ ମଧ୍ୟରେ ନିବେଶକଙ୍କ କ୍ଷତି ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆଜିର କାରବାରରେ ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକର ସେୟାର ମୂଲ୍ୟ ୧୫% ପର୍ଯ୍ୟନ୍ତ ହ୍ରାସ ପାଇଛି। ଆମେରିକୀୟ ବଜାର ନିୟାମକ ଗୌତମ ଆଦାନୀ ଏବଂ ତାଙ୍କ ଭଣଜା ସାଗର ଆଦାନୀଙ୍କୁ ଇମେଲ୍ ମାଧ୍ୟମରେ ବ୍ୟକ୍ତିଗତ ଭାବରେ ସମନ କରିବାକୁ ଫେଡେରାଲ୍ କୋର୍ଟକୁ ଅନୁରୋଧ କରିଥିବାରୁ ଗ୍ରୁପ କମ୍ପାନୀର ସେୟାର ମୂଲ୍ୟରେ ଏହି ହ୍ରାସ ଘଟିଥିବା ବିଶ୍ୱାସ କରାଯାଉଛି।

ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକର ସେୟାରରେ ୧୫% ହ୍ରାସ ଆଦାନୀ ବିରୋଧରେ ଠକେଇ ଅଭିଯୋଗରୁ ହୋଇଛି। ୨୦୨୪ରେ ଗୌତମ ଆଦାନୀ ଏବଂ ଅନ୍ୟ ୮ଜଣଙ୍କ ବିରୁଦ୍ଧରେ ଆମେରିକାରେ କୋଟି କୋଟି ଟଙ୍କାର ଠକେଇ ଅଭିଯୋଗ ହୋଇଥିଲା। ଆଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟାଳୟର ଅଭିଯୋଗ ଅନୁଯାୟୀ, ଆଦାନୀଙ୍କ କମ୍ପାନୀ ଭାରତରେ ଠକେଇ କରି ନବୀକରଣୀୟ ଶକ୍ତି ପ୍ରକଳ୍ପ ହାସଲ କରିଥିଲା। ଆଦାନୀଙ୍କ ବିରୁଦ୍ଧରେ ସରକାରୀ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର କିମ୍ବା ପ୍ରାୟ ୨୦୨୯ କୋଟି ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ ମଧ୍ୟ ହୋଇଥିଲା। ଅଭିଯୁକ୍ତମାନେ ଆମେରିକୀୟ ନିବେଶକ ଏବଂ ବ୍ୟାଙ୍କଗୁଡ଼ିକୁ ମିଛ କହି ଟଙ୍କା ସଂଗ୍ରହ କରିଥିଲେ ବୋଲି ଅଭିଯୋଗ ହୋଇଛି। ଆଦାନୀ ଗ୍ରୁପ୍ ବିରୁଦ୍ଧରେ ଆମେରିକାର ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ବଜାର ତଳମୁହାଁ ହେବାର ଆଜି ଏକ ପ୍ରମୁଖ କାରଣ ଥିଲା।

**ନିବେଶକ ଲହୁଲୁହାଣ; ସପ୍ତାହକରେ ହରାଇଲେ ୨୧ ଲକ୍ଷ କୋଟି**

**ଆଦାନୀ ଗ୍ରୁପ୍ ସେୟାର ୧୫% ଖସିଲା**

## ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ବୈଠକ

**ଭୁବନେଶ୍ୱର,୨୩ା୧(ସମିସ):** ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୨୫ରେ ପ୍ରତିଷ୍ଠିତ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଏହାର ଶତବାର୍ଷିକୀ ବର୍ଷରେ ପ୍ରବେଶ କରିଛି, ଯାହା ଦେଶ ପ୍ରତି ୧୦୦ ବର୍ଷର ସେବାର ଏକ ଅବିଶ୍ୱସନୀୟ ଯାତ୍ରା। ସବୁଠାରୁ ପୁରୁଣା ଏବଂ ସକ୍ରିୟ ଜାତୀୟ ଚାମ୍ବର ମଧ୍ୟରୁ ଗୋଟିଏ ଭାବରେ, ଇଣ୍ଡିଆନ ଚାମ୍ବର ଅଫ କମର୍ସ ଭାରତର ଶିଳ୍ପ ପରିଦୃଶ୍ୟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ରାଜୀବ ଶେଖର ସାହୁ ପୁଣି ଥରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଧର୍ମାଦିତ୍ୟ ପଟ୍ଟନାୟକଙ୍କୁ ପୁଣିଥରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ବରିଷ୍ଠ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ନୀଳଞ୍ଜନା ମୁଖାର୍ଜୀ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ରହିବେ। କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଜେ.ବି. ପାଣି, ଆଞ୍ଚଳିକ ମୁଖ୍ୟ ଜେ.ପି. ପାଲ ଏବଂ ଚାମ୍ବରର ଅନ୍ୟାନ୍ୟ ସମ୍ମାନିତ ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ।

**ବାଣିଜ୍ୟ ଚୁକ୍ତି ପୂର୍ବରୁ ୟୁରୋପ ଦେଲା ବଡ଼ ଝଟ୍‌କା**

# ଭାରତୀୟ ସାମଗ୍ରୀ ଉପରେ ରପ୍ତାନି ଲାଭ ସ୍ଥଗିତ



**ନୂଆଦିଲ୍ଲୀ,୨୩ା୧(ଏଜେନ୍ସି):** ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ଚଳିତ ମାସରେ ଘୋଷଣା ହେବାର ଆଶା କରାଯାଉଛି। ତଥାପି, ଏହା ପୂର୍ବରୁ ୟୁରୋପ ଭାରତକୁ ବଡ଼ ଝଟ୍‌କା ଦେଇଛି। ଇୟୁ କିଛି ଭାରତୀୟ ସାମଗ୍ରୀ ଉପରେ ରପ୍ତାନି ଲାଭ ସ୍ଥଗିତ ରଖିଛି। ଏଥିରେ ବୟନଶିଳ୍ପ, ଅଳଙ୍କାର, ରାସାୟନିକ ପଦାର୍ଥ, ପ୍ଲାଷ୍ଟିକ୍, ଧାତୁ ଏବଂ ପରିବହନ ଉପକରଣ ଅନ୍ତର୍ଭୁକ୍ତ। ଏହି ନିଷ୍ପତ୍ତି ଏପରି ସମୟରେ ଆସିଛି ଯେତେବେଳେ ଭାରତ ଏବଂ ଇୟୁ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ଉପରେ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି। ତଥାପି, ଭାରତ ସରକାର କହିଛନ୍ତି ଯେ ଏହା କିଛି ନୂଆ ନୁହେଁ, ବରଂ ପୁରୁଣା ବ୍ୟବସ୍ଥାର ଏକ ଅଂଶ ଏବଂ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ ନାହିଁ।

ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ନିଷ୍ପତ୍ତି ଭାରତୀୟ ରପ୍ତାନିକାରୀମାନେ ପୂର୍ବରୁ ଉପଭୋଗ କରୁଥିବା ପ୍ରାୟ ୨୦% ଶୁଳ୍କ ଲାଭକୁ ହଟାଇ ଦେଇଛି। ଏହାବ୍ୟତୀତ, ଇୟୁ ର କାର୍ବନ ସୀମା ସମାୟୋଜନ ମେକାନିଜିମ୍ ମଧ୍ୟ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହୋଇଛି। ଇୟୁ ଭାରତ ପାଇଁ ଜେନେରାଲାଇଜ୍ ସ୍କିମ୍ ଅଫ୍ ପ୍ରିଫରେନ୍ସେସ୍ (ଜିଏସ୍‌ପି) ଲାଭକୁ ସ୍ଥଗିତ କରିଛି। ଏହାର ଅର୍ଥ ହେଉଛି ଜାନୁଆରୀ ୧ଠାରୁ ଏହି ଭାରତୀୟ ସାମଗ୍ରୀଗୁଡ଼ିକ ଇୟୁରେ ଅଧିକ ଶୁଳ୍କ ସମ୍ମୁଖୀନ ହେବ।

### ଜିଏସ୍‌ପି କ’ଣ?

ଜିଏସ୍‌ପି ହେଉଛି ଏକ ଯୋଜନା ଯାହା ଅଧୀନରେ ବିକଶିତ ଦେଶମାନେ ସେମାନଙ୍କର ରପ୍ତାନି ବୃଦ୍ଧି କରିବା ପାଇଁ ବିକାଶଶୀଳ ଦେଶଗୁଡ଼ିକର ସାମଗ୍ରୀ ଉପରେ କମ୍ ଶୁଳ୍କ ଲଗାଇଥାନ୍ତି। ବର୍ତ୍ତମାନ, କେବଳ ପ୍ରାୟ ୧୩% ଭାରତୀୟ ରପ୍ତାନି ଏହି ଯୋଜନାରୁ ଉପକୃତ ହେଉଛନ୍ତି। ଏଥିରେ କୃଷି ଏବଂ ଚମଡା ସାମଗ୍ରୀ ଅନ୍ତର୍ଭୁକ୍ତ। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ କହିଛି ଯେ ୨୦୧୬ ପରଠାରୁ, ଇୟୁ ଅନେକ ଭାରତୀୟ ସାମଗ୍ରୀ ଉପରେ ଜିଏସ୍‌ପି ଲାଭକୁ ଧୀରେ ଧୀରେ ହ୍ରାସ କରିଛି। ଫଳସ୍ୱରୂପ, ୨୦୨୫ ଆର୍ଥିକ ବର୍ଷରେ ଇୟୁକୁ ଭାରତର ମୋଟ ରପ୍ତାନିର ପ୍ରାୟ ୪୭% (୩୫.୬ ବିଲିୟନ ଡଲାର) ଜିଏସ୍‌ପି ଲାଭରୁ ବାଦ ଦିଆଯିବ। କେବଳ ୫୩% ରପ୍ତାନି (୪୦.୨ ବିଲିୟନ ଡଲାର) ଏବେ ବି ଜିଏସ୍‌ପି ଅଧୀନରେ ଅଛି। ଖଣିଜ, ରାସାୟନିକ ପଦାର୍ଥ, ବୟନଶିଳ୍ପ, ଧାତୁ ଏବଂ ପରିବହନ ସାମଗ୍ରୀ ପାଇଁ ୨୦୧୬ ରେ ଜିଏସ୍‌ପି ଅଧୀନରେ ଭାରତର ଶୁଳ୍କ ଲାଭକୁ ସ୍ଥଗିତ କରାଯାଇଥିଲା।

## ଏଆଇପିଏଚ୍ ୟୁନିଭରସିଟି-ଆପୋଲୋ ହେଲ୍‌ଥକେୟାର ଏମ୍‌ଓୟୁ

**ଭୁବନେଶ୍ୱର, ୨୩ା୧ (ସମିସ):** ଏଆଇପିଏଚ୍ ୟୁନିଭରସିଟି, ଭୁବନେଶ୍ୱର ଆଲାଏଡ ହେଲ୍‌ଥ ସାଇନ୍ସେସ୍‌ରେ ବ୍ୟାଚଲର୍ସ ପାଠ୍ୟକ୍ରମ ମିଳିତ ଭାବରେ ଆରମ୍ଭ କରିବାକୁ ଆପୋଲୋ ହେଲ୍‌ଥକେୟାର ଏକାଡେମୀ ସହିତ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି। ଭାରତ ଓ ବିଶ୍ୱସ୍ତରରେ କୁଶଳୀ ଆଲାଏଡ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କ ବର୍ଦ୍ଧିତ ନିଅଣ୍ଟିଆ ପରିସ୍ଥିତି ପ୍ରତି ଦୃଷ୍ଟିଦେବାକୁ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହି ରଣକୌଶଳାତ୍ମକ ସହଯୋଗୀତା ଏଆଇପିଏଚ୍ ୟୁନିଭରସିଟିର ମଜଭୁତ ଶିକ୍ଷାଗତ ମୂଳଦୁଆ ଏବଂ ଆପୋଲୋ ହେଲ୍‌ଥକେୟାର ଏକାଡେମୀର ବ୍ୟାପକ ଚିକିତ୍ସାଗତ ବିଦ୍ୱତାକୁ ନିମଜ୍ଜିତ ହସପିଟାଲ ଭିତ୍ତିକ ତାଲିମ ପ୍ରଦାନ ସହିତ ବ୍ୟାପକ ଶିକ୍ଷାଗତ ବିଷୟକୁ ସମ୍ମିଶ୍ରିତ କରୁଥିବା ଶିଳ୍ପ ଉପଯୋଗୀ ଅଣ୍ଡର ଗ୍ରାଜୁଏଟ ପାଠ୍ୟକ୍ରମ ଯୋଗାଇଦେବା ନିମନ୍ତେ ଏକତ୍ରିତ କରୁଛି। ଏହି ପାଠ୍ୟକ୍ରମ ଆନାସ୍ଥେସିଆ ଏବଂ ଅପରେସନ ଥିଏଟର ପ୍ରଯୁକ୍ତି, ମେଡିକାଲ ଲାବୋରେଟୋରୀ ପ୍ରଯୁକ୍ତି, କ୍ରିଟିକାଲ କେୟାର ପ୍ରଯୁକ୍ତି ଉପରେ ଦୃଷ୍ଟିନିବଦ୍ଧ କରିବ।

## ବେଦାନ୍ତ ଆଲୁମିନିୟମ୍‌ର ୧୮ ଟି ବିଆଇଏସ ପ୍ରମାଣପତ୍ର ହାସଲ

**ଭୁବନେଶ୍ୱର, ୨୩ା୧ (ସମିସ):** ବେଦାନ୍ତ ଆଲୁମିନିୟମ ଘୋଷଣା କରିଛି ଯେ ଏହା ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟ ଓଡ଼ିଶାର ଝାରସୁଗୁଡା ଏବଂ ଛତିଶଗଡ଼ର କୋରବା, ଯେଉଁଠାରେ ଭାରତର ପ୍ରତୀକାତ୍ମକ ଆଲୁମିନିୟମ ଉତ୍ପାଦକ ଭାରତ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ବାଲ୍କୋ) ଅବସ୍ଥିତ, ସେଠାରେ ଏହାର ସ୍ମେଲ୍ଟର କାର୍ଯ୍ୟରେ କ୍ରମାଗତ ଭାବରେ ମୋଟ ୧୮ ଟି ବିଆଇଏସ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍) ପ୍ରମାଣପତ୍ର ହାସଲ କରିଛି। ଏହି ପ୍ରମାଣପତ୍ରଗୁଡ଼ିକ ସମୟ ସହିତ କ୍ରମାଗତ ଭାବରେ ଅର୍ଜନ କରିଛନ୍ତି ଯାହା ଶିଳ୍ପରେ ଗୁଣବତା, ନିର୍ଭରଯୋଗ୍ୟତା ଏବଂ ନିୟାମକ ଅନୁପାଳନରେ ବେଦାନ୍ତ ଆଲୁମିନିୟମର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରେ। ଉପଲବ୍ଧ ବିଆଇଏସ ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଏହାର ବିଶାଳ ପରିସରର ଆଲୁମିନିୟମ ଉତ୍ପାଦ ପାଇଁ ପ୍ରମାଣପତ୍ର ହାସଲ କରିବାରେ ଭାରତୀୟ ଆଲୁମିନିୟମ ଶିଳ୍ପରେ ବେଦାନ୍ତ ଆଲୁମିନିୟମ ପ୍ରଥମ ଥିଲା। ସବୁଠାରୁ ସାମ୍ପ୍ରତିକ ପ୍ରମାଣପତ୍ର ଏହାର ୟୁନିଟ୍ ବାଲକୋ ଦ୍ୱାରା ହାସଲ କରାଯାଇଛି ଏବଂ ଏହା ଆଇଏସ ୯୯୯୭:୨୦୨୩ ଅନୁଯାୟୀ ଆଲୁମିନିୟମ୍ ଆଲୟ ୱାୟାର ରଡ୍‌ଗୁଡ଼ିକୁ କଭର୍ କରେ। ଏହା ଭାରତର ପାୱାର ଗ୍ରୀଡ୍, ଅଟୋମୋଟିଭ୍ କ୍ଷେତ୍ର ଏବଂ ଉନ୍ନତ ଇଞ୍ଜିନିୟରିଂ ଆପ୍ଲିକେସନ୍ ପାଇଁ ଉଚ୍ଚ-କାର୍ଯ୍ୟକ୍ଷମ ସାମଗ୍ରୀ ଯୋଗାଣ କରିବାର ବେଦାନ୍ତ ଆଲୁମିନିୟମ୍ କ୍ଷମତାକୁ ସୁଦୃଢ଼ କରେ।

## ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ୨୦୦ତମ ସ୍ମାରକ ଜାତୀୟ ପତାକା ସ୍ତମ୍ଭ ପ୍ରତିଷ୍ଠା

**ନୂଆଦିଲ୍ଲୀ,୨୩ା୧:** ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ମଣିପୁର ରାଜଧାନୀ ଇମ୍ଫାଲସ୍ଥିତ ଐତିହାସିକ କାଙ୍ଗଲା ଦୁର୍ଗରେ ୨୦୦ତମ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ହୋଇଛି। ଏହି ବିଶାଳ ଜାତୀୟ ପତାକା ସ୍ତମ୍ଭ ପ୍ରତିଷ୍ଠା ଦୁଇଟି ଐତିହାସିକ ନ୍ୟାୟିକ ନିଷ୍ପତ୍ତିର ବାର୍ଷିକୀକୁ ସ୍ମରଣ କରାଉଛି। ଦିଲ୍ଲୀ ହାଇକୋର୍ଟଙ୍କ ସେହି ଐତିହାସିକ ନିର୍ଣ୍ଣୟର ୩୦ ବର୍ଷ, ଯାହା ବଳରେ ସାଧାରଣ ନାଗରିକଙ୍କୁ ସସମ୍ମାନେ ଜାତୀୟ ପତାକା ଉଡ଼ାଇବାର ଅଧିକାର ପ୍ରଦାନ କରିଥିଲା। ଏ ସମ୍ପର୍କରେ ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ତ୍ରିରଙ୍ଗା ଭାରତର ଏକତା ଓ ସଫଳତାର ପ୍ରତୀକ। ଜାତୀୟ ପତାକା ସହ ଆମର ଗଭୀର ଭାବନାତ୍ମକ ସମ୍ବନ୍ଧ ରହିଛି।

# ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ସଫେଇ ଅଭିଯାନ



**ଭୁବନେଶ୍ୱର, ୨୩ା୧(ସମିସ):** “ସ୍ୱଚ୍ଛ ହିସାର, ସବୁଜ ହିସାର” ପାଇଁ ଭାରତର ପ୍ରମୁଖ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଓ ହିସାର ନଗର ନିଗମର ମିଳିତ ଉଦ୍ୟମରେ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ବ୍ୟାପକ ସଫେଇ ଅଭିଯାନ ଆୟୋଜିତ ହୋଇଛି। ହରିଆଣାର ବିଧାୟିକା ସାବିତ୍ରୀ ଜିନ୍ଦଲ ତଥା ଓପି ଜିନ୍ଦଲ ଗ୍ରୁପର ଚେୟାରପର୍ସନ ଏମିରିଟସ୍‌ଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଛି। ଏଥିରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସମେତ ୬ଟି ସହଯୋଗୀ ଏନଜିଓ ସାମିଲ ହୋଇଥିଲେ। ହିସାରର ବିଭିନ୍ନ ପ୍ରମୁଖ ସ୍ଥାନରେ ଜାନୁଆରୀ ୧୭ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛ ଭାରତର ମିଶନ ତଥା ଏହି ଲକ୍ଷ୍ୟକୁ ସାଧିତ କରିବା ହେଉଛି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ସ୍ୱଚ୍ଛତା, ବର୍ଜ୍ୟବସ୍ତୁର ସୁ ପରିଚାଳନା ଏବଂ ପ୍ରତ୍ୟେକ ନାଗରିକର ପରିବେଶ ପ୍ରତି ଥିବା ଦାୟିତ୍ୱ ଦିଗରେ ସଚେତନ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ସଫେଇ ଅଭିଯାନ ସେକ୍ଟର -୧୪, ମିଲ୍ ଗେଟ୍ ଏବଂ ମଡେଲ ଟାଉନ ଭଳି ସବୁଜ କରିଡର ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରମୁଖ ସ୍ଥାନରେ କରାଯାଇଥିଲା।

# ବୈଦେଶିକ ମୁଦ୍ରାଭଣ୍ଡାର ୭୦୦ ବିଲିୟନ ଡଲାର ପାର



**୧୪ ବିଲିୟନ ଡଲାର ବୃଦ୍ଧି**

**ନୂଆଦିଲ୍ଲୀ, ୨୩ା୧ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶୁକ୍ରବାର ବୈଦେଶିକ ମୁଦ୍ରାଭଣ୍ଡାର ନେଇ ସାପ୍ତାହିକ ସୂଚନା ଜାରି କରିଛନ୍ତି। ଏଥିରେ ୧୬ ଜାନୁୟାରୀରେ ସମାପ୍ତ ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାର ୧୪.୧୬ ବିଲିୟନ ଡଲାର ବଢ଼ି ୭୦୧.୩୬ ବିଲିୟନ ଡଲାର ପାର ହୋଇଯାଇଥିବା ସୂଚିତ କରାଯାଇଛି। ଏହା ପୂର୍ବ ସପ୍ତାହରେ ମୋଟ ମୁଦ୍ରାଭଣ୍ଡାର ୩୯.୨ କୋଟି ଡଲାର ବଢ଼ି ୬୮୭.୧୯ ବିଲିୟନ ଡଲାର ଥିଲା। ଭାରତୀୟ ବୈଦେଶିକ ମୁଦ୍ରାଭଣ୍ଡାର ସେପ୍ଟେମ୍ବର ୨୦୨୪ରେ ୭୦୪.୮୯ ବିଲିୟନ ଡଲାରର ସର୍ବକାଳୀନ ଉଚ୍ଚତମ ସ୍ତରକୁ ଛୁଇଁଥିଲା।

କେନ୍ଦ୍ରୀୟ ବ୍ୟାଙ୍କ ତଥ୍ୟ ଅନୁସାରେ ୧୬ ଜାନୁୟାରୀ ସପ୍ତାହନ୍ତ କାଳରେ ବିଦେଶୀ ମୁଦ୍ରା ଆସେଟ୍ ୯.୬୫ ବିଲିୟନ ଡଲାର ବଢ଼ି ୫୬୦.୧ ବିଲିୟନ ଡଲାର ହୋଇଯାଇଛି। ଡଲାର ରୂପେ ବ୍ୟକ୍ତ କରାଯାଉଥିବା ବିଦେଶୀ ମୁଦ୍ରା ଆସେଟ୍‌ରେ ବୈଦେଶିକ ମୁଦ୍ରାଭଣ୍ଡାରରେ ଥିବା ୟୁରୋ, ପାଉଣ୍ଡ ଓ ୟେନ ଭଳି ଅଣ ଆମେରିକୀୟ ମୁଦ୍ରା ମାନଙ୍କର ମୂଲ୍ୟ ବୃଦ୍ଧି ଓ ମୂଲ୍ୟ ହ୍ରାସ ମଧ୍ୟ ସାମିଲ। ଆରବିଆଇ କହିଛନ୍ତି ଯେ ସମୀକ୍ଷାଧୀନ ସପ୍ତାହରେ ସ୍ୱର୍ଣ୍ଣ ଭଣ୍ଡାରର ମୂଲ୍ୟ ୪.୬୨ ବିଲିୟନ ଡଲାର ବଢ଼ି ୧୧୭.୪୫ ବିଲିୟନ ଡଲାର ହୋଇଯାଇଛି।

ଶୀର୍ଷ ବ୍ୟାଙ୍କ କହିଛନ୍ତି ଯେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଯୋଗୁ ବିଶେଷ ଆହରଣ ଅଧିକାର (ଏସଡିଆର) ୩.୫ କୋଟି ଡଲାର ହ୍ରାସ ହୋଇ ୧୮.୭୦ ବିଲିୟନ ଡଲାର ହୋଇଯାଇଛି। ଶୀର୍ଷ ବ୍ୟାଙ୍କର ତଥ୍ୟ ଅନୁସାରେ ସମୀକ୍ଷାଧୀନ ସପ୍ତାହରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ରେ ଭାରତର ଆରକ୍ଷିତ ସ୍ଥିତି ୭.୩ କୋଟି ଡଲାର ହ୍ରାସ ହୋଇ ୪.୬୮ ବିଲିୟନ ଡଲାର ହୋଇଯାଇଛି। ବଜାର ଏବେ ଖୁବ୍ ତଳ ଉପର ହେଉଛି। ଏଣୁ ମୁଦ୍ରାଭଣ୍ଡାର ଉପରେ ଚାପ ପଡୁଛି। ଖସ କରି ସେତେବେଳେ ଯେତେବେଳେ ଟଙ୍କା ର ମୂଲ୍ୟ ହ୍ରାସ ହେଉଛି। ମୂଲ୍ୟରେ ସ୍ଥିରତା ଆଣିବା ପାଇଁ ମୁଦ୍ରାଭଣ୍ଡାରକୁ ଉପଯୋଗ କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ନିବେଶରୁ ଦୂରେଇ ରହିବେ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ମନ ପ୍ରସନ୍ନ ରହିବ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ସରକାରୀ କାମ ସମସ୍ୟା ସମାଧାନ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ ।

## ଆଜିର ଇତିହାସ

- ୧୮୫୭-କଲିକତା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ।
- ୧୯୫୦- ଜନ-ଗଣ-ମନକୁ ଭାରତୀୟ ଜାତୀୟ ସଙ୍ଗୀତର ମାନ୍ୟତା । ।
- ୧୯୫୨- ମୁମ୍ବାଇରେ ପ୍ରଥମ ଆନ୍ତର୍ଜାତିକ ଫିଲ୍ମ ମହୋତ୍ସବ ଆୟୋଜିତ ।
- ୧୯୬୫- ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ପରଲୋକ ।
- ୧୯୬୬- ଏୟାର୍ ଇଣ୍ଡିଆ ବିମାନ 'ବୋଇଂ ୭୦୭' ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ମୃତ୍ୟୁ ।


## ଆଜି ବାହୁଡ଼ିଥିଲେ

# ବକ୍ସି ଜଗବନ୍ଧୁ



ପାଇକ ବିଦ୍ରୋହର ମୁଖ୍ୟ ପୁରୋଧା ବକ୍ସି ଜଗବନ୍ଧୁଙ୍କ ଆଜି ଶ୍ରାଦ୍ଧ ଦିବସ । ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶା ଅଧିକାର କରିବାର ମାତ୍ର ୧୪ ବର୍ଷ ମଧ୍ୟରେ ୧୮୧୭ ମସିହାରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଓଡ଼ିଶାରେ ପ୍ରଥମ ବିଦ୍ରୋହ ତେଜି ଉଠିଥିଲା , ଯାହାର ନାମ ଥିଲା 'ପାଇକ ବିଦ୍ରୋହ' । ଏହାର ନେତୃତ୍ୱ ନେଇଥିଲେ ସଂଗ୍ରାମୀ ବୀର ବକ୍ସି ଜଗବନ୍ଧୁ । ପାଇକ ବିଦ୍ରୋହକୁ ଅନେକ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ମତ ପ୍ରକାଶ କରିଥାଆନ୍ତି । ବକ୍ସି ଜଗବନ୍ଧୁଙ୍କ ସମ୍ପୂର୍ଣ୍ଣ ନାମ ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାଏ । ସେ ବକ୍ସି ଜଗବନ୍ଧୁଙ୍କ ନାମରେ ବେଶ୍ ଲୋକପ୍ରିୟ । ୧୭୭୩ ମସିହାରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗ ଗ୍ରାମରେ ବକ୍ସି ଜଗବନ୍ଧୁ ଜନ୍ମଗ୍ରହଣ କରିଥିଲେ । ବକ୍ସି ଥିଲେ ରାଜକୁଳ ସମ୍ଭୂତ । ପିଲାଦିନୁ ସେ ଅଶ୍ୱଚାଳନାର ବିଭିନ୍ନ ରଣକୌଶଳ ଶିଖିଥିଲେ । ଯୁବକାବସ୍ଥାରେ ପଦାର୍ପଣ କଲାପରେ ସେ 'ବକ୍ସି' ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇପାରିଥିଲେ । ଖୋର୍ଦ୍ଧା ରାଜ୍ୟରେ ଗଜପତି ମୁକୁନ୍ଦଦେବଙ୍କ ପରେ ଲୋକମାନେ ବକ୍ସି ଜଗବନ୍ଧୁଙ୍କୁ ଅଧିକ ସମ୍ମାନ ଦେଉଥିଲେ । ତାଙ୍କରି କଥାରେ, ମାର୍ଗରେ ପରିଚାଳିତ ହେଉଥିଲେ । ସେହି ସମୟରେ ପାଇକମାନେ ନିଷ୍କର ଜମି ଭୋଗ କରୁଥିଲେ । ମରହଟ୍ଟାମାନଙ୍କୁ ଓଡ଼ିଶାରୁ ହଟାଇବା ପାଇଁ ଇଂରେଜମାନେ ଗଜପତି ମହାରାଜାମାନଙ୍କୁ ସାହାଯ୍ୟ କରିଥିଲେ । ଏହାପରେ ରାଜ୍ୟର ଶାସନଭାରରେ ସେମାନେ ହସ୍ତକ୍ଷେପ କଲେ । ଇଂରେଜମାନେ ୧୮୦୪ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କୁ ଗାଦିଚ୍ୟୁତ କରି ତାଙ୍କର ରାଜ୍ୟକୁ ଇଂରେଜ ଶାସନାଧୀନ ଅଞ୍ଚଳ ସହିତ ମିଶାଇ ଦେଲେ । ପାଇକଙ୍କ ନିଷ୍କର ଜମି ଉପରେ ଉଚ୍ଚ ହାରରେ କର ଧାର୍ଯ୍ୟ ହେଲା । ଫଳରେ ପାଇକମାନେ ତାଙ୍କ ବଂଶାନୁକ୍ରମିକ ନିଷ୍କର ବୃତ୍ତିରୁ ବଞ୍ଚିତ ହେଲେ । ଅନେକ ଘରଦ୍ୱାର ଛାଡ଼ି ନିକଟବର୍ତ୍ତୀ କରଦ ରାଜ୍ୟମାନଙ୍କରେ ଆଶ୍ରୟ ନେଲେ । ଯେଉଁମାନେ ରହିଲେ ସେମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଲା । ୧୮୧୭ ମସିହାରେ ଇଂରେଜମାନେ ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କୁ ଏକ ହତ୍ୟା ମାମଲାରେ ଗିରଫ କଲେ । ଏହି ଘଟଣାର ପ୍ରତିବାଦରେ ଖୋର୍ଦ୍ଧାର ପାଇକମାନେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜମାନଙ୍କ ଅନ୍ୟାୟ ନୀତି ଓ ନିର୍ଯାତନା ବିରୋଧରେ ବିଦ୍ରୋହ କଲେ । ଏହାପରେ ପାଇକ ବିଦ୍ରୋହର ସୂତ୍ରପାତ ହୋଇଥିଲା । ଏହି ବିଦ୍ରୋହର କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ । ଯାହାର ମୁଖ୍ୟ କାରଣ ହେଉଛି, ନୂଆ ରାଜସ୍ୱ ନୀତି ଏବଂ ଲବଣ ଦର ବୃଦ୍ଧି । ଘୁମୁସରର କନ୍ଧ ଓ ପାଇକମାନେ ମିଳିତ ଭାବେ ବାଣପୁରରେ ଥିବା ଇଂରେଜମାନଙ୍କ ବିଭିନ୍ନ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ । ବାଣପୁରରୁ ପିପିଲି ମଧ୍ୟରେ ଥିବା ଇଂରେଜଙ୍କର ବିଭିନ୍ନ କାର୍ଯ୍ୟାଳୟ ଓ ସୈନ୍ୟ ଛାଉଣୀ ଉପରେ ଆକ୍ରମଣ ହୋଇଥିଲା । ପରେ ପୁରୀ ଆଡ଼କୁ ଅଗ୍ରସର ହୋଇଥିଲେ । ମାତ୍ର ସେଠାରେ ଇଂରେଜ ସୈନ୍ୟମାନଙ୍କୁ ପ୍ରତିରୋଧ କରିବା ସମ୍ଭବ ହୋଇ ପାରିନଥିଲା । ମାତ୍ର ବକ୍ସି ଜଗବନ୍ଧୁଙ୍କୁ ଇଂରେଜମାନେ ଗିରଫ କରି ନ ଥିଲେ । ପରେ ବଡ଼ଲାଟ୍ ୧୮୨୨ ମସିହାରେ ଜଗବନ୍ଧୁଙ୍କୁ କେତେ ସର୍ତ୍ତରେ କ୍ଷମା କରିବେ ବୋଲି ଘୋଷଣା କରିଥିଲେ । ମାତ୍ର ବକ୍ସି ଜଗବନ୍ଧୁ ଏହାକୁ ଗ୍ରହଣ କରି ନଥିଲେ । ଏହାପରେ ୧୮୨୫ ମସିହା ମେ' ମାସ ୨୭ ତାରିଖରେ ବକ୍ସି ଜଗବନ୍ଧୁ କଟକରେ ଆତ୍ମସମର୍ପଣ କରିଥିଲେ । ୧୮୨୯ ଆଜିର ଦିନରେ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁ ଇହଲୀଳା ସମ୍ବରଣ କରିଥିଲେ ।

# ନିଖିଲଙ୍କ ଫିଲ୍ମରେ କାର୍ତ୍ତିକ



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟନ୍‌ଶେଷ ଥର ପାଇଁ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ଦେଖାଯାଇଥିଲେ । ଏହି ଫିଲ୍ମ ଗତ ଡିସେମ୍ବର ୨୫ରେ ରିଲିଜ୍ ହୋଇଥିଲା । ବକ୍ସ ଅଫିସ୍‌ରେ ଏହି ଫିଲ୍ମଟି କିନ୍ତୁ ଭଲ ବିଜିନେସ୍ କରିପାରିନି । କରନ୍ ଜୋହର୍‌ଙ୍କ ଧର୍ମା ପ୍ରଡକ୍ସନ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଥିଲା । ତେବେ ଏହି ଫିଲ୍ମ ଫ୍ଲପ୍ ହେବା ପରେ ବି ଏହା କାର୍ତ୍ତିକ୍‌ଙ୍କ କ୍ୟାରିୟର ଉପରେ ସେତେଟା ପ୍ରଭାବ ପକାଇ ପାରି ନାହିଁ । ଇତିମଧ୍ୟରେ ନିର୍ଦ୍ଦେଶକ ନିଖିଲ ନାଗେଶ ଭଟ୍ଟ ତାଙ୍କ ଫିଲ୍ମ ପାଇଁ କାର୍ତ୍ତିକ୍‌ଙ୍କୁ ଅଫର୍ ଦେଇଥିବା ଜଣାପଡ଼ିଛି । ପୌରାଣିକ କାହାଣୀ ଉପରେ ଆଧାରିତ ଏହା ଏକ ଆକ୍ସନ୍ ଆଡଭେଞ୍ଚର ଫିଲ୍ମ ହେବ । କାର୍ତ୍ତିକ୍ ମଧ୍ୟ ଏହି ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି । କାର୍ତ୍ତିକଙ୍କ କାମ କଥା କହିବାକୁ ଗଲେ, ଚଳିତବର୍ଷ ତାଙ୍କ ଅଭିନୀତ ଦୁଇଟି ଫିଲ୍ମ ପରଦାକୁ ଆସିବ । ଏବେ ସେ 'ନାଗଜିଲା'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାବାଦ୍ ସେ ଅନୁରାଗ ବସୁଙ୍କ ଏକ ଫିଲ୍ମରେ ମଧ୍ୟ କାମ କରୁଛନ୍ତି । ଏଥିରେ ତାଙ୍କ ବିପକ୍ଷରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ଶ୍ରୀଲୀଲା ଦେଖାଯିବେ । ଏହା ଚଳିତବର୍ଷ ମଧ୍ୟ ଆଡ଼କୁ ରିଲିଜ୍ ହୋଇପାରେ ।

# ଜାତୀୟ କନ୍ୟା ସନ୍ତାନ ଦିବସ



ବର୍ତ୍ତମାନ ସମୟରେ ପୁଅମାନଙ୍କ ତୁଳନାରେ ଝିଅମାନେ କିଛି କମ୍ ନୁହଁନ୍ତି । ତଥାପି ସମାଜରେ ଝିଅଟିଏ ଅଣଦେଖା ଓ ଅଲୋଡ଼ା ହୋଇ ରହିଛି । ଦେଶରେ କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଅତ୍ୟାଚାର, ଜନ୍ମ ପୂର୍ବରୁ ହତ୍ୟା, ସମାଜରେ ଝିଅମାନେ ସାମ୍ନା କରୁଥିବା ଅସମାନତା ଦୂର କରିବା, ସେମାନଙ୍କ ଅଧିକାର ବିଷୟ ସାଧାରଣରେ ଉଠାଇ ସଚେତନ କରିବା, ଶିକ୍ଷାର ଗୁରୁତ୍ୱ, ସ୍ୱାସ୍ଥ୍ୟ ଓ ପୋଷଣ ଆଦି ବିଷୟରେ ସଚେତନ ଓ ଆଲୋଚନା ପାଇଁ ପ୍ରତିବର୍ଷ ଜାନୁଆରୀ ୨୪ ତାରିଖକୁ ଜାତୀୟ କନ୍ୟା ଦିବସ ଭାବେ ପାଳନ କରାଯାଏ । ପ୍ରତ୍ୟେକ କ୍ଷେତ୍ରରେ କନ୍ୟା ସନ୍ତାନଙ୍କୁ ସମର୍ଥନ କରିବା ଓ ସେମାନଙ୍କ ପାଇଁ ଅଧିକରୁ ଅଧିକ ସୁବିଧା ସୁଯୋଗ ସୃଷ୍ଟି କରିବା ହିଁ ହେଉଛି ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ । କନ୍ୟା ସନ୍ତାନମାନଙ୍କ ସାମାଜିକ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଓ ସେମାନେ ଏକ ସମ୍ମାନଜନକ ଜୀବନ ଜିଇଁବା ଦିଗରେ ଗୃହ, ଗୋଷ୍ଠୀ ଏବଂ ଅନୁଷ୍ଠାନମାନଙ୍କରେ ଅନୁକୂଳ ବାତାବରଣ ନିର୍ମାଣ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟସ୍ତରରେ ଏବଂ ବିଭିନ୍ନ ଜିଲ୍ଲାଗୁଡ଼ିକରେ ଏହି ଦିବସ ପାଳନ କରାଯାଏ । ଜାତୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରେ ପ୍ରଥମ ଥର ପାଇଁ ଜାତୀୟ କନ୍ୟା ଦିବସ ପାଳନ ପାଇଁ ପଦକ୍ଷେପ ନିଆଯାଇଥିଲା । ଶୋଷିତ, ନିର୍ଯାତିତ ଶିଶୁକନ୍ୟାମାନଙ୍କୁ ଉଦ୍ଧାର କରି ସମାଜରେ ସଚେତନତା ସୃଷ୍ଟି କରାଇ ଶିକ୍ଷା, ସ୍ୱାସ୍ଥ୍ୟ, ସୁବିଧା ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । କନ୍ୟା ସନ୍ତାନଙ୍କ ସୁରକ୍ଷା, ଲିଙ୍ଗଗତ ସମାନତା, ଉତ୍ତମ ସ୍ୱାସ୍ଥ୍ୟ, ସୁରକ୍ଷିତ ବାତାବରଣ ନିମନ୍ତେ ଏହିଦିନ ସରକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଏ ।

## ପ୍ରହେଳିକା

- ନୂଆ ସମ୍ବିଧାନ ଲାଗୁ ହୋଇଲା
ବ୍ରିଟିଶ ନିୟମ ଦୂରେଇ ଗଲା
ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରଟେ ହୋଇ
ଇତିହାସ ରଚିଲା ଭାରତ ଭୂଇଁ
ଥିଲା କେଉଁ ମାସ ତାରିଖ କେତେ
କହିଦିଅ ପିଲେ ଜାଣିଛ ଯେତେ ?

ଉ-ଜାନୁଆରୀ ୨୬

- ସାରା ଭାରତ ହୁଅଇ ସଜା
ଉଡୁଥାଏ ଆମ ତ୍ରିରଙ୍ଗା ଧ୍ୱଜା
ଶାନ୍ତି ପ୍ରୀତି ମୈତ୍ରୀ ଭାବକୁ ନେଇ
ପାଳୁଥାନ୍ତି ସବୁ ଭଉଣୀ ଭାଇ
ସମ୍ବିଧାନ ପ୍ରଣୟନ ଦିବସ ଇଏ
ନାମଟି ତାହାର କହିବ କିଏ ?

ଉ-ସାଧାରଣତନ୍ତ୍ର ଦିବସ

- ଭାରତମାତାର ସୁଯୋଗ୍ୟ ସନ୍ତାନ
ଥିଲେ ସିଏ କର୍ମବୀର
ବାପୁଜୀ, ସୁବାଷ, ସର୍ଦ୍ଦାରଙ୍କ ସାଥେ
ଦେଇଥିଲେ ରଣ ହୁଙ୍କାର
ପ୍ରଣୟନ ହେଲେ ନୂଆ ସମ୍ବିଧାନ
ସ୍ୱାଧୀନ ଭାରତ ପାଇଁ
ଜାଣିଅଛ ଯଦି ନାମଟି ତାଙ୍କର
ଆନନ୍ଦରେ ଦିଅ କହି ?


ଉ-ବି.ଆର୍. ଆମ୍ବେଦକର

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

# ରଖିବା ଦେଶର ଗଉରବ



କୁଞ୍ଜ ବିହାରୀ ସାହୁ



ଆଜି ମନେପଡ଼େ ଆମ୍ବେଦକରଙ୍କୁ
ଯିଏ ଲେଖିଥିଲେ ସମ୍ବିଧାନ,
ସେହିଦିନ ପରା ଛବିଶ ତାରିଖ
ଜାନୁଆରୀ ମାସ ଖୁସି ଦିନ ।
ସ୍ୱାଧୀନ ଭାରତ ଗଣତନ୍ତ୍ର ବୋଲି
ସଭିଙ୍କୁ ବାରତା ଦେଲେ ସିଏ,
କୋଟି ଭାରତର ମଉଡ଼ମଣି ସେ
କାଳ କାଳ ଅଛି କଥାଟିଏ ।
ରାଜ ଶାସନ ତ ଯାଇଛି ଉଭେଇ
ଆମେରେ ମଣିଷ ଗୋଟେ ଜାତି,
ନାହିଁ ଭେଦଭାବ କାହାରି ମନରେ
ବିପଦେ ଦେଖାଉ ନିଜ ଛାତି ।
ଆକାଶେ ଉଡୁଛି ଜାତୀୟ ପତାକା
ଶାନ୍ତି, ସୁଖ, ବୀର-ଗାଥା ଗାଇ,
ଆସରେ ପିଲାଏ ଏକାଠି ହୋଇବା
ଭାରତମାତାଙ୍କୁ ମନେ ଧ୍ୟାୟୀ ।
ଏକତା ବଳରେ ଜିଣିବା ବଇରି
ରଖିବା ଦେଶର ଗଉରବ,
ଏଇ ଗଣତନ୍ତ୍ର ଦିବସରେ ଆମେ
ବାଣ୍ଟିବା ମଇତ୍ରୀ-ସଉରଭ ।■

ପାତ୍ରପଡ଼ା, ଭୁବନେଶ୍ୱର
ମୋ- ୭୦୦୮୧୪୨୦୪୦

## ଆମ ସମ୍ବିଧାନ ଆମ ଗର୍ବ




ନିରଞ୍ଜନ ସାହୁ

ଜାନୁୟାରୀ ମାସ ଛବିଶ ତାରିଖ
ଆସନ୍ତୁ ପାଳନ କରିବା
ଜାତୀୟ ପତାକା ଉତ୍ତୋଳନ କରି
ହୃଦୟରେ ଗର୍ବ ଭରିବା ।
ସାଧାରଣତନ୍ତ୍ର ଦିବସ ଭାବରେ
ଏହାର ସୁଖ୍ୟାତି ରହିଛି
ଭାରତ ମାତାର ଜୟ ହେଉ ବୋଲି
ଏ ତୁଣ୍ଡ ଆନନ୍ଦେ କହିଛି ।
କିଏ କହେ ଗଣତନ୍ତ୍ର ଦିବସ ଏ
ଅଟଇ ଜାତୀୟ ପରବ
ଆନ କହେ ଜନରାଜ୍ୟ ଦିବସ ଏ
ପାଳନେ ଆସଇ ଗରବ ।
ଉଣେଇଶ ଶହ ପଚାଶ ମସିହା
ଜାନୁୟାରୀ ମାସ ଛବିଶ
ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା
ଦେଶର ଆଇନ ଭବିଷ୍ୟ ।
ସେହି କଥା ମନେ ରଖିବା ପାଇଁକି
ପ୍ରତିବର୍ଷ ଆମେ ପାଳିବା
ସମ୍ବିଧାନ ମାନି ଚଳିବା ସରବେ
ସେଦିନ କଥାକୁ ଭାଳିବା ।
ଆମ ସମ୍ବିଧାନ ଆମ ପାଇଁ ବଡ଼
କିଏ ସମକକ୍ଷ ହୋଇବ
ଏହି ସମ୍ବିଧାନ ମାନିକି ଚଳିବା
ସୁରକ୍ଷା ଆଣିକି ଥୋଇବ ।
ଅଧିକାର ନେବା କର୍ତ୍ତବ୍ୟ କରିବା
ସୁନାଗରିକଙ୍କୁ ଗଢ଼ିବା
ଭାରତୀୟ ବୋଲି ପରିଚୟ ଦେଇ
ଆଗକୁ ଆଗକୁ ବଢ଼ିବା ।■

ନିହାର ପ୍ରସାଦ , ଢେଙ୍କାନାଳ
ମୋ-୯୯୩୮୭୪୫୮୮୩

## ସୁମନ

# ରାଜା ଓ ଚତୁର ମନ୍ତ୍ରୀ






ସୁବ୍ରତ କୁମାର ଦାସ

ପୁରାତନ କାଳରେ ସୃଜନପୁର ନାମରେ ଏକ ରାଜ୍ୟ ଥିଲା । ସେହି ରାଜ୍ୟରେ ବାହାଦୁର ସିଂ ନାମକ ଜଣେ ଦୟାଳୁ ଓ ନ୍ୟାୟପ୍ରିୟ ରାଜା ଶାସନ କରୁଥିଲେ । ତାଙ୍କର ଜଣେ ବୁଦ୍ଧିମାନ ଓ ଚତୁର ମନ୍ତ୍ରୀ ଥିଲେ । ତାଙ୍କ ନାମ ଚତୁର ଦେବ ଥିଲା । ସେ ସବୁବେଳେ ରାଜ୍ୟର ମଙ୍ଗଳ ପାଇଁ ଚିନ୍ତା କରୁଥିଲେ । ଦିନେ ରାଜା ଦରବାରରେ ବସିଥିବା ବେଳେ କହିଲେ, "ମନ୍ତ୍ରୀ ମହୋଦୟ, ମୁଁ ଜାଣିବାକୁ ଚାହୁଁଛି; ପ୍ରକୃତରେ ଶକ୍ତି ବଡ଼ ନା ବୁଦ୍ଧି ବଡ଼? ମନ୍ତ୍ରୀ ନମ୍ରତାର ସହ କହିଲେ, "ମହାରାଜ, ବୁଦ୍ଧି ବିନା ଶକ୍ତି ଅନ୍ଧ । ବୁଦ୍ଧି ଥିଲେ ଶକ୍ତି ଆପେଆପେ ମିଳେ ।" ରାଜା ପଚାରିଲେ କେମିତି ! ସେ ପରୀକ୍ଷା କରିବାକୁ ଚାହିଁଲେ । ମନ୍ତ୍ରୀଙ୍କୁ ଆଦେଶ ଦେଲେ, "ଆଚ୍ଛା ; ତେବେ ଜଣେ ଦୃଷ୍ଟ ଚୋରକୁ ବଳ ବ୍ୟବହାର ନ କରି ଧରି ଆଣ ।" ମନ୍ତ୍ରୀ ଚିନ୍ତା କଲେ କ'ଣ କରାଯିବ । ସଙ୍ଗେସଙ୍ଗେ ସେହି ରାଜ୍ୟର ଜଣେ ପେଶାଦାର ଚୋର ପାଖକୁ ସେ ବାହାରିଲେ । ଅତି ଚତୁରତାର ସହ ଚୋରଟି ପାଖକୁ ଯାଇ କହିଲେ, "ବହୁଦିନ ଧରି ତୁ ରାଜ୍ୟରେ ଚୋରି କରୁଥିଲୁ, ରାଜା ସବୁ ତୋ ବିଷୟରେ ଜାଣିଛନ୍ତି । ତେଣୁ ସବୁ ଭୁଲ ତୋର ! କାରଣ ସୃଜନପୁର ଭଳି ରାଜ୍ୟରେ ପୁଣି ରାଜା ବାହାଦୁର ସିଂ ଙ୍କ ଆଖିରେ ଧୂଳି ଦେଇ କେହି ଖସି ଯାଇ ନାହାନ୍ତି । ରାଜା କିନ୍ତୁ ତୁମ ଚତୁରତାରେ ଖୁସି ହୋଇଛନ୍ତି । ଯଦି ତୁମେ ନିଜ ଭୁଲ ମାନିବ, ସେ ତୁମକୁ ନିଶ୍ଚୟ କ୍ଷମା କରିଦେବେ ।" ଚୋରଟି ମନ୍ତ୍ରୀଙ୍କ କଥା ବିଶ୍ୱାସ କରି ଦରବାରକୁ ଆସି ନିଜ ଦୋଷ ସ୍ୱୀକାର କଲା ଓ ରାଜାଙ୍କ ଗୁଣଗାନ କଲା । ରାଜା ବୁଝିଗଲେ ତାକୁ କ୍ଷମା ଦେବା ସହ ଉପଦେଶ ଦେଇ ଛାଡ଼ିଦେଲେ । ରାଜା ଖୁସି ହୋଇ କହିଲେ, "ଆଜି ମୁଁ ବୁଝିଗଲି, ବୁଦ୍ଧି ବଳଠାରୁ ଅଧିକ ଶକ୍ତିଶାଳୀ ।" ସେହିଦିନଠାରୁ ରାଜା ସବୁ କାମରେ ବୁଦ୍ଧି, ଧୈର୍ଯ୍ୟ ଓ ନ୍ୟାୟକୁ ଆଗରେ ରଖିଲେ । ରାଜ୍ୟ ମଧ୍ୟ ସୁଖ ସମୃଦ୍ଧିରେ ପୂରି ଉଠିଲା । ସମସ୍ତେ ରାଜାଙ୍କୁ ପ୍ରଶଂସା କଲେ ।■

ରାଜେନ୍ଦ୍ରପୁର, ଭଦ୍ରକ
ମୋ- ୯୪୩୭୭୩୧୯୦୩

## ପତ୍ରିକା ପରିଚୟ




**ମୋ ଆଶା**
ସଂପାଦକ: ସୁମନ୍ତ ମହାରଣା
ଲିଟିଲ୍ ଷ୍ଟାର୍ ଗ୍ରୁପ୍
ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬
ମୂଲ୍ୟ: ୨୦ ଟଙ୍କା

ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା -୨୦୨୬ ପ୍ରକାଶ ପାଇଛି । ସୁମନ୍ତ ମହାରଣାଙ୍କ ସଂପାଦିତ ଏହି ପତ୍ରିକାର ପ୍ରତିଟି ବିଭାଗର ଲେଖାଗୁଡ଼ିକ ମନଛୁଆଁ ହୋଇଛି । ଆନନ୍ଦ କୁମାର ମେହେରଙ୍କ 'ମୋଚି ଓ ସୁବର୍ଣ୍ଣ କଙ୍କଣ', କାଳିକିଙ୍କରଙ୍କ 'ମେଳଣ', ପର୍ଶୁରାମ ବେହେରାଙ୍କ 'ବାହାପିଆ ମୂଷା ଓ କାଳି ବିଲେଇ', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ପରୀକ୍ଷାର ଭୟ', ସୁଶାନ୍ତ କୁମାର ସେନାପତିଙ୍କ 'ଯଦୁମଣିଙ୍କ ଚଉପଦୀ ରହସ୍ୟ', ତସନିମ୍ ସୁଲତାନାଙ୍କ 'ଡିଜିଟାଲ ଉପବାସ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ଓ ଶିକ୍ଷଣୀୟ ହୋଇଛି । ସେଭଳି 'ଚୋରି ଓ ପ୍ରାୟଶ୍ଚିତ', 'ସ୍ୱାମୀର ସାହାସିକତା', 'ଶ୍ରେଷ୍ଠ ଗୁରୁ' ଆଦି ଅନୁବାଦ ଗପ ମଧ୍ୟ ଶିକ୍ଷଣୀୟ ଓ ପ୍ରେରଣାପ୍ରଦ ହୋଇଛି । 'କବିତା ବିଭାଗ'ରେ ଡ. ସୁଷମା ମିଶ୍ରଙ୍କ 'ନୂଆ ବରଷ', ସୁରଞ୍ଜନ ପାତ୍ରଙ୍କ 'ଘାସଫୁଲ', କମଳିନୀ ମଲ୍ଲିକଙ୍କ 'ନବ ଚେତନା', ଲକ୍ଷ୍ମୀପ୍ରିୟା ଦାଶଙ୍କ 'ବୀର ସୁରେନ୍ଦ୍ର ସାଏ', ପ୍ରହଲ୍ଲାଦ ଛାଟୋଇଙ୍କ 'ଶୀତ ଋତୁ', ଧ୍ରୁବ ଚରଣ ଘିବେଲାଙ୍କ 'ଖାଇବା କହିବା ଅଳପ ଭଲ', ରଞ୍ଜନା ମଞ୍ଜରୀ କରଙ୍କ 'ସୈନିକ' ଆଦି କବିତା ଭାବ ଛଳଛଳ ଓ ମର୍ମସ୍ପର୍ଶୀ ହୋଇଛି । ସେଭଳି 'ମୋ ଆଶା'ରେ ପ୍ରକାଶିତ କବିତାଗୁଡ଼ିକର ଭାଷା ଅତ୍ୟନ୍ତ ସରଳ ଓ ବୋଧଗମ୍ୟ । ସଂପାଦକୀୟଠାରୁ ଆରମ୍ଭ କରି ଆମ ପ୍ରତିଭା, କୁନି ମଡେଲ, ଆମ ହାତ ଅଙ୍କା ଛବି ଆଦି ଆକର୍ଷଣୀୟ ହୋଇଛି । 'ମୋ ଆଶା'ର ଜାନୁଆରୀ-ମାର୍ଚ୍ଚ ୨୦୨୬ ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।■

## ଆମ ହାତ ଅଙ୍କା ଛବି






**ପ୍ରିୟଲ ଶାହ**
ପ୍ରଥମ ଶ୍ରେଣୀ
ଗୀତା ଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାରଖଣ୍ଡ






**ସାତ୍ୱିକା ମହାପାତ୍ର**
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ସାଇଶ୍ରୀ ବେହେରା**
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର
ନିମାପଡ଼ା





**ଅଂଶୁମାନ ସାହୁ**
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ

# ଦ୍ୱିତୀୟ ଟି-୨୦ରେ ଭାରତର ଦମ୍‌ଦାର ବିଜୟ

## ଈଶାନ, ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ



ରାୟପୁର,୨୩।୧(ଏଜେନ୍ସି): ଇଶାନ କିସାନ ଓ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ତୃତୀୟ ୱିକେଟରେ ଶତକୀୟ ଭାଗିଦାରୀ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୨-୦ରେ ଆଗୁଆ ରହିଛି। ନାଗପୁରରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲାବେଳେ ସିରିଜ୍‌ର ତୃତୀୟ ମ୍ୟାଚ୍ ଗୁଆହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୫ ତାରିଖ ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୮ ରନ୍ କରିଥିଲା। ଜବାବରେ ଇଶାନ ୩୨ ବଲ୍‌ରେ ୭୬ ରନ୍ ଓ ସୂର୍ଯ୍ୟକୁମାର ଯାଦବ ୩୭ ବଲ୍‌ରେ ଅପରାଜିତ ୮୨ ରନ୍ କରିବା ଫଳରେ ଭାରତ ୧୫.୨ ଓଭରରେ ମାତ୍ର ୩ ୱିକେଟ ହରାଇ ଦମ୍‌ଦାର ବିଜୟ ହାସଲ କରିଛି। ପାୱାର ପ୍ଲେ’ରେ ବିଶ୍ୱର ମାତ୍ର ଦ୍ୱିତୀୟ ବ୍ୟାଟର ଭାବେ ୨୧ଟି ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିବା ଇଶାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହାଛଡ଼ା ଦମ୍‌ଦାର ବିଜୟ ସହ ଭାରତ ଘରୋଇ ମାଟିରେ ୧୦୦ତମ ମ୍ୟାଚ୍ ଖେଳି ୬୮ତମ ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରିଛି।

ଏହି ମ୍ୟାଚ୍‌ରେ ୨୦୯ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଭାରତ ମାତ୍ର ୭ଟି ବଲ୍‌ରେ ଦୁଇ ଓପନର ସଞ୍ଜୁ ସାମସନ (୬) ଓ ଅଭିଷେକ ଶର୍ମା (୦)ଙ୍କୁ ହରାଇଥିଲା। ୧.୧ ଓଭରରେ ମାତ୍ର ୬ ରନ୍‌ରେ ଏହି ଖେଳାଳି ଆଉଟ ହେବା ପରେ ନଂ-୩ ଇସାନ କିଶାନ ଓ ସୂର୍ଯ୍ୟକୁମାର ଯାଦବଙ୍କୁ ସେମାନଙ୍କ ଖେଳ ଦେଖାଇବାର ସୁଯୋଗ ମିଳିଥିଲା। ବିଶେଷ କରି ଜବରଦସ୍ତ ଫର୍ମରେ ଥିବା ଇଶାନ ମାତ୍ର ୨୧ ବଲ୍‌ରେ ୫୦ ରନ୍ ପୂରଣ କରି ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଦ୍ରୁତତମ ଅର୍ଦ୍ଧଶତକକାରୀ ବିବେଚିତ ହୋଇଥିଲେ। ସେ ମଧ୍ୟ ବିଶ୍ୱର ତୃତୀୟ ତଥା ଟେଷ୍ଟ ଖେଳୁଥିବା ଦେଶ ମଧ୍ୟରେ ଦ୍ୱିତୀୟ ଖେଳାଳିଭାବେ ପାୱାର ପ୍ଲେ’ (ପ୍ରଥମ ୬ ଓଭର ମଧ୍ୟରେ) ଅର୍ଦ୍ଧଶତକ ପୂରଣ କରିବାର ରେକର୍ଡ କରିଥିଲେ। ୧୦ମ ଓଭରର ପ୍ରଥମ ବଲ୍‌ରେ ଆଉଟ ହେଲା ବେଳକୁ ସେ ମାତ୍ର ୩୨ ବଲ୍‌ରୁ ୧୧ ଚୌକା ଓ ୪ଛକା ସହ ୭୬ ରନ୍ କରି ଭାରତକୁ ବିଜୟ ରାସ୍ତା ଦେଖାଇଥିଲେ। ସେ ଆଉଟ ହେବା ପୂର୍ବରୁ ସୂର୍ଯ୍ୟକୁମାରଙ୍କ ସହ ତୃତୀୟ ୱିକେଟରେ ୪୮ ବଲ୍‌ରୁ ୧୨୨ ରନ୍ ଉଠାଇଥିଲେ। ଇଶାନଙ୍କ ପରେ ସୂର୍ଯ୍ୟକୁମାରଙ୍କ ସହ ଯୋଗ ଦେଇ ଶିବମ ଦୁବେ ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ମନଇଚ୍ଛା ଚୌକା ଛକା ମାରିଥିଲେ। ଏହା ମଧ୍ୟରେ ସୂର୍ଯ୍ୟକୁମାର ୨୩ଟି ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ୨୦୨୪ ଅକ୍ଟୋବର ପରେ ସୂର୍ଯ୍ୟକୁମାର ୨୪ତମ ଇନିଂସରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ପରେ ସେ ଆଉଟ ହେବାର ୩ଟି ସୁଯୋଗ ଦେଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଖେଳାଳି କ୍ୟାଚ୍ ଧରି ପାରି ନ ଥିଲେ। ଅବିଭକ୍ତ ଚତୁର୍ଥ ୱିକେଟରେ ସୂର୍ଯ୍ୟକୁମାର ଓ ଶିବମ ୩୭ ବଲ୍‌ରୁ ୮୧ ରନ୍ ଉଠାଇ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଏହା ସହ ଟି-୨୦ରେ ଭାରତ ମଧ୍ୟ ସର୍ବାଧିକ ରନ୍ ଚେଜ୍ କରିଥିଲା। ପ୍ରତିପକ୍ଷ ଦଳର ଜାକାରୀ ଫୋକ୍ସ ୨ ଓଭରରେ ୪୯ (ବିଶ୍ୱରେ ସର୍ବାଧିକ) ଓ ୩ ଓଭରରେ ୬୭ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ରାଚିନ ରବୀନ୍ଦ୍ର ୨୬ ବଲ୍‌ରେ ୪୪ ଓ ଅଧିନାୟକ ମିଚେଲ ସାଣ୍ଟନର ୨୭ ବଲ୍‌ରେ ଅପରାଜିତ ୪୭ ରନ୍ କରିବା ଫଳରେ ଦଳ ୨୦୦ ରନ୍ ଅତିକ୍ରମ କରିଥିଲା। ଭାରତ ପକ୍ଷରୁ କୁଳଦୀପ ଯାଦବ ୨ଟି, ହାର୍ଦ୍ଦିକ ପାଣ୍ଡ୍ୟା, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ ଶିବମ ଦୁବେ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

## ● ହକି ଇଣ୍ଡିଆ ଲିଗ୍‌ରେ ହେଣ୍ଡ୍ରିକ୍ସଙ୍କ ଡବଲ ଗୋଲ

# ଫାଇନାଲରେ କଳିଙ୍ଗ ଲାନ୍ସର୍ସ

ଭୁବନେଶ୍ୱର,୨୩।୧(ସମିସ): ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ କ୍ୱାଲିଫାୟର-୧ରେ ପରାସ୍ତ କରି ପ୍ରଥମ ଦଳ ଭାବେ ହକି ଇଣ୍ଡିଆ ଲିଗ୍ ଫାଇନାଲରେ ପ୍ରବେଶ କରିଛି। ତାରକା ଖେଳାଳି ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସଙ୍କ ଡବଲ ଗୋଲ ବଳରେ ଦଳ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ଓଡ଼ିଆ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରାଙ୍କ ଡବଲ ଗୋଲ ବଳରେ ହାଇଦରାବାଦ୍ ତୁଫାନ୍ସ ୨-୦ରେ ଏସ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ (ଜିସି)କୁ ହରାଇ କ୍ୱାଲିଫାୟର-୨ରେ ପ୍ରବେଶ କରିଛି। କ୍ୱାଲିଫାୟର-୨ ଆସନ୍ତା ୨୫ରେ ଖେଳାଯିବ। ଏଥିରେ



କ୍ୱାଲିଫାୟର-୧ରେ ପରାଜିତ ରାଞ୍ଚି ରୟାଲ୍ସ ଓ ଏଲିମିନେଟରରେ ବିଜୟୀ ହାଇଦରାବାଦ୍ ତୁଫାନ୍ସ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଜାନୁଆରୀ ୨୬ରେ ଫାଇନାଲ ଖେଳିବ। ଆଜିର କ୍ୱାଲିଫାୟର ମୁକାବିଲାରେ ବିଜୟୀ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ୨ଟି ଯାକ ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର କରିଥିଲେ। ଆଜି ପ୍ରଥମେ ଏଲିମିନେଟର ମୁକାବିଲା ଆୟୋଜିତ ହୋଇଥିଲା। ଏଥିରେ ହାଇଦରାବାଦ୍ ତୁଫାନ୍ସ ଆରମ୍ଭରୁ ଦମ୍‌ଦାର ଖେଳିଥିଲା। ସ୍ଥାନୀୟ ଖେଳାଳି ଶିଳାନନ୍ଦ ଲାକ୍ରା ଏଠାରେ ଚମତ୍କାର ଖେଳି ଦୁଇଟି ଗୋଲ ଦେଇଥିଲେ। ଖେଳର ୧୬ତମ ଓ ୩୯ତମ ମିନିଟ୍‌ରେ ସେ ଦୁଇଟି ଗୋଲ ଦେଇ ତୁଫାନ୍ସର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ଆରମ୍ଭରୁ ତୁଫାନ୍ସ ଦଳ ଏକାଧିକ ସୁଯୋଗ ପାଇଥିଲା। ତାହାକୁ କିନ୍ତୁ ଖେଳାଳିମାନେ ଗୋଲ୍‌ରେ ପରିଣତ କରି ପାରି ନ ଥିଲେ। ଶେଷରେ ସୁଯୋଗର ଫାଇଦା ଉଠାଇ ଶିଳାନନ୍ଦ ଗୋଲ ଦେବାରେ ସମର୍ଥ ହୋଇଥିଲେ।

# ବାଂଲା ଉପରେ ହୋଇପାରେ କାର୍ଯ୍ୟାନୁଷ୍ଠାନ

ଦୁବାଇ,୨୩।୧(ଏଜେନ୍ସି): ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ମନାକରିଥିବା ବାଂଲାଦେଶ କ୍ରିକେଟ ବୋର୍ଡ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ଆଇସିସି ପକ୍ଷରୁ ସୂଚନା ମିଳିଛି। ଆଇସିସିର ଅନୁରୋଧ, ଆଲୋଚନା ଓ ଚେତାବନୀ ସତ୍ତ୍ୱେ ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ଯିବନାହିଁ ବୋଲି ସ୍ପଷ୍ଟଭାବେ ମନା କରିଥିଲା। ଏହା ଉପରେ ଏଯାଏ କୌଣସି ନିଷ୍ପତ୍ତି ନିଆଯାଇନାହିଁ। କିନ୍ତୁ ଏହା ମଧ୍ୟରେ ସ୍କଟଲାଣ୍ଡକୁ ବିଶ୍ୱକପ୍ ଖେଳିବାକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିସି ଚେୟାରମ୍ୟାନ୍ ଜୟ ଶାହ ଆଜି ଦୁବାଇରେ ପହଞ୍ଚିଛନ୍ତି। ଆଇସିସିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ନିର୍ଦ୍ଦେଶରେ କେକେଆର ଆଇପିଏଲ୍‌ରୁ ବିଦା କରିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଯାହା ଫଳରେ ନିଜ ଖେଳାଳିଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ବାଂଲାଦେଶ ବିଶ୍ୱକପ୍ ଖେଳିବାକୁ ଭାରତ ଆସିବାକୁ ମନା କରିଦେଇଥିଲା। ଏବେ ଆଇସିସି ନିଷ୍ପତ୍ତି ଉପରେ ସମସ୍ତେ ଅପେକ୍ଷା କରିଛନ୍ତି।

## ● ସିକେ ନାଇଡୁ ଟ୍ରଫିରେ ଆଶୁତୋଷଙ୍କୁ ୫ ୱିକେଟ

# ହରିଆଣା ୨୭୬; ଓଡ଼ିଶା ୫୨/୦

ସମ୍ବଲପୁର,୨୩।୧(ସମିସ): ଆଶୁତୋଷ ମାର୍ଣ୍ଡିଙ୍କ ବୋଲିଂ ସଫଳତା ବଳରେ ସ୍ମରଣୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଆଜି ଆରମ୍ଭ ହୋଇଥିବା ସିକେ ନାଇଡୁ ଟ୍ରଫିରେ ଭ୍ରମଣକାରୀ ହରିଆଣା ୨୭୬ ରନ୍‌ରେ ଅଲଆଉଟ ହୋଇଛି। ଦଳ ପକ୍ଷରୁ ଓପନର ରୋହନ ଦେଶୱାଲ ସର୍ବାଧିକ ୧୦୮, ବିବେକ କୁମାର ୫୫, ସାମନ୍ତ ଝାକର ୨୫ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ମିଡିୟମ୍ ପେସ୍ ବୋଲର ଆଶୁତୋଷ ମାର୍ଣ୍ଡି ସର୍ବାଧିକ ୫ଟି, ଆଶୁତୋଷ ଛୁରିଆ ଓ ସାଇଦୀପ ମହାପାତ୍ର ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଓଡ଼ିଶା କୌଣସି ୱିକେଟ ନ ହରାଇ ୫୨ ରନ୍ କରିନେଇଛି। ଓପନର ଦିନେଶ ମାଝି ୨୬ ଓ ଅଧିନାୟକ ଓମ୍‌ଟି ମୁଣ୍ଡେ ୨୨ ରନ୍‌ରେ ବ୍ୟାଟିଂ କରୁଥିଲେ।

# ଟି-୨୦ ବିଶ୍ୱକପ୍: ପାକିସ୍ତାନ ଦଳରେ ଆଜମ୍, ଆଫ୍ରିଦି ସାମିଲ

କରାଚି,୨୩।୧(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ଲାଗି ପାକିସ୍ତାନ ଦଳ ଘୋଷଣା କରାଯାଇଛି। ନିକଟରେ ଶ୍ରୀଲଙ୍କା ସହ ଟି-୨୦ ସିରିଜ୍ ଖେଳି ନ ଥିବା ଦଳର ଦୁଇ ପ୍ରମୁଖ ଖେଳାଳି ବାବର ଆଜମ ଓ ସାହିନ୍ ଆଫ୍ରିଦିଙ୍କୁ ଦଳରେ ସାମିଲ କରାଯାଇଛି। ବିବିଏଲ୍‌ରୁ ଆଗୁଆ ଫେରି ଆଜମ ପାକିସ୍ତାନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଛନ୍ତି। ଫିଟ୍ ହେବା ପରେ ଆଫ୍ରିଦି ମଧ୍ୟ ଏହି ଶିବିରରେ ରହିଛନ୍ତି। ଏହି ଦଳ ମଧ୍ୟ ଫେବୃଆରୀ ୧ ମଧ୍ୟରେ ଅଷ୍ଟ୍ରେଲିଆ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ଗ୍ରୁପ୍-ଏ’ରେ ସ୍ଥାନ ପାଇଥିବା ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳିବ। ଫେବୃଆରୀ ୭ରେ ନେଦରଲାଣ୍ଡ ସହ ମୁକାବିଲାରୁ ପାକିସ୍ତାନ ତାହାର ଅଭିଯାନ ଆରମ୍ଭ କରିବ। ୧୫ରେ ଭାରତ ସହ ମୁକାବିଲା କରିବ।

**ଘୋଷିତ ଦଳ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ବାବର ଆଜମ, ଫହୀମ ଅଶ୍ରଫ, ଫକର ଜମାନ, ଖ୍ୱାଜା ମହମ୍ମଦ୍ ନାଫାୟ, ମହମ୍ମଦ୍ ନୱାଜ, ମହମ୍ମଦ୍ ସଲମାନ ମିର୍ଜା, ମହମ୍ମଦ୍ ୱାସିମ ଜୁନିଅର, ନସୀମ ଶାହ, ସାହିବଜାଦା ଫରହାନ୍, ସାଏମ ଆୟୁବ, ସାହିନ ଆଫ୍ରିଦୀ, ସଦାବ ଖାନ୍, ଉସ୍‌ମାନ ଖାନ୍ ଓ ଉସ୍‌ମାନ ତାରିକ୍।

# ଅଷ୍ଟ୍ରେଲିଆନ୍ ଓପନ୍: ପ୍ରି-କ୍ୱାର୍ଟରରେ ମୁଚୋଭା, ଆଲ୍‌କାରାଜ





ମେଲ୍‌ବୋର୍ଣ୍ଣ, ୨୩।୧ (ଏଜେନ୍ସି): ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନର ଶୁକ୍ରବାର ଖେଳାଯାଇଥିବା ୩ୟ ରାଉଣ୍ଡ ମ୍ୟାଚ୍‌ର ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ କାର୍ଲୋସ୍ ଆଲକାରାଜ୍ ୪ର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସ୍ପେନ୍‌ର ଆଲକାରାଜ୍ ସହଜରେ ୬-୨, ୬-୪, ୬-୧ ସେଟେରେ ୩୨ନଂ ସିଡ୍ ଫ୍ରାନ୍ସର କୌରେଣ୍ଟିନ୍ ମୌଟେଟ୍‌ଙ୍କୁ ପରାସ୍ତ କରିଛନ୍ତି। ଏଠାରେ ସେ କ୍ୱାର୍ଟରଫାଇନାଲ ଅତିକ୍ରମ କରିନାହାନ୍ତି। ୩ୟ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ମଧ୍ୟ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ଗତବର୍ଷ ଏଠାରେ ଫାଇନାଲ ଖେଳିଥିବା ଜ୍ୱେରେଭ୍ ୭-୫, ୪-୬, ୬-୧, ୬-୩ ସେଟ୍‌ରେ ୨୬ନଂ ସିଡ୍ ବ୍ରିଟେନର କାମେରନ୍ ନୋରିଙ୍କୁ ପରାସ୍ତ କରିଛନ୍ତି। ୬ଷ୍ଠ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ୧୦ମ ସିଡ୍ ଆଲେକଜାଣ୍ଡର ବୁବଲିକ୍,୧୧ନଂ ସିଡ୍ ରୁଷିଆର ଡାନିଲ ମେଦଭେଦେଭ୍ ୫ଟି ସେଟେରେ ହଙ୍ଗେରୀର ଫାବିଆନ୍ ମାରିଜାନ୍‌ଙ୍କୁ ହରାଇଛନ୍ତି।

ମହିଳା ସିଙ୍ଗଲ୍ସରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ୭-୬, ୭-୬ ସେଟ୍‌ରେ ଅଷ୍ଟ୍ରିଆର ଆନାସ୍ତାସିଆ ପୋଟାପୋଭାଙ୍କୁ ପରାସ୍ତ କରିଛନ୍ତି। ୨ ଥର ଅଷ୍ଟ୍ରେଲିଆନ୍ ଓପନ୍ ସହ ମୋଟ ୪ଟି ଗ୍ରାଣ୍ଡସ୍ଲାମ୍ ଜିତିଥିବା ବେଲାରୁଷର ସାବାଲେଙ୍କା ପ୍ରି-କ୍ୱାର୍ଟରରେ ୧୭ଶ ସିଡ୍ କାନାଡାର ଭିକ୍ଟୋରିଆ ଏମ୍ବୋକୋଙ୍କ ମୁକାବିଲା କରିବେ। ୩ୟ ସିଡ୍ ଆମେରିକାର କୋକୋ ଗୌଫ୍ ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ୭ମ ସିଡ୍ ଇଟାଲୀର ଜସ୍ମିନ୍ ପାଓଲିନି ହାରିଛନ୍ତି। ପାଓଲିନିଙ୍କୁ ୬-୨, ୭-୬ ସେଟେରେ ଆମେରିକାର ଇଭା ଜୋଭିଚ୍ ହରାଇଛନ୍ତି। ପ୍ରି-କ୍ୱାର୍ଟରଫାଇନାଲରେ ପହଞ୍ଚିଥିବା ଅନ୍ୟ ଦୁଇ ଖେଳାଳି ହେଲେ ୧୭ନଂ ସିଡ୍ କାନାଡାର ଭିକ୍ଟୋରିଆ

ଏମ୍ବୋକୋ ଓ ୧୯ନଂ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭା। ୮ମ ସିଡ୍ ରୁଷିଆର ମିରା ଆଣ୍ଡ୍ରିଭା ୬-୩, ୬-୪ ସେଟ୍ରେ ରୋମାନିଆର ଏଲିନା ରୁସ୍‌ଙ୍କୁ ପରାସ୍ତ କରିଛନ୍ତି। ୧୨ଶ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନା ୭-୬, ୬-୩ ସେଟରେ ରୁଷିଆର ଡାଏନା ସ୍ନାଇଡରଙ୍କୁ ପରାସ୍ତ କରିଛନ୍ତି।

## ଦ୍ୱିତୀୟ ଇଣ୍ଡିଆ ତାଏକ୍ୱାଣ୍ଡୋ ଫେଡେରେସନ କପ୍‌ରେ ଓଡ଼ିଆଙ୍କ ସଫଳତା

ଭୁବନେଶ୍ୱର,୨୩।୧(ସମିସ): ରାଜସ୍ଥାନର ଜୟପୁରରେ ଜାନୁଆରୀ ୧୮ରୁ ୨୩ ମଧ୍ୟରେ ଆୟୋଜିତ ଦ୍ୱିତୀୟ ଇଣ୍ଡିଆ ତାଏକ୍ୱାଣ୍ଡୋ ଫେଡେରେସନ କପ୍‌ରେ ଓଡ଼ିଆ ଖେଳାଳିମାନ ସଫଳ ପ୍ରଦର୍ଶନ କରିଛନ୍ତି। ଏଥିରେ ଓଡ଼ିଶାରୁ ୧୫୦ରୁ ଅଧିକ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସୁଧାମୟୀ ପାଢ଼ୀ ସ୍ୱର୍ଣ୍ଣ, ସୋହମ, ସ୍ୱରାଜ ଶେଖର ନାୟକ, ଶିବ ପାଇକ, ସୋନାକ୍ଷୀ ସେଠୀ, ସୁଧାମୟୀ ପାଢ଼ୀ ସ୍ୱର୍ଣ୍ଣ, ଜାଭିଲି ତନୁଜ ରୌପ୍ୟ, ଆଲିଶା ସାବତ- ପି, ପ୍ରତୀକ ପାତ୍ର ରୌପ୍ୟ, ସୁବର୍ଣ୍ଣ ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ଆହୁରି ଏକାଧିକ ଖେଳାଳି ରୌପ୍ୟ ଓ କାଂସ୍ୟ ପଦକ ମଧ୍ୟ ହାସଲ କରିଛନ୍ତି। ପଦକ ହାସଲ କରିଥିବା ଖେଳାଳିଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ରାଜ୍ୟ ତାଏକ୍ୱାଣ୍ଡୋ ସଂଘର ଅଧ୍ୟକ୍ଷ ହରିପ୍ରସାଦ ପଟ୍ଟନାୟକ, ସଭାପତି ଚିନ୍ମୟ କୁମାର ସାହୁ, ପୃଷ୍ଠପୋଷକ ଦେବେନ୍ଦ୍ର କୁମାର ସାହୁ, ଉପଦେଷ୍ଟା ରଞ୍ଜିତା ସ୍ୱାଇଁ, ସାଧାରଣ ସମ୍ପାଦକ ଚିନ୍ମୟ ବେହେରା, ଉପ- ସଭାପତି ପ୍ରସନ୍ନ କୁମାର ରାଉତ ଅଭିନନ୍ଦନ ଜଣାଇଛନ୍ତି।

# ପାଣି ପିଇବାକୁ ଯାଇ ଅଭିମନ୍ୟୁ ଆଉଟ

କୋଲକାତା,୨୩।୧(ଏଜେନ୍ସି): ବେଙ୍ଗଲ ରଣଜୀ ଦଳର ସୁପରଷ୍ଟାର ଅଭିମନ୍ୟୁ ଈଶ୍ୱରନ୍ ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ରେ ଏକ ଅଭାବନୀୟ ପରିସ୍ଥିତିରେ ଆଉଟ ହୋଇଛନ୍ତି। ଗତକାଲି ଏହି ମୁକାବିଲାର ଥିଲା ପ୍ରଥମ ଦିନ। ୪୧ତମ ଓଭରର ଶେଷ ବଲ୍‌କୁ ଷ୍ଟ୍ରାଇକ୍‌ରେ ଥିବା ବ୍ୟାଟର ସୁଦୀପ ଚାଟାର୍ଜୀ ପୁସ୍ କରିଥିଲେ। ବଲଟି ସିଧାସଳଖ ବୋଲିଂ କରିଥିବା ଆଦିତ୍ୟ କୁମାରଙ୍କ ହାତକୁ ଯାଇଥିଲା। ଏହି ସମୟରେ ଡ୍ରିଙ୍କସ ନେବାକୁ ଅଭିମନ୍ୟୁ ପାଭିଲିଅନ ଅଭିମୁଖେ ଚାଲିଯାଇଥିଲେ। ବଲ୍‌ଟି କିନ୍ତୁ ଆଦିତ୍ୟଙ୍କ ହାତରେ ବାଜି ଷ୍ଟମ୍ପ୍‌ରେ ବାଜିଥିଲା। ସର୍ଭିସେସ୍‌ର ଖେଳାଳିମାନେ ଅଭିମନ୍ୟୁଙ୍କ ଆଉଟ ଲାଗି ଆବେଦନ କରିଥିଲେ। ଏହି ଆବେଦନ ତୃତୀୟ ଅମ୍ପାୟାରଙ୍କ ଦ୍ୱାରା ଗୃହୀତ ହୋଇଥିଲା ଓ ଦମ୍‌ଦାର ୮୧ ରନ୍ କରି ୨୮ତମ ପ୍ରଥମଶ୍ରେଣୀ ଶତକ ଅଭିମୁଖେ ସେଟ୍ ହୋଇଥିବା ଅଭିମନ୍ୟୁ ଆଉଟ ହୋଇଯାଇଥିଲେ। ସେ ରନ୍ ନେବାକୁ ଚେଷ୍ଟା କରି ନ ଥିଲେ କିମ୍ବା ସେଭଳି କିଛି କରି ନ ଥିଲେ। କିନ୍ତୁ ନିୟମ ଅନୁଯାୟୀ ଆଦିତ୍ୟଙ୍କ ହାତରେ ବଲ୍ ଥିବାରୁ ତାହା ଡେଡ୍ ହୋଇ ନ ଥିଲା।



ଏଭଳି ତ୍ରୁଟିକୁ ସ୍ୱୀକାର କରିଛନ୍ତି ବେଙ୍ଗଲର ଅଭିମନ୍ୟୁ। ତାଙ୍କ ମତରେ ଏହା ମୋର ଅନିଚ୍ଛାକୃତ ତ୍ରୁଟି। କିନ୍ତୁ ମୁଁ ସେପରି କିଛି କରି ନ ଥିବାରୁ ସର୍ଭିସେସ୍‌ର ଖେଳାଳିମାନେ ମୋତେ ଫେରାଇନେବେ ବୋଲି ଆଶା କରୁଥିଲି। କିନ୍ତୁ ତାହା ହୋଇ ନ ଥିଲା। ଯାହା ଫଳରେ ମୋତେ ଆଉଟ ହେବାକୁ ପଡ଼ିଥିଲା। ଏହା ମୋତେ ମହାଶିକ୍ଷା ଦେଇଛି ଓ ଭବିଷ୍ୟତରେ ଏଭଳି ତ୍ରୁଟି ଯେପରି ନ ହୁଏ ସେଥିପ୍ରତି ଯତ୍ନବାନ ହେବି ବୋଲି ଅଭିମନ୍ୟୁ କହିଛନ୍ତି।

## ରଣଜୀ ଟ୍ରଫି

# ଓଡ଼ିଶା ୧୪୮ ରନ୍‌ରେ ଅଲ୍‌ଆଉଟ

କଟକ,୨୩।୧(ସମିସ): କିଟ ଗ୍ରାଉଣ୍ଡରେ ଖେଳାଯାଉଥିବା ତାମିଲନାଡୁ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଛି। ଭ୍ରମଣକାରୀ ତାମିଲନାଡୁର ପ୍ରଥମ ପାଳି ୨୮୬ରନରେ ସୀମିତ ରହିବା ପରେ ଓଡ଼ିଶା ୧୪୮ରନରେ ଅଲଆଉଟ ହୋଇଛି। ଚଳିତ ସିଜନରେ ଦଳର ଏହା ସର୍ବନିମ୍ନ ସ୍କୋର। ଶୁକ୍ରବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ତାମିଲନାଡୁ ଦ୍ୱିତୀୟ ପାଳିରେ ଗୋଟିଏ ୱିକେଟ ହରାଇ ୨୬ରନ ସଂଗ୍ରହ କରିଛି। ୧୬୪ରନରେ ଆଗୁଆ ରହିଥିବା ତାମିଲନାଡୁ ଦୃଢ଼ ସ୍ଥିତିରେ ପହଞ୍ଚିବା ସହ ଏଠାରେ ବିଜୟ ପଏଣ୍ଟ ହାତେଇବାକୁ ଆଶା ବାନ୍ଧିଛି।

ଅସମାପ୍ତ ପ୍ରଥମ ପାଳି ୨୮୧/୭ରୁ ଆଜି ତାମିଲନାଡୁ ଖେଳ ଆରମ୍ଭ କରିଥିଲା। ଦଳୀୟ ସ୍କୋରରେ ଆଉ ୫ରନ ଯୋଡ଼ି ହେବା ସହ ଅବଶିଷ୍ଟ ୩ ୱିକେଟ ପତନ ଘଟିଥିଲା। ୫୪ରନରେ ଅପରାଜିତ ଥିବା ନିଧିଶ ରାଜଗୋପାଳ ଏବଂ ୧୨ରନରେ ଅପରାଜିତ ଥିବା ଅଧିନାୟକ ସାଇ କିଶୋର ବ୍ୟକ୍ତିଗତ ସ୍କୋରକୁ ବଢ଼ାଇବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ତ୍ରିଲୋକ ନାଗଙ୍କୁ ୧ରନରେ କ୍ଲିନ ବୋଲ୍ଡ କରି ଦେବବ୍ରତ ପ୍ରଧାନ ତାମିଲନାଡୁ ଇନିଂସର ପରିସମାପ୍ତି ଘଟାଇଥିଲେ। ଦେବବ୍ରତ ଏବଂ ରାଜେଶ ମହାନ୍ତିଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିବା ବେଳେ ଗୋବିନ୍ଦ ପୋଦ୍ଦାର ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଥମ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୧ରନରେ ୫ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ସ୍ୱସ୍ତିକ ସାମଲ ୧ରନ, ଶାନ୍ତନୁ ମିଶ୍ର ୬ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୨ରନ, ଗୋବିନ୍ଦ ପୋଦ୍ଦାର ୦ ଏବଂ ବିପ୍ଳବ ସାମନ୍ତରାୟ ୧ରନରେ ଆଉଟ ହୋଇଥିଲେ। ନାଗାଲାଣ୍ଡ ବିପକ୍ଷରେ ଶତକୀୟ ପାଳି ଖେଳିଥିବା ୨୫ବର୍ଷୀୟ ଡାହାଣହାତୀ ବ୍ୟାଟର ଅନୀଲ ପରିଡ଼ା ଏଠାରେ ପୁର୍ନବାର ନିଜ ଦକ୍ଷତାର ଛାପ ଛାଡ଼ିଥିଲେ। ୧୨୮ ବଲ ସମ୍ମୁଖୀନ ହୋଇ ୬ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୫୬ରନ ସଂଗ୍ରହ କରି ଓଡ଼ିଶାକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳାଇଥିଲେ। ୱିକେଟ କିପର ରାଜେଶ ଧୂପର ୮ରନରେ ଆଉଟ ହୋଇଥିବା ବେଳେ ସମ୍ବିତ ବରାଳ ୩୬ରନ, ଦେବବ୍ରତ ୧୫ରନ ଏବଂ ରାଜେଶ ମହାନ୍ତି ୬ରନ କରିଥିଲେ।

ତାମିଲନାଡୁର ଡାହାଣହାତୀ ପେସ୍ ବୋଲର ସୋନୁ ଯାଦବ ସର୍ବାଧିକ ୫ଟି ୱିକେଟ ଅକ୍ତିଆର କରିଛନ୍ତି।



## ଇନିଂସ ଅଗ୍ରଣୀ ସହ ଦୃଢ଼ ସ୍ଥିତିରେ ତାମିଲନାଡୁ

# ମ୍ୟାଚ୍ ମଝିରେ ଆହତ ଖେଳାଳି ବଦଳ

ଲକ୍ଷ୍ନୌ,୨୩।୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟରେ ଗମ୍ଭୀର ଆଘାତ ସମସ୍ୟାକୁ ନେଇ ଯେପରି କନ୍‌କସନ ମାଧ୍ୟମରେ ଖେଳାଳି ବଦଳ କରାଯାଉଛି, ସେହିପରି ଘରୋଇ ରଣଜୀ ଟ୍ରଫି କ୍ରିକେଟରେ ଏହି ନିୟମକୁ ଲାଗୁ କରାଯାଇଛି। ଗୁରୁତର ଆହତ ଖେଳାଳିଙ୍କୁ ତାଙ୍କ ସମକକ୍ଷ ଖେଳାଳିଙ୍କ ସହ ପରିବର୍ତ୍ତନ କରାଯିବାର ନିୟମ ରହିଛି। ଚଳିତ ସିଜନରେ ଉତ୍ତରପ୍ରଦେଶ ଓ ଝାଡଖଣ୍ଡ ମଧ୍ୟରେ ଚାଲିଥିବା ମ୍ୟାଚ୍‌ରେ ଏପରି ଦେଖିବାକୁ ମିଳିଛି। ଘଟଣାରୁ ଜଣାଯାଇଛି, ପ୍ରଥମଦିନ ଲଞ୍ଚ୍‌ବେଳକୁ ଉତ୍ତରପ୍ରଦେଶର ପ୍ରଶାନ୍ତ ବୀର ଆହତ ହୋଇଥିଲେ। ଖେଳ ଶେଷରେ ପ୍ରଶାନ୍ତଙ୍କ ମେଡିକାଲ ରିପୋର୍ଟରୁ ସେ ଆଉ ଏହି ମ୍ୟାଚ୍‌ରେ ଖେଳିପାରିବେ ନାହିଁ ବା ୩ ସପ୍ତାହ ପୂର୍ବରୁ ଫିଟ୍ ହେବେ ନାହିଁ ବୋଲି ଜଣାପଡ଼ିଥିଲା। ଏହି ରିପୋର୍ଟ ପାଇବା ପରେ ମ୍ୟାଚ୍ ରେଫରି ଖେଳାଳି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ। ଦ୍ୱିତୀୟ ଦିନ ସକାଳେ ଉତ୍ତରପ୍ରଦେଶ ଦଳ ସହ ଶିବମ ଶର୍ମା ଖେଳିବାକୁ ଆସିଥିଲେ। ପ୍ରଥମଥର ଘରୋଇ କ୍ରିକେଟରେ ଏହି ନିୟମ ବିସିସିଆଇ ଲାଗୁ କରିଛି ଯାହା ଫଳରେ ଆହତ ହୋଇଥିବା ଖେଳାଳିଙ୍କ ଟିମ୍ ଅସୁବିଧାକୁ ଏଡ଼ାଇଯାଇଛି। ଏଭଳି ଘଟଣା କୋଲକାତାରେ ବେଙ୍ଗଲ ଓ ଗୁଜରାଟ ମଧ୍ୟରେ ଖେଳାଯାଇଥିବା ରଣଜୀ ମ୍ୟାଚ୍‌ରେ ପ୍ରଥମେ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ବେଙ୍ଗଲ ଓପନର ସୁଦୀପ ଚାଟାର୍ଜୀଙ୍କ ବଦଳରେ କାଜି ଜୁନୈଦ୍ ସୈଫି ଖେଳିବାକୁ ଆସିଥିଲେ। ଏହା ଫଳରେ ଆଘାତ ସମସ୍ୟାରୁ ଖେଳାଳି ବଦଳିବାରେ କାଜି ଭାରତର ପ୍ରଥମ ବ୍ୟାଟର ହୋଇଛନ୍ତି।

# ୨ ଦିନରେ ପଞ୍ଜାବକୁ ହରାଇଲା ସୌରାଷ୍ଟ୍ର

ରାଜକୋଟ,୨୩।୧(ଏଜେନ୍ସି): ରଣଜୀ ଟ୍ରଫିର ଷଷ୍ଠ ରାଉଣ୍ଡରେ ଆଜି ପ୍ରଥମ ଫଳାଫଳ ମିଳିଛି। ରାଜକୋଟର ଟର୍ଣ୍ଣିଂ ୱିକେଟରେ ପଞ୍ଜାବ ଓ ସୌରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଦୁଇ ଦିନରେ ଶେଷ ହୋଇଛି। ଏଥିରେ ବାବହାତୀ ସ୍ପିନର ପାର୍ଥ ଭୂତ ୧୦ଟି ୱିକେଟ ନେବା ଫଳରେ ସୌରାଷ୍ଟ୍ର ୧୯୪ ରନ୍‌ରେ ପଞ୍ଜାବକୁ ପରାସ୍ତ କରି ପୂରା ପଏଣ୍ଟ ପାଇଛି। ଏହି ମ୍ୟାଚରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୧୭୨ ଓ ଦ୍ୱିତୀୟ ଇନିଂସରେ ୨୮୬ ରନ୍ କରିଥିଲା। ଜବାବରେ ପଞ୍ଜାବ ଯଥାକ୍ରମେ ୧୩୯ ଓ ୧୨୫ ରନ୍ କରିବାକୁ ସମର୍ଥ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS